

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୭ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 17 OCTOBER 2023

Vol.No. 34 ■ No. 274■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

### ଇସ୍ରାଏଲ୍ ହାମାସ୍ ଯୁଦ୍ଧ

## ତୁରନ୍ତ ଅସ୍ତ୍ରବିରତି ଆବଶ୍ୟକ: ଜାତିସଂଘ



ନୂଆଦିଲ୍ଲୀ,୧୬/୧୦ : ଗାଜା ଏବଂ ଇଜିପ୍ଟ ମଧ୍ୟରେ ଥିବା ରାଫା କ୍ରସିଂ ହେଉଛି ଯୋଗାଣ ପାଇଁ କେବଳ ଶେଷ ଆଉଟଲେଟ୍, କିନ୍ତୁ ଗତ ସପ୍ତାହରୁ ଏହା ବନ୍ଦ ହୋଇଯାଇଛି । ଯାହା ଦ୍ୱାରା ଗାଜାବାସୀ କିମ୍ବା କୌଣସି ବିଦେଶୀ ନାଗରିକ ପ୍ରବେଶ କରିପାରୁନାହାନ୍ତି। ଜାତିସଂଘ ମାନବ ଅଧିକାର କାର୍ଯ୍ୟାଳୟ ଅନୁଯାୟୀ ଗାଜାରେ ମାନବିକ ସହାୟତାକୁ ଅନୁମତି ଦେବା ପାଇଁ ଶତ୍ରୁତାକୁ ତତ୍କାଳ ବନ୍ଦ କରିବା ନିତ୍ୟାନ୍ତ ଜରୁରୀ । ଟଘଐଜଙ ମୁଖପାତ୍ର ରେଭେନା ଶାମଦାସାନି ସୋମବାର ଉଘଘ କୁ କହିଛନ୍ତି, ‘ଏଥିପାଇଁ କୂଟନୈତିକ ପ୍ରୟାସ କରାଯାଇଛି । ଜାତିସଂଘ ମହାସଚୀବ କ୍ରମାଗତ ଭାବରେ ଏଥିରେ ଜଡିତ ସମସ୍ତ ପକ୍ଷମାନଙ୍କ ସହ ଯୋଗାଯୋଗ କରୁଛନ୍ତି ଏବଂ ଅନ୍ୟାନ୍ୟ ସଦସ୍ୟ ରାଷ୍ଟ୍ରମାନେ ମଧ୍ୟ ଯଥା ସମ୍ଭବ ପ୍ରୟାସ କରୁଛନ୍ତି । ଆମକୁ ସୁରକ୍ଷା ଦରକାର ଯାହା ଦ୍ୱାରା ସାହାଯ୍ୟ ପହଞ୍ଚିପାରିବ । ଜଳ, ବିଦ୍ୟୁତ୍, ଖାଦ୍ୟ, ଇନ୍ଧନ ଏବଂ ଔଷଧ ଅଭାବ ସହିତ ଗାଜା ଏକ ମାନବିକ ସଙ୍କଟର ସମ୍ମୁଖୀନ ହେଉଛି । ଶାମଦାସାନି କହିଛନ୍ତି, ‘ଆମେ ଏପରି ଡାକ୍ତରଖାନା ଦେଖିଛୁ ଯାହା ସୁରକ୍ଷା ଦୃଷ୍ଟିରୁ ଖାଲି କରିବାକୁ ବାଧ୍ୟ ହୋଇଛି । ଏଥି ସହିତ, ଆଇସିୟୁ ୱାର୍ଡ ଏବଂ ନବଜାତକ ୟୁନିଟରେ ଥିବା ରୋଗୀଙ୍କ ସହ ଡାକ୍ତରମାନେ ରହିବେ ବୋଲି ଡାକ୍ତରମାନେ ଜିଦ୍ ଧରିଛନ୍ତି ।ସହାୟତା ସାମଗ୍ରୀ ସୀମାରେ ଅଟକି ରହିଛି । ଟଘଐଜଙ ମୁଖପାତ୍ର କହିଛନ୍ତି, ‘ଦକ୍ଷିଣ ଗାଜାରେ ହଜାର ହଜାର ଲୋକଙ୍କୁ ବାଧ୍ୟତାମୂଳକ ସ୍ଥାନାନ୍ତର କରିବା ଅତ୍ୟନ୍ତ କଷ୍ଟସାଧ୍ୟ ମାନବିକ ପରିସ୍ଥିତି ସୃଷ୍ଟି କରିଛି । ସେ କହିଛନ୍ତି ଯେ ସୀମାରେ ବହୁ ପରିମାଣର ସହାୟତା ଏବଂ ରିଲିଫ୍ ସାମଗ୍ରୀ ଅଟକି ରହିଛି। ହଜାର ହଜାର ଲୋକଙ୍କ ମୃତ୍ୟୁ ଆଶଙ୍କା ପ୍ରକାଶ ପାଇଛି । ଗାଜା ଏବଂ ଇଜିପ୍ଟ ମଧ୍ୟରେ ଥିବା ରାଫା କ୍ରସିଂ ହେଉଛି ଯୋଗାଣ ପାଇଁ ଶେଷ ଆଉଟଲେଟ୍, କିନ୍ତୁ ଗତ ସପ୍ତାହରୁ ଏହା ବନ୍ଦ ହୋଇଯାଇଛି । ଯାହା ଦ୍ୱାରା ଗାଜାବାସୀ କିମ୍ବା ବିଦେଶୀ ନାଗରିକ ଗାଜାରେ ପ୍ରବେଶ କରିପାରୁନାହାନ୍ତି ।ଅକ୍ଟୋବର ୭ ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣର ଜବାବରେ ଗାଜାକୁ ନିୟନ୍ତ୍ରଣ କରୁଥିବା ଇସଲାମବାଦୀ ଗୋଷ୍ଠୀ ହମାସକୁ ହଟାଇବାକୁ ଇସ୍ରାଏଲ ଶପଥ ନେଇଛି । ହମାସ ଆକ୍ରମଣରେ ୧୪୦୦ ଜଣଙ୍କର ମୃତ୍ୟୁ ଘଟିଛି । ଇସ୍ରାଏଲ ଅନୁଯାୟୀ, ଅଢେଇ ଲକ୍ଷ ବାସିନ୍ଦା ଉତ୍ତର ଗାଜା ଛାଡି ଦକ୍ଷିଣ ଦିଗକୁ ଯାଇଛନ୍ତି । ପାଲେଷ୍ଟାଇନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ଇସ୍ରାଏଲର ଏୟାର ଷ୍ଟ୍ରାଇକରେ ୨୬୦୦ ଅଧିକ ଲୋକ ପ୍ରାଣ ହରାଇଛନ୍ତି ।

## ରତ୍ନଭଣ୍ଡାର ଖୋଲିବା ଦାବିରେ ଚାପ ବଢ଼ାଇଲେ କଂଗ୍ରେସ ଓ ବିଜେପି



ପୁରୀ, ୧୬/୧୦ (ନି.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ଦୁଇ ବିରୋଧୀ ଦଳ କଂଗ୍ରେସ ଓ ବିଜେପି ଏବେ ରାଜ୍ୟ ସରକାରଙ୍କ ଉପରେ ଚାପ ବଢ଼ାଇଛନ୍ତି । କଂଗ୍ରେସ ଆଜି ପୁରୀ ଶରଧା ବାଲିରେ ବିଶାଳ ରାଲି କରି ସରକାରଙ୍କ ଚାପ ବଢ଼ାଇଛି । ଆଉ ବିଜେପି ଖୁବଶୀଘ୍ର ପୁରୀ ଗଜପତି ମହାରାଜାଙ୍କୁ ଭେଟି ରତ୍ନଭଣ୍ଡାର ଖୋଲିବାକୁ ପଦକ୍ଷେପ ନେବାକୁ ଦାବି କରିବ । ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲିବା, ରତ୍ନଭଣ୍ଡାର ଖୋଲି ଅଳଙ୍କାର ଗଣନା ଓ ବେଦାନ୍ତ ପାଇଁ ଅଧିଗୃହୀତ ଜମି ଚାଷୀଙ୍କୁ ଫେରସ୍ତ ଦାବିରେ କଂଗ୍ରେସ ଆଜି ବିଶାଳ ରାଲି କରିଥିଲା । ସେହିପରି ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଶ୍ରୀମନ୍ଦିର ପ୍ରଶାସନ କାହିଁକି ଉଚ୍ଚସ୍ତରୀୟ ▶▶ପୃଷ୍ଠା ୭

## ରାଜ୍ୟର ସମସ୍ତ ୭୫୭୯ଟି ମିନି ଅଙ୍ଗନବାଡ଼ି କେନ୍ଦ୍ର ନିୟମିତ ଅଙ୍ଗନବାଡ଼ି କେନ୍ଦ୍ରକୁ ଉନ୍ନୀତ

ଭୁବନେଶ୍ୱର, ୧୬/୧୦ (ନି.ପ୍ର): ରାଜ୍ୟରେ ଥିବା ସମସ୍ତ ୭୫୭୯ଟି ମିନି ଅଙ୍ଗନବାଡି କେନ୍ଦ୍ରକୁ ନିୟମିତ ଅଙ୍ଗନବାଡି କେନ୍ଦ୍ର ଭାବେ ଉନ୍ନୀତ କରିବା ପ୍ରସ୍ତାବକୁ ଆଜି ଅନୁମୋଦନ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।ଏହାଦ୍ୱାରା ରାଜ୍ୟରେ ଶିଶୁ ଯତ୍ନ କାର୍ଯ୍ୟକ୍ରମ ଆହୁରି ବ୍ୟାପକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ଏହି ୭୫୭୯ଟି ମିନି ଅଙ୍ଗନବାଡି କେନ୍ଦ୍ରର ଉନ୍ନୀତକରଣ ପାଇଁ ୫୫ କୋଟି ୨୧ ଲକ୍ଷ ୩୦ ହଜାର ୧୫୦ ଟଙ୍କା ଖର୍ଚ୍ଚ ହେବ। ଏଥିରୁ ରାଜ୍ୟ ସରକାର ୩୬ କୋଟି ୪୦ ଲକ୍ଷ ▶▶ପୃଷ୍ଠା ୭

### ଦେଶରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ଅପରିବର୍ତ୍ତିତ

ନୂଆଦିଲ୍ଲୀ,୧୬/୧୦ :ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ଅସ୍ଥିର ରହିଛି । ଅଶୋଧିତ ବ୍ରେଣ୍ଟ ମୂଲ୍ୟ ବ୍ୟାରେଲ ପିଛା ୯୧ ଡଲାର ରହିଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ମୂଲ୍ୟ ବ୍ୟାରେଲ ପିଛା ୮୮ ଡଲାର ରହିଛି । ଅନ୍ୟପଟେ ଦେଶରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ କରିନାହାନ୍ତି । ଇଣ୍ଡିଆନ୍ ଅଏଲ ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ସୋମବାର ପେଟ୍ରୋଲ ମୂଲ୍ୟ ଲିଟର ପିଛା ୯୬.୭୨ ଟଙ୍କା ରହିଥିବା ବେଳେ ଡିଜେଲ ଲିଟର ପିଛା ୮୯.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୬.୩୧ ଟଙ୍କା ରହିଥିବା ବେଳେ ଡିଜେଲ ଲିଟର ପିଛା ୯୪.୨୭ ଟଙ୍କା ରହିଛି । କୋଲକାତାରେ ପେଟ୍ରୋଲ ଲିଟର ପିଛା ୧୦୬.୦୩ ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୯୨.୭୬ ଟଙ୍କା ରହିଛି । ଚେନ୍ନାଇରେ ପେଟ୍ରୋଲ ଲିଟର ପିଛା ୧୦୨.୬୩ ଟଙ୍କା ଥିବା ବେଳେ ଡିଜେଲ ଲିଟର ପିଛା ୯୪.୨୪ ଟଙ୍କା ରହିଛି ।

## ଗଞ୍ଜାମ ରାଜନୀତିରେ ଗୁଣିବିଦ୍ୟା: ଚିରାଯାଇଛି ସୂର୍ଯ୍ୟ ପାତ୍ରଙ୍କ ପୁଅଙ୍କ ଫଟୋ, ପଡ଼ିଛି ମାଛ ବଳି



ଗଞ୍ଜାମ, ୧୬/୧୦ (ନି.ପ୍ର): ଚାଲିଛି ମାଆଙ୍କ ନବଦିନାତ୍ମକ ପୂଜା। ସବୁଠି ଉତ୍ସବର ମାହୋଲ୍। ତାହାରି ଭିତରେ ଦେଖିବାକୁ ମିଳିଛି ବିଚିତ୍ର ଚିତ୍ର। ଏକ ନିକାଞ୍ଚନ ସ୍ଥାନରେ ଏଣେ ତେଣେ ହୋଇ ପଡ଼ିଛି ସିନ୍ଦୂର। ଦିଆଯାଇଛି ମାଛ ଆଳି। ଆଉ ଚିରାଯାଇଛି କଳା କନା ଓ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବିଧାୟକ ସ୍ୱର୍ଗତ ସୂର୍ଯ୍ୟ ପାତ୍ରଙ୍କ ପୁଅ ବିପ୍ଲବ ପାତ୍ର ଏବଂ ତାଙ୍କ ସମର୍ଥକଙ୍କ ଫଟୋ। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଗୁଣି ଗାରେଡି ହୋଇଥିବା ଅନୁମାନ କରାଯାଉଛି। ଗଞ୍ଜାମ ଜିଲ୍ଲା ଦିଗପହଣ୍ଡିର ଅଁଳାଗୁଡ଼ା ରାସ୍ତା ପାର୍ଶ୍ୱରେ ଥିବା ଏକ ବରଗଛ ମୂଳରେ ଏପରି ଚିତ୍ର ଦେଖିବାକୁ ମିଳିଥିଲା। ତେବେ ଏଠି ପ୍ରଶ୍ନ ଉଠୁଛି, ବିଜ୍ଞାନ ଯୁଗରେ କିଏ ଏପରି କାର୍ଯ୍ୟ କରିଛି ? ଗୁଣିବିଦ୍ୟା ପଛର କ'ଣ ହୋଇଥାଇପାରେ ସମ୍ଭାବ୍ୟ କାରଣ ? ଗଞ୍ଜାମରେ ଗୁଣିଗାରେଡି, ଖଟବିଦ୍ୟା କିମ୍ବା ତନ୍ତ୍ରବିଦ୍ୟା ନୂଆ କଥା ନୁହେଁ। ଏହାକୁ ଅନ୍ଧବିଶ୍ୱାସ କିମ୍ବା କୁସଂସ୍କାର କହି ସଚେତନ କରାଯାଉଥିଲେ ମଧ୍ୟ ଲୋକଙ୍କ ମନରେ ବସାବାନ୍ଧି ରହିଛି। ବର୍ତ୍ତମାନ ମା'ଙ୍କ ନବଦିନାତ୍ମକ ପୂଜା ପାଠ ଜାରି ରହିଛି। ଗତ ଦୁଇଦିନ ତଳେ ଅମାବାସ୍ୟା ଯାଇଛି। ତେଣୁ ଏହା ହିଁ ଉଚିତ ସମୟ ଭାବି ହୁଏତ କିଏ ଗୁଣିବିଦ୍ୟାର ଆଶ୍ରୟ ନେଇଥାଇପାରେ। ତେବେ ଏମିତି କି ଆବଶ୍ୟକ ପଡ଼ିଲା ଯେ, ବିପ୍ଲବ ଓ ତାଙ୍କର ୨ ସହଯୋଗୀଙ୍କ ଫଟୋ ଗୁଡ଼ିକୁ ଚିରି ଏଭଳି ପୂଜାପାଠ ସହ ମାଛବଳି ଦିଆଯାଇଛି ? ଦିଗପହଣ୍ଡି ବିଜେଡିରେ ଲାଗି ରହିଥିବା ରାଜନୈତିକ ବିବାଦର ପୃଷ୍ଠଭୂମି ଉପରେ କାହା ପ୍ରରୋଚନାରେ ପ୍ରୟୋଗ କରାଯାଇଛି ଗୁଣିବିଦ୍ୟା ? ଗତ କିଛିଦିନ ହେବ ରାଜନୈତିକ ଛକାପଞ୍ଝା ଭିତରେ ଦିଗପହଣ୍ଡି ବ୍ଲକ ଅଧକ୍ଷା ▶▶ପୃଷ୍ଠା ୭

### ଭୁବନେଶ୍ୱରରେ ୧ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ: ୪ ଗିରଫ

ଭୁବନେଶ୍ୱର, ୧୬/୧୦ (ନି.ପ୍ର): ଭୁବନେଶ୍ୱରରୁ ୧ କ୍ୱିଣ୍ଟାଲ ୩୦ କେଜି ଗଞ୍ଜେଇ ଜବତ କରିଛି କମିଶନରେଟ୍ ପୁଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୨ଟି କାର୍ ଜବତ କରିଛି ପୁଲିସ୍। ଏହି ଗଞ୍ଜେଇ ଫୁଲବାଣୀରୁ କୋଲାକାତା ଚାଲାଣ ହେଉଥିଲା। ଅଭିଯୁକ୍ତମାନେ ଫୁଲବାଣୀରୁ ଗଞ୍ଜେଇ ଆଣି ଭୁବନେଶ୍ୱରର ନୂଆଗାଁ ଅଞ୍ଚଳରେ ଏକ ଘରେ ରଖୁଥିଲେ। ସେଠାରୁ ଦୁଇଟି କାରରେ ବାହାରକୁ ଗଞ୍ଜେଇ ଚାଲାଣ କରାଯାଉଥିଲା। ହେଲେ ଏଥର ପୁଲିସ୍ ହାତରେ ଧରାପଡ଼ି ଯାଇଛନ୍ତି। ଏକ କାରରେ ସେମାନେ ଗଞ୍ଜେଇ ନେଇ କୋଲକାତା ଅଭିମୁଖେ ବାହାରିଥିବା ବେଳେ ବାଟରେ ସେମାନଙ୍କୁ ଧରିଥିଲା କମିଶନରେଟ୍ ପୁଲିସ୍‌ର ସ୍ପେଶାଲ୍ କ୍ରାଇମ୍ ୟୁନିଟ୍। ଅନ୍ୟପକ୍ଷରେ ଅବକାରୀ ବିଭାଗ ପକ୍ଷରୁ ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ବସ୍ତିର ଚଢ଼ାଉ କରାଯାଇ ୨୫୦ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ୮ ଜଣଙ୍କୁ ଗିରଫ କରାଯାଇଛି।

### ମିଶନ ଗଗନଯାନ: ଅକ୍ଟୋବର ୨୧ରେ ପରୀକ୍ଷାମୂଳକ ଭାବେ ମହାକାଶ ଯିବ ଟିଭି-ଡି୧

ନୂଆଦିଲ୍ଲୀ,୧୬/୧୦: ଗଗନଯାନ ମିଶନ ପାଇଁ ସବୁ ପ୍ରସ୍ତୁତି ଶେଷ କରିଛି ଇସ୍ରୋ। ସୋସିଆଲ ମିଡିଆ ଜରିଆରେ ଫଟୋ ସେୟାର ସୂଚନା ଦିଆଯାଇଛି। ଯେଉଁଥିରେ କୁହାଯାଇଛି ଯେ ଅକ୍ଟୋବର ୨୧ରେ ଗଗନଯାନ ମିଶନ ଅଧୀନରେ ଟିଭି-ଡି୧ ଏହାର ପ୍ରଥମ ପରୀକ୍ଷଣ କରାଯିବ। ଏହାର ପରୀକ୍ଷଣ ଶ୍ରୀହାରିକୋଟାରୁ ସକାଳ ୭ ରୁ ୯ଟା ମଧ୍ୟରେ ପଠାଯିବ। ତେବେ ଏହି ପରୀକ୍ଷଣ ପରେ ବି ଆଉ ତିନୋଟି ପରୀକ୍ଷଣ କରାଯିବ। ଏହି କାର୍ଯ୍ୟକ୍ରମ ସହିତ ଜଡିତ ବିଶେଷଜ୍ଞଙ୍କ ଅନୁଯାୟୀ, ପ୍ରଥମ ପରୀକ୍ଷଣର ଫଳାଫଳକୁ ଆଧାର କରି ଅନ୍ୟ ପରୀକ୍ଷା କରାଯିବ। ଏହି ସମୟ ମଧ୍ୟରେ କ୍ରୁ ମଡ୍ୟୁଲ୍ ପରୀକ୍ଷା କରାଯିବ। ଯେଉଁଥିରେ କ୍ରୁ ଏସ୍କେପ୍ ସିଷ୍ଟମ୍ ମଧ୍ୟ ଅନ୍ତର୍ଭୁକ୍ତ। ସୂଚନାଯୋଗ୍ୟ ଗଗନଯାନର ଏହି କ୍ରମରେ ତିନି ଜଣ ଭାରତୀୟ ମହାକାଶଚାରୀଙ୍କୁ ମହାକାଶକୁ ପଠାଯିବ। ଏହି ପରୀକ୍ଷା ଶ୍ରୀ ହରିକୋଟାଠାରେ ଅବସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟରରୁ କରାଯିବ। ଏଥିରେ କ୍ରୁ ମଡ୍ୟୁଲର ଉଡ଼ାଣ, ଏହାର ଅବତରଣ ଏବଂ ସମୁଦ୍ରରୁ ▶▶ପୃଷ୍ଠା ୭

## ଅମର୍ଦ୍ଦା ଏୟାରଷ୍ଟ୍ରିପ୍ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଅସହଯୋଗକୁ ନେଇ ବର୍ଷିଲେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ



ଭୁବନେଶ୍ୱର, ୧୬/୧୦ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ପୁଣି ଥରେ ଅମର୍ଦ୍ଦା ଏୟାରଷ୍ଟ୍ରିପ୍‌କୁ ନେଇ ବର୍ଷିଛନ୍ତି । ସେ କହିଛନ୍ତି ଯେ ରାଜ୍ୟ ସରକାର ମୟୁରଭଂଜର ବିକାଶ ଚାହୁଁ ନାହାନ୍ତି । ରାଜ୍ୟ ସରକାର ମୟୂରଭଞ୍ଜ ପାଇଁ ଅବହେଳା କରୁଛନ୍ତି । ୨୩ ବର୍ଷ ହେଲା ମୟୂରଭଞ୍ଜବାସୀଙ୍କୁ ଭଣ୍ଡେଇ ଚାଲିଛନ୍ତି ବୋଲି ସେ କହିଛନ୍ତି ଯେ ଅମର୍ଦା ଏୟାର ଷ୍ଟ୍ରିପ୍ ହୋଇପାରିଲେ ଅଂଚଳର ବିକାଶ ହୋଇପାରିବ। କେନ୍ଦ୍ର ତାଗିଦ କରିବାରୁ ଶେଷରେ ରାଜ୍ୟ ସରକାର ମଞ୍ଜୁର ୨୬ କୋଟି ଦେଲେ । ଜମି ହସ୍ତାନ୍ତର ପାଇଁ ସବୁ ପ୍ରସ୍ତୁତି ସରିଥିଲା ବେଳେ ଜିଲ୍ଲାପାଳ ଗଲେନି ବୋଲି ସେ କହିଛନ୍ତି । ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଟୁଡୁ କହିଛନ୍ତି, ପ୍ରତି ପଂଚାୟତକୁ ୫୦ ଲକ୍ଷ ଟଙ୍କା ହିସାବରେ ଜିଲ୍ଲାକୁ ଶହ ଶହ କୋଟି ଟଙ୍କା ଦେଇ ବିଜେଡି ସରକାର ଭ୍ରଷ୍ଟାଚାର ଓ ଦୁର୍ନୀତିକୁ ପ୍ରୋତ୍ସାହିତ କରୁଥିବାବେଳେ ଜିଲ୍ଲାବାସୀଙ୍କ ସାମୁହିକ ସ୍ୱାର୍ଥ ପାଇଁ ଅମର୍ଦା ଏୟାରଷ୍ଟ୍ରିପର ପୁନରୁଦ୍ଧାର ସକାଶେ ମାତ୍ର ୨୬ କୋଟି ଟଙ୍କା ଦେବାକୁ କୁଂଠାବୋଧ ପ୍ରକାଶ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଶେଷରେ ପ୍ରତିରକ୍ଷା ବିଭାଗର ତାଗିଦ୍ ପରେ ଜମା ଦେଲେ। ଅମର୍ଦା ଏୟାର ଷ୍ଟ୍ରିପ ପାଇଁ ଜମି ହସ୍ତାନ୍ତରର ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ରାଜ୍ୟ ସରକାର ବାରଣ କରିବାରୁ ଜିଲ୍ଲାପାଳ କାର୍ଯ୍ୟକ୍ରମକୁ ଗଲେ ନାହିଁ । ମୟୂରଭଞ୍ଜ ଜିଲ୍ଲା କ'ଣ ଓଡିଶା ବାହାରେ ବୋଲି ପ୍ରଶ୍ନ କରିବା ସହିତ ମୟୁରଭଞ୍ଜ ସମେତ ଉତର ଓଡିଶା ବିକାଶର ବାଧକ ବିଜେଡି ସରକାର ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ମୟୂରଭଞ୍ଜ ଜିଲ୍ଲା ସମେତ ଉତର ଓଡିଶା ବିଗତ ଦୀର୍ଘ ବର୍ଷ ଧରି ବିମାନ ଯାତାୟତ କ୍ଷେତ୍ରରେ ଅବହେଳିତ ହୋଇ ଆସୁଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁରଠାରେ ନିର୍ମିତ ଏସିଆ ମହାଦେଶର ସର୍ବବୃହତ ରନ୍‌ୱେ ଅମର୍ଦା ଏୟାରଷ୍ଟ୍ରିପ୍ ଆଜି ଓଡିଶା ସରକାରଙ୍କ ▶▶ପୃଷ୍ଠା ୭

## ୫୦୦ କିଲୋମିଟର ଲମ୍ବା ସୁଡ଼ଙ୍ଗର ନେଟୱାର୍କ – ହମାସର ସବୁଠାରୁ ବଡ ଶକ୍ତି : ଇସ୍ରାଏଲ କେମିତି କରିବ ସାମନା ?



ନୂଆଦିଲ୍ଲୀ,୧୬/୧୦ : ଅସ୍ତ୍ରଶସ୍ତ୍ର, କମାଣ୍ଡ ସୁବିଧା ଏବଂ ଯୁଦ୍ଧବିମାନ ଲୁଚାଇବା ପାଇଁ ହମାସ ବର୍ଷ ବର୍ଷ ଧରି ଜନବହୁଳ ଗାଜା ତଳେ ଟନେଲ ବ୍ୟବହାର କରିଆସୁଛି। ସମୟ ଗଡ଼ିବା ସହିତ ଭେଣ୍ଟିଲେସନ୍ ଶାଫ୍ଟ ଏବଂ ବିଦ୍ୟୁତ୍ ସହିତ ଭୂତଳ ରାସ୍ତାଗୁଡିକ ଅଧିକ ଅତ୍ୟାଧୁନିକ ହୋଇସାରିଛି । ହମାସର ଟନେଲ୍ ନେଟୱାର୍କ: ଗାଜା ଉପରେ ଏକ ବଡ଼ ଗ୍ରାଉଣ୍ଡ ଆକ୍ରମଣ କରିବାକୁ ଇସ୍ରାଏଲ୍ ସେନା ପ୍ରସ୍ତୁତ ହେଇସାରିଛି । ଗାଜା ସୀମାରେ ଇସ୍ରାଏଲ ସୈନିକ ଠୁଳ ହେଇ କ୍ୟାମ୍ପ କରିଅଛନ୍ତି । ଯେ କୌଣସି ମୁହୂର୍ତ୍ତରେ ଗାଜା ଉପରେ ଆକ୍ରମଣ କରିପାରନ୍ତି ଇସ୍ରାଏଲ ସେନା । ଅକ୍ଟୋବର ୭ ରେ ହମାସ ୟିହୁଦୀ ରାଷ୍ଟ୍ର ଇସ୍ରାଏଲ ଉପରେ ସବୁଠାରୁ ବଡ ଆକ୍ରମଣ କରିଥିଲା । ଯେଉଁଥିରେ ଶହ ଶହ ଲୋକଙ୍କର ମୃତ୍ୟୁ ଘଟିଥିଲା । ବର୍ତ୍ତମାନ ଇସ୍ରାଏଲ ପ୍ରତିଶୋଧ ନେବାକୁ ପ୍ରସ୍ତୁତ ହେଇସାରିଲେଣି । ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଇସ୍ରାଏଲ୍ ସେନା ସହ ହମାସ୍ କୌଣସି ଭାବରେ ସରି ହେବନାହିଁ । କିନ୍ତୁ ହମାସର ଏମିତି ଏକ ଶକ୍ତି ଅଛି ଯାହା ଇସ୍ରାଏଲ ପାଇଁ ଅତୀତରେ ଘାତକ ସାବ୍ୟସ୍ତ ▶▶ପୃଷ୍ଠା ୭

# ନବମାତୃକା ପୂଜା-୨୦୨୩ ମହାସମାରୋହରେ ଅନୁଷ୍ଠିତ: ସମ୍ବର୍ଦ୍ଧିତ ହେଲେ ୯ଜଣ ମାଆ

ଭୁବନେଶ୍ୱର, ୧୬/୧୦ (ନି.ପ୍ର): ପବିତ୍ର ନବରାତ୍ରର ପ୍ରତିପଦ ଦିବସରେ ଭୁବନେଶ୍ୱର ସ୍ଥିତ ଆର୍ଯ୍ୟସମାଜ ପରିସରରେ ନବମାତୃକା ପୂଜା ଅଭ୍ୟର୍ଥନା କମିଟି, ଯୁଗଶ୍ରୀ ଯୁଗନାରୀ ମାସିକ ମହିଳା ପତ୍ରିକା ଓ ବାଲେଶ୍ୱରୀ କଳାକେନ୍ଦ୍ରର ମିଳିତ ଉଦ୍ୟମ ତଥା ସହିଦନଗରସ୍ଥିତ ଆର୍ଯ୍ୟସମାଜର ସହଯୋଗରେ ଡଃ ଶକୁନ୍ତଳା ବଳିୟାର ସିଂହଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । 'ଯୁଗଶ୍ରୀ ଯୁଗନାରୀ'ର ସମ୍ପାଦିକା ଶ୍ରୀମତୀ ମମତା ମହାପାତ୍ର ଅଭିନନ୍ଦିତ ମା'ମାନଙ୍କର ସମ୍ୟକ ପରିଚୟ ପ୍ରଦାନ କରିଥିଲେ ଓ ପ୍ରଫେସର ଡ. ସଂଘମିତ୍ରା ମିଶ୍ର ନବମାତୃକା ପୂଜାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରି କହିଥିଲେ ଯେ ସମାଜରେ ମହିୟସୀ ମହିଳା, ଯେଉଁମାନେ ସ୍ୱକୀୟ ଗୁଣରେ କୀର୍ତିମୟୀ, ସେମାନଙ୍କୁ ନବମାତୃକା କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ ପୂର୍ବକ ସମ୍ମାନ ଜଣାଇବାର ଏହା ଏକ ସମୁଚିତ ପଦକ୍ଷେପ । ଏହି ପରମ୍ପରା ଯୁବଗୋଷ୍ଠୀଙ୍କ ମାନସପଟରେ ଏକ ସୁସ୍ଥ ପରମ୍ପରା ସୃଷ୍ଟି କରିବ ବୋଲି ଉପସ୍ଥିତ ଥିବା ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । ଉକ୍ତ ନବମାତୃକା ପୂଜା ଅବସରରେ ପ୍ରଣମ୍ୟ ମାତୃମଣ୍ଡଳୀ ସ୍ନେହଲତା ପଟ୍ଟନାୟକ, ଗବେଷିକା ମା, ସୁପ୍ରଭା ରାୟ, ସଂପାଦିକା ଓ ଅନୁବାଦିକା ମା, ବାସନ୍ତୀ ମହାପାତ୍ର, ସୁଗୃହିଣୀ ମା, ଡାକ୍ତର ମୀରା ପତି, ଚିକିତ୍ସିକା ମା, ବୀଣାପାଣି ସାହୁ, ଇଞ୍ଜିନିୟର ମା, ଆରତି ମହାନ୍ତି, ଲେଖିକା ମା, ବିଦ୍ୟୁତ୍ କୁମାରୀ ଲାଲା ସମାଜସେବୀ ମା, କୁସୁମ ମିଶ୍ର, ପ୍ରେରଣାଦାୟିନୀ କୃଷି ମା, ପାଂଚାଳି ସାମଲ, ତତ୍ୱାବଧାରିକା ମା'ମାନଙ୍କ ପଦଧୌତ ଓ ବନ୍ଦନା କରି ପୂଜାର୍ଚ୍ଚନା ସହ ସମ୍ବର୍ଦ୍ଧିତ କରାଯାଇଥିଲା ।

ଉତ୍ସବରେ ସର୍ବଶ୍ରୀ ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର, ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ବନଜ ଦେବୀ, କର୍ଣ୍ଣେଲ ଶରତ କୁମାର ମହାପାତ୍ର, ବୈଜ୍ଞାନିକ ଡଃ ସୁଜୟ କୁମାର ସିଂହ, ଇନ୍ଦିରା ଦାଶ, ପୀତବାସ ରାଉତରାୟ, କୁସୁମ ପଟେଲ ପ୍ରମୁଖ ମା'ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଆର୍ଯ୍ୟ ସମାଜର ସମ୍ପାଦକ ବିକାଶ ପଣ୍ଡା, ଚିତରଞ୍ଜନ ବର୍ମା, ବିଜୟିନୀ ସିଂହଦେଓ, ଆଶାଲତା ଦାସ, ଡ଼ଃ ମିନାକ୍ଷୀ ପଣ୍ଡା, କାନନବାଳା ପଟ୍ଟନାୟକ, ଗୀତାଞ୍ଜଳି ସିଂହ, ରୁମ୍‌ଝୁମ୍ ନାୟକ, ପ୍ରଫେସର ବିଷ୍ଣୁପ୍ରିୟା ଓତା, ୍ରୀମତୀ ମିନତୀ ଦାଶ (ମାନି), ସୁଷମା ଲେଙ୍କା, ଆରଧନା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚ୍ଛଳନାରେ ସହଯୋଗ କରିଥିଲେ। ଲିତା ଦାସ ଓ ଶ୍ରୀମତୀ କାନନବାଳା ମହାନ୍ତି ଆର୍ଯ୍ୟବର୍ତ ଭାରତବର୍ଷରେ ବୈଦିକ ସଂସ୍କୃତି ସମ୍ବନ୍ଧରେ ସୂଚନା ଦେବା ସଙ୍ଗେ ସଙ୍ଗେ ଯଜ୍ଞାନୁଷ୍ଠାନ କରିଥିଲେ। ଶିଳ୍ପୀ କେଶୁ ଦାସ ଓ ଧର୍ମପତ୍ନୀ କନକ ଦାସ ବରଣ ପୂର୍ବକ ଯଜ୍ଞାହୂତି ଦେଇଥିଲେ। ଏହି ନବମାତୃକା ପୂଜାରେ ଶୁଭଙ୍କର ମହାପାତ୍ର, ଡଃ କାନନବାଳା ମହାନ୍ତି, ଡଃ ଆନନ୍ଦ ଚନ୍ଦ୍ର ପତି, ଗୀତରାଣି ପୁରୀ, ଡଃ ଅଶୋକ ପାଣିଗ୍ରାହୀ, ପ୍ରେମଲତା ପରିଡ଼ା, ଆଭା ଦାସ, ସୁଚେତା ରାଉତ, ମୀନାକ୍ଷି ରାଉତରାୟ, ମିହିର ପ୍ରଧାନ, ଲାବଣ୍ୟ ଶବର, ଅସିତ ମହାନ୍ତି, ଡା. ସୁଧିର କୁମାର ନନ୍ଦ, ଡ. ମଞ୍ଜୁଳିକା ନାୟକ, ଶରତ ବାରିକ, ଶତୃଘ୍ନ ଷଡ଼ଙ୍ଗୀ, ନିରଞ୍ଜନ ପଣ୍ଡା ପ୍ରମୁଖ ଶତାଧିକ ଗୁଣୀଜ୍ଞାନୀ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ସର୍ବଶେଷରେ ଶ୍ରୀଯୁକ୍ତ ପ୍ରଶାନ୍ତ ଦାସ ସହ ସମ୍ପାଦକ, ଆର୍ଯ୍ୟ ସମାଜ ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସ ହିଁ ଲୋକଙ୍କ ପାଖକୁ ବିକାଶ ପହଂଚାଇଥାଏ: ନରସିଂହ

ବଲାଙ୍ଗିର, ୧୬/୧୦ (ନି.ପ୍ର): ଗାଁରୁ ଜିଲ୍ଲା, ଜିଲ୍ଲାରୁ ରାଜ୍ୟ ଯେଉଁ ଆଡେ ଦେଖିଲେ ଲୋକେ ବିଜେଡି ଓ ବିଜେପିର ମିଥ୍ୟା ପ୍ରତିଶୃତି ଦିଆ ରାଜନୀତି ଯୋଗୁଁ ଘୋର ଦୁର୍ଦ୍ଦଶାରେ ରହୁଛନ୍ତି । ଶିକ୍ଷା ହେଉ କି କୃଷି, ଗମନା ଗମନ ହେଉ କି ସ୍ୱାସ୍ଥ୍ୟ କୌଣସି ଗୋଟିଏ ବି ବିଭାଗ ଲୋକଙ୍କ ପାଇଁ ଠିକ୍ ଭାବରେ କାମ କରୁନାହିଁ । ଶିକ୍ଷା ବିଭାଗରେ ଭିତ୍ତିଭୂମି ଥିଲେ ହେଁ ପାଠ ପଢେଇବା ପାଇଁ ଶିକ୍ଷକ କର୍ମଚାରୀ ନାହାନ୍ତି । ନା ଡାକ୍ତରଖାନାରେ ଡାକ୍ତର ଅଛନ୍ତି ନା କୃଷକର ଜମିକୁ ଜଳସେଚନ ହେଇ ପାରୁଛି । ଉଭୟ କେନ୍ଦ୍ର ଓ ରାଜ୍ୟ ମିଥ୍ୟା ପ୍ରତିଶୃତି ଦେଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ଏହା ଆଉ ବେଶି ଦିନ ଚଳିବ ନାହିଁ । ଲୋକେ ଜାଣିଲେଣି ଜାତୀୟ ସ୍ତର ହେଉ, ରାଜ୍ୟ ହେଉ କି ଜିଲ୍ଲା ହେଉ କଂଗ୍ରେସ ହିଁ କେବଳ ଲୋକଙ୍କ ପାଖକୁ ବିକାଶ ପହଂଚାଇ ଥାଏ ବୋଲି ଆଜି କଂଗ୍ରେସ ଦଳ ଡାକରାରେ ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମରେ ବଲାଙ୍ଗିର ବ୍ଲକ ଅନ୍ତର୍ଗତ ସକମା ଠାରେ ଫାସଡ ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରାରେ ଯୋଗ ଦେଇ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ନିଜ ଅଭିଭାଷଣରେ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମେ ମିଥ୍ୟ ପ୍ରତିଶୃତି ରେ ବିଶ୍ୱାସ କେବେ କରିନାହୁଁ । ଆମର ରାଜନୀତି ହେଉଛି ବିକାଶ । ଗତ ୯ ବର୍ଷରେ ବଲାଙ୍ଗିରର ପ୍ରତ୍ୟେକ କ୍ଷେତ୍ର ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘଟ, ଜଳସେଚନ, କ୍ରୀଡା ରେ କଣ ବିକାଶ ହୋଇଛି ଲୋକେ ଜାଣିଛନ୍ତି । ଆଗାମୀ ଦିନରେ ସେମାନେ ଏ ସମସ୍ତ ବିକାଶ କୁ ନଜରରେ ରଖି ରାଜନୈତିକ ନିଷ୍ପତ୍ତି ନେବେ ବୋଲି କହିଥିଲେ । ଯେଉଁମାନେ ନାରୀ ସଶକ୍ତିକରଣ କଥା କହୁଛନ୍ତି ତାଙ୍କ ଦଳ ପୂର୍ବତନ ମନ୍ତ୍ରୀ ଓ ଗତ ଥର ତାଙ୍କ ଦଳର ବିଧାୟକ ପ୍ରାର୍ଥୀ ବହୁ ନିର୍ଯ୍ୟାତନା ମାମଲାରେ ଜଡିତ ଏହା ସମସ୍ତେ ଜାଣିଛନ୍ତି । ଆଗାମୀ ଦିନରେ ନିଶ୍ଚିତ ଭାବରେ ସେମାନେ ଆଇନ ଜାଲରେ ଛନ୍ଦି ହେବେ, ସେମାନେ କଣ ଲୋକଙ୍କ ସମସ୍ୟାକୁ ନେଇ ଆଗକୁ ରାଜନୀତି କରିବେ ବୋଲି ପ୍ରଶ୍ନ କରିଛନ୍ତି । ଆଜିର ଏହି ପଦଯାତ୍ରାରେ କଂଗ୍ରେସ ଦଳର ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ତାଙ୍କ ହଜାର ହଜାର ସମର୍ଥକଙ୍କ ସହ ଯୋଗ ଦେଇଥିଲେ । କିରାବାହାଲ ଓ ଫାସଡ ଠାରେ ହୋଇଥିବା ସାଧାରଣ ସଭା ଠାରେ ସମରେନ୍ଦ୍ର କହିଥିଲେ ଏ ଅଂଚଳ ପ୍ରତି ସବୁବେଳେ ତାଙ୍କର ଭାବଗତ ସମ୍ପର୍କ ଅଛି । ସେ ସବୁବେଳେ ସମ୍ପର୍କକୁ ରାଜନୀତି ଠାରୁ ଉର୍ଦ୍ଧ୍ୱରେ ରଖନ୍ତି । ନିର୍ବାଚନ ଲଢିବାର ବହୁତ ସମୟ ଅଛି । କିନ୍ତୁ ମୁଁ ନିଶ୍ଚିତ ଭାବରେ ଅନେକ ଦିନରୁ ଆମ ଭିତରେ ଥିବା ସମ୍ପର୍କକୁ ଗୁରୁତ୍ୱ ଦେବି । ଏହା ବି ସତ ଯେ ଉତ୍ତମ ସଂପର୍କ ର ପ୍ରତିଫଳନ ଭୋଟ ରାଜନୀତି ଉପରେ ପଡିଥାଏ । ତେଣୁ ଲୋକେ ଯେଉଁମାନେ ମିଛ ରାଜନୀତିରେ ବିଶ୍ୱାସ କରନ୍ତି, ବାରମ୍ବାର ମିଥ୍ୟା ପ୍ରତିଶୃତି ଦିଅନ୍ତି, ଲୋକଙ୍କ ସମସ୍ୟା ସହିତ ନ ରହି ବଲାଙ୍ଗିର କୁ ଏକ ରାଜନୈତିକ ପର୍ଯ୍ୟଟନ ସ୍ଥଳି ଭାବରେ କେବଳ ସମୟ ଅତିବାହିତ କରିବା ପାଇଁ ଆସନ୍ତି ସେମାନଙ୍କୁ ଲୋକେ ଆଗାମୀ ଦିନରେ ଉଚିତ ଜବାଦ ଦେବେ ବୋଲି ସେ କହିବା ସହ ବଲାଙ୍ଗିରର ମେଡିକାଲ କଲେଜ, ଜଳସେଚନ, ଶିକ୍ଷା ଭିତ୍ତିଭୂମି, କ୍ରୀଡା ଭିତ୍ତିଭୂମି, ପର୍ଯ୍ୟଟନ ସ୍ଥଳି ବିକାଶ କେବଳ ଲୋକଙ୍କ ଏକତାର ଲଢେଇ ଓ କଂଗ୍ରେସ ଦଳ ଓ ନରସିଂହ ମିଶ୍ରଙ୍କ ପ୍ରତି ଥିବା ବିଶ୍ୱାସ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି କହିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ରାନିପାଲି ଓ ଫାସଡ ଠାରେ ଚାରୋଟି ଉଚ୍ଚ କ୍ଷମତା ସମ୍ପନ୍ନ ହାଇମଷ୍ଟ ଲାଇଟ, ରାନିପାଲି ଠାରେ ଦୁଇଟି ମଣ୍ଡପ ଓ ସକମା ଠାରେ ରାମଲିଳା ମଣ୍ଡପର ଶୁଭ ଉଦ୍ଘାଟନ ଓ ଜଗନ୍ନାଥ ମଣ୍ଡପର ଭିତ୍ତିଭୂମି ପ୍ରଦାନ କରାଯାଇଥିଲା ।

## କାର ବାଇକ ଦୁର୍ଘଟଣା: ୨ ଆହତ

କୋରେଇ, ୧୬/୧୦ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଶର୍ମା ପୋଟ୍ରୋଲ ପମ୍ପ ନିକଟରେ ଆଜି ମଧ୍ୟାହ୍ନରେ କାର ଧକ୍କାରେ ବାଇକ ଆରୋହୀ ଓ ସହଯୋଗୀ (ବାପ, ପୁଅ) ଆହତ ହୋଇଛନ୍ତି । ପ୍ରକାଶଯେ ଧର୍ମଶାଳା ଥାନା ଅନ୍ତଗତ କାଣିପାଟିଆ ଗ୍ରାମର ସନ୍ତୋଷ ପରିଡା ଓ ତାଙ୍କ ବାପା ନବୀନ ପରିଡା ଜାରକାରୁ ବାଇକ (ଓଡି୦୪ଆର ୬୨୪୮) ଯୋଗେ ସଠିପୁର ଯିବା ସମୟରେ ପାଣିକୋଇଲି ଶର୍ମା ପୋଟ୍ରୋଲ ପମ୍ପ ନିକଟରେ ଏକ ଇନୋଭା କାର (ଡବ୍ଲୁ ବି ୦୮କେ୯୫୩୬) ପଛ ପଟରୁ ଧକ୍କା ଦେଇଥିଲା । ଫଳରେ ଉଭୟ ବାପ/ପୁଅ ଆହତ ହୋଇଥିଲେ । ସେମାନଙ୍କୁ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳକୁ ଚିକିତ୍ସା ନିମନ୍ତେ ପଠାଯାଇଥିଲା । ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ୨୯୮/୨୩ ରୁଜୁ କରି ତଦନ୍ତ ଜାରି ରଖିଛି ।

## କଳାଗୁଡା ଜଙ୍ଗଲରେ ଅବକାରି ଚଢାଉ

ଜୟପୁର, ୧୬/୧୦ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ କଳାଗୁଡା ଜଙ୍ଗଲରେ ଅବକାରି ବିଭାଗ ରବିବାର ଚଢାଉ କରିଛି । ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ବିଭାଗ ଚଢାଉ କରିଛି । ଚଢାଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିଛି । ଘଟଣା ସ୍ଥଳରୁ ୫ ଶହ ଲିଟର ପୋଚ ଓ ୬୦ ଲିଟର ଦେଶି ମଦକୁ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଥିବା ଜୟପୁର ଅବକାରି ବିଭାଗ ତରଫରୁ ସୂଚନା ଦିଆଯାଇଛି ।

# ଧରସିଂ ମାଝୀ ମାନଧାତାଙ୍କ ଆଠଗାଁ ମହଲର ବିକାଶ ପାଇଁ ୩କୋଟି ୧୨ଲକ୍ଷ ଟଙ୍କା ମଞ୍ଜୁର: ମୁଖ୍ୟମନ୍ତ୍ରୀ ଓ ୫ଟି ସଚିବଙ୍କୁ କୃତଜ୍ଞତା ଜ୍ଞାପନ

ବଲାଙ୍ଗୀର, ୧୫ ଅକ୍ଟୋବର(ହି.ସ.) – ବଲାଙ୍ଗୀର ମାଟିର ପ୍ରଥମ ସହିଦ ତଥା ଆଠଗାଁ ଜମିଦାର ଧରସିଂମାଝୀ ମାନଧାତାଙ୍କ ସ୍ମୃତିପୀଠ ଆଠଗାଁ ଜମିଦାରୀମହଲ,ପୂଡାପାଠ- ବସ୍ତେନ ମନ୍ଦିର ଓ ରାନୀବନ୍ଧର ପୁନଃରୁଦ୍ଧାର ତଥା ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟସରକାର ୩କୋଟି୧୨ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଗତ ଅଗଷ୍ଟମାସରେ ବଲାଙ୍ଗୀର ଜିଲ୍ଲାକୁ ୫ଟି ସଚିବଙ୍କ ଗସ୍ତ ସମୟରେ ୮ ଧରସିଂମାଝୀ ମାନଧାତା ସ୍ମୃତିକମିଟିର ସଭାପତି ଲକ୍ଷ୍ମଣକୁମାର ମେହେରଙ୍କ ନେତୃତ୍ୱରେ ସ୍ମୃତିକମିଟି ତଥା ଗ୍ରାମବାସୀ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ଜିଲ୍ଲାପ୍ରଶାସନ ପକ୍ଷରୁ ଏହାର ଡିପିଆର ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଯାଇଥିଲା। ଏବେ ରାଜ୍ୟସରକାର ଏହି ଅର୍ଥ ମଞ୍ଜୁର କରି ଟେଣ୍ଡର କରାଇଛନ୍ତି। ସେଥିପାଇଁ ଆଜି ସ୍ମୃତିକମିଟି ଓ ଆଠଗାଁ ଗ୍ରାମବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ସଚିବଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସେହିପରି ଭୀମଡୁଙ୍ଗୁରୀ ପର୍ଯ୍ୟଟନସ୍ଥଳିର ବିକାଶ ପାଇଁ ରାଜ୍ୟସରକାର ୬କୋଟି ୬୬ଲକ୍ଷ ଟଙ୍କା ଓ ଭୀମଡୁଙ୍ଗୁରୀଠାରେ ୧୦ଲକ୍ଷ ଟଙ୍କାର ଅନୁଦାନରେ ଧରମସିଂ ମାଝୀ ମାନଧାତାଙ୍କ ଏକ ପୂର୍ଣ୍ଣାୟବୟବ ପ୍ରତିମୂର୍ତି ସ୍ଥାପନ ପାଇଁ ଅର୍ଥ ମଞ୍ଜୁର କରିଥିବାରୁ ମଧ ଭୀମପାହାଡ ମହୋତ୍ସବ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପର୍ଯ୍ୟଟନମନ୍ତ୍ରୀଙ୍କୁ ମଧ ଧନ୍ୟବାଦ ଜ୍ଞାପନ କରାଯାଇଛି। ଆଜି ଭୀମଡୁଙ୍ଗୁରୀ ପର୍ଯ୍ୟଟନକ୍ଷେତ୍ର କଲ୍ୟାଣମଣ୍ଡପଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ଧନ୍ୟବାଦ ଜ୍ଞାପନ କରାଯାଇଛି। ଆଠଗାଁ ଧରମସିଂ ମାଝୀ ମାନଧାତା ସ୍ମୃତି କମିଟିର ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ସ୍ମୃତିକମିଟିର କାର୍ଯ୍ୟକାରୀ ସଭାପତି ତଥା ସାମ୍ବାଦିକ ମୁକେଶ ବହିଦାର,ଉପସଭାପତି ତଥା ଜିଲ୍ଲା ଯୁବବିଜେଡି ସଭାପତି ରାଜେନ୍ଦ୍ର କୁମାର ହୋତା, ଆଠଗାଁର ବରିଷ୍ଠ ନାଗରିକ ସୁଦାମ ଷାଣ୍ଡ, ପପୁନ ବେହେରା ରାଜ୍ୟସରକାର ସ୍ୱାଧୀନତା ସଂଗ୍ରାମୀ ଧରମସିଂ ମାଝୀଙ୍କୁ ମାନ୍ୟତା ଦେଇ ତାଙ୍କର ସ୍ମୃତିରକ୍ଷା କରିବାକୁ ଅନୁଦାନ ଦେଇଥିବାରୁ କୃତଜ୍ଞତା ଜଣାଇବା ସହିତ ଆଠଗାଁବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇପାରିଥିବା କହିଥିଲେ। ଏହି ଅନୁଦାନରେ ପୀଠର ପୁନଃ ରୁଦ୍ଧାର, ସୌନ୍ଦର୍ଯ୍ୟ କରଣ ଓ ଆଲୋକି କରଣ କରାଯିବ। ସେହିପରି ଆଗକୁ ଧରମସିଂ ମାଝୀଙ୍କ ମହଲରୁ ଜବତ କରି ନିଆ ଯାଇଥିବା ତାଙ୍କ ଅସ୍ତ୍ରଶସ୍ତ୍ରକୁ ଅଣାଯାଇ ଏକ ମ୍ୟୁଜିୟମ ସ୍ଥାପନ କରାଯିବାକୁ ଦାବି କରାଯିବ ବୋଲି ସ୍ମୃତିକମିଟି ପକ୍ଷରୁ ସୂଚନା ଦିଆ ଯାଇଥିଲା। ସେହିପରି ପର୍ଯ୍ୟଟନସ୍ଥଳୀ ଭୀମଡୁଙ୍ଗୁରୀକୁ ରାଜ୍ୟସରକାର ୬କୋଟି ୬୬ଲକ୍ଷ ଟଙ୍କା ମଞ୍ଜୁର କରିଥିବା ଓ ସେଥିରୁ ୨କୋଟି ୨୨ଲକ୍ଷ ଟଙ୍କାରେ ଭୀମକଟାର ପୁନଃରୁଦ୍ଧାର ପାଇଁ ଟେଣ୍ଡର କରାଯାଇ ସାରିଥିବା ସୂଚନା ଦିଆ ଯାଇଥିଲା। କେବଳ ସେତିକି ନୁହେଁ ଭୀମ ଡୁଙ୍ଗୁରୀଠାରେ ସହିଦ ଧରମସିଂମାଝୀ ମାନଧାତାଙ୍କ ଏକ ପୂର୍ଣ୍ଣାୟବୟବ ପ୍ରତିମୂର୍ତି ସ୍ଥାପନ କରିବାକୁ ରାଜ୍ୟ ସଂସ୍କୃତିବିଭାଗ ୧୦ଲକ୍ଷ ଟଙ୍କାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର କରିଥିବା ବିଷୟରେ ଲକ୍ଷ୍ମଣକୁମାର ମେହେର ସୂଚନା ଦେଇଥିଲେ। ଆଗକୁ ଆଠଗାଁ ଜମିଦାର ଧରମସିଂମାଝୀ ମାନଧାତା ଓ ଭୀମଡୁଙ୍ଗୁରୀ ତଥା କନ୍ଧମେଲି ସମ୍ପର୍କରେ ଅଧିକ ଗବେଷଣା ପାଇଁ ରାଜ୍ୟସରକାରଙ୍କ ପାଖରେ ଦାବି କରାଯିବ ବୋଲି ଭୀମପାହାଡ ମହୋତ୍ସବ କମିଟିର ସଭାପତି ପ୍ରମୋଦ ବହିଦାର କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଧରମସିଂ ମାଝୀ ମାନଧାତା ସ୍ମୃତିକମିଟିର ସଦସ୍ୟଙ୍କ ସମେତ ଭୀମପାହାଡ ମହୋତ୍ସବ କମିଟିର ସଭାପତି ପ୍ରମୋଦ ବହିଦାର, ସଂପାଦକ ଗୋବର୍ଦ୍ଧନ ସାହୁ,କୋଷାଧକ୍ଷ ଅଭିମନ୍ୟୁ ମାଝୀ ପ୍ରମୁଖ ମଂଚାସୀନ ଥିଲେ। ଶେଷରେ ମହୋତ୍ସବ କମିଟିର ଉପଦେଷ୍ଟା ଶୈଳେନ୍ଦ୍ର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ହରିଚନ୍ଦନପୁରରେ ଘରେ ଘରେ କଂଗ୍ରେସ ଓ ହାତ କାର୍ଯ୍ୟକ୍ରମ

ହରିଚନ୍ଦନପୁର, ୧୬/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ କଂଗ୍ରେସ ତରଫରୁ ଠାକୁରପଡା ଗ୍ରାମ ପଂଚାୟତ ଅନ୍ତର୍ଗତ କପ୍ତିପଦା ଗ୍ରାମ ଠାରୁ ଓଡିଶା ପିସିସି ଡାକରା ରେ 'ଘରେ ଘରେ କଂଗ୍ରେସ ଘରେ ଘରେ ହାତ' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । କଂଗ୍ରେସ ସଭାପତି ଲକ୍ଷ୍ମଣ ମହାନ୍ତଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଏକ ପଦଯାତ୍ରାରେ ସ୍ଥାନୀୟ ଅଂଚଳ ପରିକ୍ରମା କରିଥିଲେ । ଜିଲ୍ଲା କଂଗ୍ରେସ ଉପସଭାପତି ସୁରଥ ଚନ୍ଦ୍ର ସାହୁ, ରାଜୀବ ଗାନ୍ଧୀ ପଂଚାୟତରାଜ ସଂଗଠକ ସୁଦର୍ଶନ ପାଇକରାୟ ଅତିଥି ଭାବେ ଯୋଗଦେଇ କଂଗ୍ରେସ କ୍ଷମତାକୁ ଆସିଲେ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି, ଫସଲର ଉପଯୁକ୍ତ ମୂଲ୍ୟ ପ୍ରଦାନ, ସମସ୍ତଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟସେବାକୁ ପ୍ରାଧାନ୍ୟ ଦେବା ସହ ଦୈନନ୍ଦିନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଉପଯୁକ୍ତ ମୂଲ୍ୟ ପ୍ରଦାନ ଦିଆଯିବ ବୋଲି କହିଥିଲେ । କଂଗ୍ରେସ ଆଗାମୀ ନିର୍ବାଚନ ପାଇଁ ନିଜର କାୟା ବିସ୍ତାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ମନ କିଣୁଛି । ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସର ବରିଷ୍ଠ ସଦସ୍ୟ ଶରତ ଚନ୍ଦ୍ର ସାହୁ, କ୍ଷୀରୋଦ ଚନ୍ଦ୍ର ସାହୁ, ପୂର୍ବତନ ଯୁବ କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ସାହୁ, ସଦାଶିବ ମହାନ୍ତ, ଭାଗିରଥି ସାହୁ, ରମେଶ ସାହୁ, ସଞ୍ଜୟ ସାହୁ, ରଞ୍ଜନ ସାହୁ, ଚିତରଞ୍ଜନ ବେହେରା, ରଘୁନାଥ ଓଝା, ଅମୂଲ୍ୟ ନାଏକ, ଶତ୍ରୁଘ୍ନ ନାଏକ, ରଙ୍ଗାଧର ନାଏକ, ମଦନମୋହନ ଦେହୁରୀ, ଧବୃଚରଣ ନାଏକ, ଶରତ ନାଏକ, ଅଧିକାରୀ ନାଏକ, ଫକୀର ନାଏକ, ବସୁମତୀ ନାଏକ, ଶୁଶିଳା ନାଏକ, ସରୋଜିନୀ ନାଏକ, ସାଦ ନାଏକ, ଗେହ୍ଲା ନାଏକ, ପ୍ରମିଳା ନାଏକ, ଗୀତା ନାଏକ, ପଞ୍ଚମୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ

କୋରେଇ, ୧୬/୧୦ (ନି.ପ୍ର): ଦେଶରେ ସାଇବର ଅପରାଧ ଦିନକୁ ଦିନ ବଢି ଚାଲିଛି । ଯାହାକୁ ଏବେ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡିଛି । ସାଇବର ଠକେଇ ଠାରୁ ନିଜକୁ କିପରି ଦୂରେଇ ରଖି ପାରିବେ ସେଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ରାଜ୍ୟବ୍ୟାପୀ ସଚେତନତା ଅଭିଯାନ ଜାରି ରହିଛି । ଏହି କ୍ରମରେ ଯାଜପୁର ପୁଲିସ ପକ୍ଷରୁ ଗତ ଅକ୍ଟୋବର ୨ ତାରିଖରୁ ସଚେତନତା ରଥ ସାରା ଜିଲ୍ଲାର ୨୨ଟି ଥାନା ଅଂଚଳ ପରିକ୍ରମା କରିବା ପରେ ଆଜି ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ବଜାର, କରଦା କଲ୍ୟାଣ ମଣ୍ଡପ ଓ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଲୋକ ପ୍ରତିନିଧି, ପ୍ରଶାସନିକ ଅଧିକାରୀ, ଜନସାଧାରଣ, ବୁଦ୍ଧିଜିବୀ, ସାମ୍ବାଦିକ, ବଜାର କମିଟି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ. ସ୍ୱେଚ୍ଛାସେବୀ, ବରିଷ୍ଠ ନାଗରିକ ମଂଚ, ଆମ ପୁଲିସ ସମିତି ସଦସ୍ୟ, ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟଛାତ୍ର/ଛାତ୍ରୀ, ଅଙ୍ଗନବାଡି କର୍ମୀ , ଆଶ କର୍ମୀ ମାନେ ଭାଗ ନେଇଥିଲେ । ସାଇବର ସଚେତନତା ସମ୍ପର୍କରେ ସାଇବର ସେଲ ସଂଯୋଜକ ସବଇନ୍ସପେକ୍ଟର ସତ୍ୟ ପ୍ରୀୟଦର୍ଶୀ ସେଠୀ ସମସ୍ତଙ୍କୁ ଡାକବାଜୀ ଯନ୍ତ୍ର ଦ୍ୱାରା ସଚେତନ କରିଥିବା ବେଳେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ । ଶେଷରେ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ କିପରି ଠକେଇ କରାଯାଉଛି ସେ ସମ୍ପର୍କରେ ସଚେତନ କରାଯାଇଥିଲା । ସବଇନ୍ସପେକ୍ଟର ପ୍ରକାଶ କୁମାର ପ୍ରଧାନ ଓ ଅନ୍ୟ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଆଜି ଅପରାହ୍ନରେ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନ କରାଯାଇଥିଲା । ଯାଜପୁର ପୁଲିସର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିରୁଦ୍ଧ ରାଉତରାୟଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରୱାଲ ଯୋଗଦେଇ କାର୍ଯ୍ୟକ୍ରମର ସଫଳତା ଆଶା କରିବା ସହ ଏହି ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାରେ ଖୁବ ଭଲ ଭାବେ କରାଯାଇଥିବାରୁ ଜନସଚେତନତା ନିଶ୍ଚୟ ହୋଇଥିବ ବୋଲି ମତ ପ୍ରକାଶ କରିବା ସହ ସାଇବର ସଚେତନତା କ୍ଷେତ୍ରରେ ସମସ୍ତେ ସଚେତନ ରହିବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପୁଲିସ ମୁଖ୍ୟାଳୟର ଅଧିକାରୀ/ କର୍ମଚାରୀ ମାନେ ଯୋଗଦେଇଥିଲେ ।

# 'ବିଶ୍ୱ ଧଳାବାଡ଼ି ଦିବସ' ଅବସରରେ ସଚେତନତା ପଦଯାତ୍ରା

ଭୁବନେଶ୍ୱର, ୧୬/୧୦ (ନି.ପ୍ର): ଆନ୍ତର୍ଜାତିକ ସ୍ତରରେ ଦୃଷ୍ଟିବାଧିତ ମାନଙ୍କ ନିମନ୍ତେ ସମର୍ପିତ 'ବିଶ୍ୱ ଧଳାବାଡ଼ି ଦିବସ' ଅବସରରେ ଆଜି ସକାଳେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ୧୯୯୨ରୁ ଅକେଫାବର ୧୫ ତାରିଖରେ ପାଳିତ ହୋଇଆସୁଥିବା ଏହି ଆନ୍ତର୍ଜାତିକ ଦିବସ ଦୃଷ୍ଟିବାଧିତମାନଙ୍କ ସୁରକ୍ଷା, ସ୍ୱାଧୀନତା ଓ ସଫଳତାକୁ ପ୍ରୋତ୍ସାହନ ଦେଇଥାଏ ।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସବୁଜ ପତାକା ହଲାଇ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ ଓ ଧଳାବାଡ଼ି ଦୃଷ୍ଟିବାଧିତମାନଙ୍କ ପାଇଁ ଏକ ଆବଶ୍ୟକତା ବୋଲି ପ୍ରକାଶ କରିଥିଲେ । ଧଳାରଙ୍ଗରେ ଲାଲ ଗାର ରହିଥିବା ଏହି ବାଡ଼ି ସହଜରେ ଲକ୍ଷ୍ୟକରି ହେଉଥିବାରୁ ବ୍ୟବହାରକାରୀ ଦୃଷ୍ଟିବାଧିତମାନଙ୍କ ଗମନାଗମନରେ ଯଥେଷ୍ଟ ସହାୟକ ହୋଇଥାଏ ବୋଲି ପ୍ରକାଶ କରି ମନ୍ତ୍ରୀ ଶ୍ରୀ ପଣ୍ଡା କହିଲେ ଯେ ରାଜ୍ୟରେ ଭିନ୍ନକ୍ଷମମାନଙ୍କ ସହଜ ଗମନାଗମନ ପାଇଁ କେନ୍ଦ୍ର ସରକାରଙ୍କ 'ଆସେସିବୁଲ୍ ଇଣ୍ଡିଆ' ଯୋଜନା ସଫଳ ଭାବରେ କାର୍ଯ୍ୟକାରୀ ହୋଇଛି । ସେ ମଧ ରାଜ୍ୟରେ ଥିବା ସ୍ୱତନ୍ତ୍ର ବିଦ୍ୟାଳୟ ଗୁଡ଼ିକରେ ଦୃଷ୍ଟିବାଧିତମାନଙ୍କ ପାଇଁ ରହିଥିବା ସୁଯୋଗଗୁଡ଼ିକ ଉପରେ ସୂଚନା ଦେଇଥିଲେ । ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ ଯୋଗଦେଇ ଦୃଷ୍ଟିବାଧିତମାନଙ୍କୁ ସାମାଜିକ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସବୁସ୍ତରରେ ଉଦ୍ୟମ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ପଦଯାତ୍ରାରେ ଶତାଧିକ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ସମେତ ସାଧାରଣ ନାଗରିକମାନେ ମଧ ସାମିଲ ହୋଇଥିଲେ । ପ୍ଲାକାର୍ଡ ଧରି ପଦଯାତ୍ରୀମାନେ ବାଦ୍ୟତାଳରେ ପଥ ଅତିକ୍ରମ କରିବା ସହିତ ଦୃଷ୍ଟିବାଧିତଙ୍କ ସୁରକ୍ଷା ଓ ସମସ୍ୟାରହିତ ଗତିବିଧି ବାବଦରେ ସଚେତନତାର ବାର୍ତ୍ତା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭାଗର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ଦିଲ୍ଲୀପ କୁମାର ରାୟ, ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ, ଉପଶାସନ ସଚିବ ରଶ୍ମିରେଖା ମିଶ୍ର, ବିଭାଗୀୟ ଅଧିକାରୀ ସନ୍ନ୍ୟାସୀ କୁମାର ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ପୂର୍ବାହ୍ନରେ ଉତ୍କଳ ଦୃଷ୍ଟିହୀନ ସଂଘ ଆନୁକୂଲ୍ୟରେ ଏସ୍‌ଭିନିର୍ଚ୍ଚାର, ଆନନ୍ଦ ଚାରିଟେବୁଲ୍ ଟ୍ରଷ୍ଟ, ଶାନ୍ତିଧାମ ଫାଉଣ୍ଡେସନ୍, ସାଇଟ୍‌ସେଭର୍ସ ଇଣ୍ଡିଆ ଇତ୍ୟାଦି ସଂଗଠନ ସହଯୋଗରେ ସତ୍ୟନଗରସ୍ଥିତ ସଂଘର ସମ୍ମିଳନୀ କକ୍ଷରେ 'ବିଶ୍ୱ ଧଳାବାଡ଼ି ଦିବସ' ଅବସରରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା । ସଂଘର ସଭାପତି ସନ୍ନ୍ୟାସୀ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଭୁବନେଶ୍ୱର (ମଧ୍ୟ) ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୃଷ୍ଟିବାଧିତମାନଙ୍କ ଶିକ୍ଷା, ବୃତ୍ତିଗତ ସଫଳତା ଓ ନିରାପତ୍ତା ପାଇଁ ସମସ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶକ ଶ୍ରୀ ଦିଲ୍ଲୀପ କୁମାର ରାୟ ଓ ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ସିନେ ଅଭିନେତା ପୃଥ୍ୱିରାଜ ଶତପଥୀ, ନୈନା ଦାସ, ଚନ୍ଦନ କର କାର୍ଯ୍ୟକ୍ରମରେ ଯୋଗଦେଇ ଦୃଷ୍ଟିବାଧିତମାନେ ହୃଦୟରୁ ସତ୍ୟ ଓ ସୌନ୍ଦର୍ଯ୍ୟର ସନ୍ଧାନ ପାଇଥାନ୍ତି ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମେର୍ଜ ଡକଫର କଳ୍ପନା ଦାସ, ଶିରୀଶ ଚନ୍ଦ୍ର ଦାସ, ସୌଭାଗ୍ୟ ରାଉତରାୟ, ଦେବେନ୍ଦ୍ରନାଥ ପ୍ରଧାନ, ଏମ୍.ଡି. ଜାଫର ଇକ୍‌ବାଲ୍ ଓ ଶେଖ୍ ସମ୍ପଦ୍ କଳାପାହାଡ଼ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ଅତିଥିମାନେ ବ୍ରେଲିଲିପିର ଉଦ୍‌ଭାବକ ଲୁଇ ବ୍ରେଲ୍‌ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବାବେଳେ ଦୃଷ୍ଟିବାଧିତ ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ ।

# ଘଡାଇ ବିଏସସି ନର୍ସିଂ କଲେଜରେ ନର୍ସିଂ ଛାତ୍ରଛାତ୍ରୀଙ୍କ ଶପଥ ପାଠ

ମାଲକାନଗିରି, ୧୬/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଥିବା ପ୍ରତିଷ୍ଠିତ ସ୍ଥାନୀୟ ଘଡାଇ ବିଏସସି ନର୍ସିଂ କଲେଜ ପରିସରରେ ନର୍ସିଂ ପ୍ରଥମବର୍ଷ ଛାତ୍ରଛାତ୍ରୀଙ୍କ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡିଏମଓ ଡ. ଶିବ ପ୍ରସାଦ ମହାରଣା ଏବଂ ଡା, ଅନୀଲ କୁମାର ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ନର୍ସିଂର ପ୍ରତିଷ୍ଠାତା ଫ୍ଲୋରେନସ୍ ନାଇଟ ଏଙ୍ଗେଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କର ଅବଦାନ ବିଷୟରେ ଆଲୋଚନା କରଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ସେବିକା ରୁକୁଣୀ ନାୟକ ଯୋଗ ଦେଇ ପ୍ରଥମ ବର୍ଷର ଛାତ୍ର ଛାତ୍ରୀଙ୍କୁ ଶପଥପାଠ କରାଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡିପିଏମ ସସ୍ମିତା ସାହୁ, ଡା. ଡି. ରାଜ୍, ଏନଏନଏମଟିସି ଅଧ୍ୟକ୍ଷ ଅର୍ଣ୍ଣପୂର୍ଣ୍ଣା ମୁଦୁଲି ପ୍ରମୁଖ ଯୋଗଦେଇ କଠିନ ପରିଶ୍ରମ, ସାମାଜିକ ସେବା, ସହ ନର୍ସିଂମାନଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ପର୍କରେ ଅବଗତ କରିଥିଲେ । ସଭାରେ ଉପସ୍ଥିତ ଘଡାଇ ନର୍ସିଂ କଲେଜର ପରିଚାଳନା ନିର୍ଦ୍ଦେଶକ ଡ.ସୁରେଶ ଚନ୍ଦ୍ର ଘଡାଇ ନର୍ସିଂ ପାଠ୍ୟକ୍ରମ ଦ୍ୱାରା ଛାତ୍ର ଛାତ୍ରୀ ମାନେ କିପରି ନିଜର ଭବିଷ୍ୟତ ଗଢ଼ିପାରିବେ ସେ ବିଷୟରେ ଅବଗତ କରିଥିଲେ । ଏଥିରେ ଅଧ୍ୟାପିକା ସ୍ୱାଗତିକା ବେହେରା ଓ ରୂପଶ୍ରୀ ବେହେରା ମଂଚ ପରିଚାଳନା କରିଥିଲେ ।

# କନ୍ଧମାଳ ଜିଲ୍ଲା ପଂଚାୟତ ସମିତି ସଭ୍ୟ ସଂଘର ବୈଠକ ଅନୁଷ୍ଠିତ

କନ୍ଧମାଳ, ୧୬/୧୦ (ନି.ପ୍ର): ବିଭିନ୍ନ ଦାବି ପୂରଣ ନେଇ ଶୁକ୍ରବାର କନ୍ଧମାଳ ଜିଲ୍ଲା ପଂଚାୟତ ସମିତି ସଭ୍ୟ ସଭ୍ୟା ସଂଘ ର ଅଷ୍ଟମ କାର୍ଯ୍ୟ କାରିଣୀ ବୈଠକ ସ୍ଥାନୀୟ ସଭାଘର ଠାରେ ଅନୁଷ୍ଠିତ ହୋଇଥିଲା। ଫୁଲବାଣୀ ବ୍ଲକ ସଭାପତି ଦେବ ଦାସ ଦିଗାଲଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସସ୍ମିତା କହଁର, ଯୋଗ ଦେଇଥିବାବେଳେ ବରିଷ୍ଠ ସାମ୍ବାଦିକ ସୁନୀଲ ପଟ୍ଟନାୟକ, ସଂଘ ସଭାପତି ତଥା ସାମ୍ବାଦିକ ବୈଦ୍ୟନାଥ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳି ପ୍ରସାଦ ମଲିକ, ଜାନକୀ ପ୍ରଧାନ, ଜିଲା ଉପସଭାପତି ଜୁନେଶ ଦିଗଲ, ଉପଦେଷ୍ଟା ପିଣ୍ଟିକ କହ୍ନର, ସମ୍ପାଦକ ଅଜିତ କୁମାର ସାହୁ, ସମ୍ପାଦକ ପରମେଶ୍ୱର କହଁର, ଚକାପାଦ ବ୍ଲକ ସଭାପତି କୀରାପ୍ ପ୍ରଧାନ, କ. ନୁଆଗାଁ ବ୍ଲକ ସଭାପତି ପଦ୍ମଚରଣ ମଲିକ, ଖଜୁରୀପଡ଼ା ବ୍ଲକ ସଭାପତି ଦମୟନ୍ତୀ ଜାନି, ମାଧବ ଦିଗାଲ ପ୍ରମୁଖ ଯୋଗଦେଇ ସଂଘ ପକ୍ଷରୁ କରାଯାଇଥିବା ଦାବୀ ଗୁଡିକ୍ ଯଥାର୍ଥ ଆଉ ରାଜ୍ୟସରକାର ସେଗୁଡିକ ଅତିଶୀଘ୍ର ପୂରଣ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି କହିଥିଲେ। ଦାବୀ ପୂରଣ ନହେବା ଯାଏ ଆନ୍ଦୋଳନ ଜାରୀ ରହିବ ବୋଲି ଜିଲା ସଭାପତି ବୈଦ୍ୟନାଥ ବେହେରା କହିଥିଲେ । ସେମାନଙ୍କ ଦାବୀ ମଧ୍ୟରେ ରହିଛି ସରପଂଚଙ୍କ ପରି ସାମ୍ବିଧାନିକ ସୁପାରିଶ କ୍ଷମତା, ପଂଚାୟତରେ ହେଉଥିବା ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟର ଚିଠିର ନକଲ ପ୍ରଦାନ, ପଂଚାୟତରେ ସମିତି ସଭ୍ୟଙ୍କ ପାଇଁ ସ୍ୱତନ୍ତ୍ର କକ୍ଷ, ସଭ୍ୟମାନଙ୍କୁ ମାସିକ ପନ୍ଦର ହଜାର ଟଙ୍କା ପ୍ରଦାନ କରିବା ଆଦି ଦାବୀ ଅନ୍ତର୍ଭୁକ୍ତ। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଶତାଧିକ ସଭ୍ୟ ସଭ୍ୟା ଯୋଗ ଦେଇଥିଲେ।

# ବିଶ୍ୱର ସବୁଠୁ ଗରିବ ରାଷ୍ଟ୍ରପତି



ଯେକୌଣସି ରାଷ୍ଟ୍ରର ରାଷ୍ଟ୍ରପତି ଯେ ଗରିବଙ୍କ ଭଳି ଜୀବନ ଅତିବାହିତ କରିଥାନ୍ତି, ଏହା ସହଜରେ ବିଶ୍ୱାସ କରିହୁଏ ନାହିଁ। ହେଲେ ଉରୁଗୁଏର ପୂର୍ବତନ ରାଷ୍ଟ୍ରପତି ଜୋସ ମୂଜିକା ବିଶ୍ୱର ସବୁଠୁ ଗରିବ ରାଷ୍ଟ୍ରପତି ଭାବେ ଜଣାଯାନ୍ତି। ଦକ୍ଷିଣ ଆମେରିକୀୟ ଏହି ରାଷ୍ଟ୍ରର ରାଷ୍ଟ୍ରପତି ଦାୟିତ୍ୱରେ ଜୋସି ୨୦୧୫ରେ ଇସ୍ତଫା ଦେଇଥିଲେ। ନିଜ ପ୍ରିୟ କୁକୁର ଓ ମନପସନ୍ଦର କାର୍‌କୁ ନେଇ ସେ ଅତିବାହିତ କରିବା ନିମନ୍ତେ ସେ ରାଷ୍ଟ୍ରପତି ପଦ ତ୍ୟାଗ କରିଥିଲେ ଏକ ସାକ୍ଷାତକାରରେ କହିଥିଲେ। ଉରୁଗୁଏର ଜଣେ ସାଧାରଣ ଲୋକର ମାସିକ ଆୟ ୫୦ହଜାର ଟଙ୍କା। ଏଠା ଲୋକେ ବେଶ୍ ଆରାମ ତଥା ସୁଖକର ଜୀବନ ଅତିବାହିତ କରୁଥିବା ବେଳେ ରାଷ୍ଟ୍ରପତି ଜୋସ କିନ୍ତୁ ଆଜୀବନ ଜଣେ ଦରିଦ୍ର ଲୋକ ଭଳିଜୀବନ କଟାଇଛନ୍ତି। ଦାୟିତ୍ୱରେ ଥିବାବେଳେ ସେ ରାଷ୍ଟ୍ରପତି ଭବନରେ ରହିବାକୁ ଇଚ୍ଛାପ୍ରକାଶ କରି ନଥିଲେ। ନିଜ ଦୁଇ କକ୍ଷ ବିଶିଷ୍ଟ ଫ୍ଲାଟରେ ସେ ରାଷ୍ଟ୍ରପତି ଥିବା ସମୟରେ ରହିଥିଲେ। ସୁରା ବାବଦରେ କେବଳ ୨ଜଣ ପୁଲିସ ହିଁ ଜୋସ ନିଜ ପାଇଁ ମୁତୟନ କରିଥିଲେ। ଏ ବାବଦରେ ତାଙ୍କ ଯୁକ୍ତି ଥିଲା ସେ ଜଣେ ସାଧାରଣ ମଣିଷ। ଅଯଥାରେ ରାଷ୍ଟ୍ରର ଧନ ଖର୍ଚ୍ଚ କରି ସେ ପାଇବେ କ'ଣ? ରାଷ୍ଟ୍ରପତି ଦାୟିତ୍ୱରେ ଥିବା ସମୟରେ ହିଁ ଜୋସ କ୍ଷେତ୍ରରେ ଫୁଲଚାଷ କରି ବିଦେଶ ପଠାଉଥିଲେ। ତାଙ୍କ ଦରମା ୧୩୦୦ ଡଲାର ଥିବାବେଳେ ୧୨ହଜାର ଡଲାର ସେ ଗରିବଙ୍କୁ ଦାନ କରୁଥିଲେ। ତାଙ୍କର ଏଭଳି ଆଚରଣରେ ପତ୍ନୀ ଲୁସିଆ କେବେହେଲେ ପ୍ରତିବାଦ କରିନଥିଲେ। ବିଶ୍ୱସ୍ତରରେ ଜୋସ ଏକ ଭିନ୍ନ ଉଦାହରଣ ସୃଷ୍ଟି କରିଥିଲେ।

# ମଣିଷଖିଆ ପାହାଡ଼



ଏଭଳି ଅନେକ ବିପଦସଙ୍କୁଳ ସ୍ଥାନ ଅଛି, ଯେଉଁଠାକୁ ଯିବା ପୂର୍ବରୁ ଜଣେ ବ୍ୟକ୍ତି ବାରମ୍ୱାର ଚିନ୍ତା କରିବ। ଏହିପରି ଏକ ସ୍ଥାନ ହେଉଛି ବଲିଭିଆର ଦକ୍ଷିଣ-ପଶ୍ଚିମରେ ଥିବା ରିକୋ ମାଉଣ୍ଟେନ୍। ସ୍ପେନ୍ ବାସିନ୍ଦା ଏହାକୁ ରୂପାର ପାହାଡ଼ ବୋଲି କହିଥାନ୍ତି। ବିଶେଷଜ୍ଞଙ୍କ ମତରେ ଏହି ପାହାଡ଼ରେ ରୂପା ପ୍ରଚୁର ପରିମାଣରେ ରହିଛି। ତେବେ ଏହି ପାହାଡ଼ର ଅନ୍ୟ ନାମ ହେଉଛି 'ମଣିଷଖିଆ ପାହାଡ଼'। ସେଠାକାର ବୟୋଜ୍ୟେଷ୍ଠ ଲୋକଙ୍କ କହିବାନୁସାରେ ୧୫୦୦ ଖ୍ରୀଷ୍ଟାବ୍ଦବେଳେ ଏହି ପାହାଡ଼ରେ ୮୦ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ସେଥିପାଇଁ ପାହାଡ଼ର ନାମକରଣ ଏପରି ହୋଇଛି। ୧୫୪୫ବେଳକୁ ସ୍ପେନ୍ ବାସିନ୍ଦା ଏହି ରିକୋ ପାହାଡ଼ ତଳେ ଏକ ଛୋଟ ବସତି ଆରମ୍ଭ କରିଥିଲେ। ସେହି ସମୟରୁ ହିଁ ସେମାନେ ପାହାଡ଼ରେ ମାଇନିଂ କାମ ଆରମ୍ଭ କଲେ। ପାଖଆଖ ଅଂଚଳର ଲୋକେ ମାଇନିଂର ଲାଭବାନ ବ୍ୟବସାୟରେ ମନୋନିବେଶ କଲେ। କ୍ରମାଗତ ଭାବେ ପାହାଡ଼ ଖନନ କାରଣରୁ ବିଷାକ୍ତ ଗ୍ୟାସ୍ ଚତୁର୍ଦ୍ଦିଗରେ ପ୍ରବାହିତ ହେଲା। ମାଇନ୍ସରେ କାମ କରୁଥିବା ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଲେ। ଅତିବେଶୀରେ ସେମାନଙ୍କ ବୟସ ସୀମା ୪୦ବର୍ଷ ହେଲା। ଲୋକେ ଅର୍ଥର ଲାଳସାରେ ଜୀବନକୁ ଭ୍ରୂକ୍ଷେପ ନକରି ଏହି କାର୍ଯ୍ୟ କରିଥିଲେ। ଗଣନାରୁ ଜଣାପଡ଼ିଛି ଯେ ସେହି କିଛି ବର୍ଷ ମଧ୍ୟରେ ଏଠାରେ ମାଇନ୍ସରେ କାମ କରି ୮୦ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ସେଥିପାଇଁ ଏହାର ନାମ 'ମଣିଖିଆ ପାହାଡ଼' ରଖାଯାଇଛି। ଆଜିର ସମୟରେ ମଧ୍ୟ ଏହି ପାହାଡ଼ରେ ୧୫ଟିରୁ ଅଧିକ ମାଇନ୍ସ କମ୍ପାନୀ କାର୍ଯ୍ୟ କରୁଛନ୍ତି।

# ମସ୍ତିଷ୍କର ସ୍ୱାସ୍ଥ୍ୟ





ଅନେକଙ୍କ କ୍ଷେତ୍ରରେ ବୟସ ବଢ଼ିବା ସହ ମସ୍ତିଷ୍କର କାର୍ଯ୍ୟ ଦକ୍ଷତା କମେ ଏବଂ ସ୍ମୃତିଶକ୍ତି ହ୍ରାସପାଏ। ତେବେ, ଜଣେ ଚାହିଁଲେ ବେଳ ଥିବା ବେଳ, ଖାଦ୍ୟ ଓ ଜୀବନ ଶୈଳୀରେ ପରିବର୍ତ୍ତନ ଆଣି, ମସ୍ତିଷ୍କର ସାମର୍ଥ୍ୟକୁ ଅନେକ ଦିନ ପର୍ଯ୍ୟନ୍ତ ଅତୁଟ ରଖିପାରେ।

ଖାଦ୍ୟ: ପଚାଶ ପରେ ଅଧିକ ସ୍ନେହସାର ଯୁକ୍ତ ଖାଦ୍ୟ ମସ୍ତିଷ୍କର ସ୍ୱାସ୍ଥ୍ୟ ନଷ୍ଟକରେ। ଜଟିଳ ଶ୍ୱେତସାର ଜାତୀୟ ଖାଦ୍ୟ ଯଥା ଆଳୁ, ସଂପୂର୍ଣ୍ଣ ଶସ୍ୟ ସହ ଓମେଗା-୩ ଥିବା ମାଛ, ଫଳ-ମୂଳ ଓ ପନିପରିବା ନିୟମିତ ଖାଆନ୍ତୁ।

ସୁରା ଓ ଧୂମପାନ: ଦିନରେ ଦୁଇ ପେଗରୁ ଅଧିକ ସୁରାପାନ କରନ୍ତୁ ନାହିଁ। କୌଣସି ପ୍ରକାରର ଅବୈଧ ନିଶା ଦ୍ରବ୍ୟ ସେବନ କରନ୍ତୁ ନାହିଁ। ଧୂମପାନ ସଂପୂର୍ଣ୍ଣ ପରିତ୍ୟାଗ କରନ୍ତୁ।

ବ୍ୟାୟାମ: ବ୍ୟାୟାମ କରୁନଥିବା ଲୋକଙ୍କ ମସ୍ତିଷ୍କର କାଯ୍ୟଦକ୍ଷତା ଶୀଘ୍ର ହ୍ରାସପାଏ। ୬୦-୭୫ ବର୍ଷ ବୟସ୍କ ବ୍ୟକ୍ତିମାନେ ଦୈନିକ ଘଂଟେରୁ ଦେଢ଼ଘଂଟା ଏରୋବିକ ବ୍ୟାୟାମ କରିବା ଉଚିତ। ଯେଉଁମାନେ ପୂର୍ବରୁ କୌଣସି ବ୍ୟାୟାମ କରି ନଥିବେ, ସେମାନେ ଚିକିତ୍ସକଙ୍କ ପରାମର୍ଶ ନେଇ ବ୍ୟାୟାମ ଆରମ୍ଭ କରନ୍ତୁ। ସର୍ବଦା ପ୍ରଶିକ୍ଷକଙ୍କ ଉପସ୍ଥିତିରେ ବ୍ୟାୟାମ କରନ୍ତୁ।

ଔଷଧ: ବୟସ ବିବା ସହ ଔଷଧର ଆବଶ୍ୟକତା ବଢ଼େ। ବୟସ୍କଙ୍କ କ୍ଷେତ୍ରରେ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଅଧିକ। ଏହା ଜାଣି ନପାରିଲେ ବିପଦ। ତେଣୁ ମନଇଚ୍ଛା ଔଷଧ ଖାଇବା ତଥା ଚିକିତ୍ସକଙ୍କ ପରାମର୍ଶ ନନେଇ ଔଷଧ ବଦଳାଇବା ଅନୁଚିତ।

ଅବସାଦ: ମାନସିକ ଅବସାଦ ମସ୍ତିଷ୍କର ସ୍ୱାସ୍ଥ୍ୟ ନଷ୍ଟ କଲେ ଚିକିତ୍ସା ନକଲେ ଅବସାଦ କ୍ରମଶଃ ବଢ଼ି ଗୁରୁତର ପରିସ୍ଥିତି ସୃଷ୍ଟି କରେ। ତେଣୁ ମନରେ ସ୍ୱାସ୍ଥ୍ୟ ଅତୁଟ ରଖିବାକୁ ଚେଷ୍ଟା କରନ୍ତୁ।

# ଚଷମାବାଲୀଙ୍କ ପାଇଁ ମେକ୍-ଅପ୍ ଟିପ୍ସ



ଅନେକ ଚଷମାକୁ ମହିଳାଙ୍କ ସୌନ୍ଦର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧ ମନେକରନ୍ତି। ତେବେ ଏହି ଧାରଣା ଭ୍ରମାତ୍ମକ। ଚଷମା ପିନ୍ଧିଥିଲେ ବି ମେକ-ଅପ ନେବାରେ କୌଣସି ସମସ୍ୟା ନାହିଁ। କେବଳ ଠିକ୍ ଭାବେ ମେକଅପ ନେଇପାରିଲେ ହେଲା; ଚମକିବେ। କେତେକ ଟିପ୍ସ:

- ଆଖିରେ ଦଇ ପରସ୍ତ ମସ୍‌କାରା ସହ ଆଇଲେସ୍ ବ୍ୟବହାର କରନ୍ତୁ।
- ନିୟମିତ ବ୍ୟବଧାନରେ ଭ୍ରୁଲତାର ଥ୍ରେଡିଂ କରାନ୍ତୁ। ମୋଟା ଫ୍ରେମ୍‌ବାଲା ବଡ଼ ଚଷମା ପିନ୍ଧୁଥିଲେ, ଭ୍ରୁଲତା ପତଳା ରଖନ୍ତୁ ଏବଂ ବିପରୀତ ପିନ୍ଧୁଥିଲେ ମୋଟା ରଖନ୍ତୁ।
- ଆଖିକୁ ଧୂମ୍ରାଭ (ସ୍ମୋକି ଆଇ) ଦେଖାଇବା ପାଇଁ ଦୁଇ ପରସ୍ତ ଆଇଲାଇନର ସହ ପତାରେ ଅଳ୍ପ ସ୍ମକ୍ ବ୍ୟବହାର କରନ୍ତୁ।
- ଚଷମା ପିନ୍ଧୁଥିବା ମହିଳାଙ୍କ ଆଖି ତଳେ, କଡ଼ରେ କଳା ଦାଗ ଦିଶିବା ସାଧାରଣ। ଏହା ଦ୍ୱାରା ବିଚଳିତ ନହୋଇ କନ୍‌ସିଲର୍ ବ୍ୟବହାର କରନ୍ତୁ।
- କଳା ପେନସିଲ୍ ଲାଇନର୍ ପାଖରେ ରଖନ୍ତୁ।
- ଚଷମାବାଲୀମାନେ ଲିପଷ୍ଟିକ, ଲିପଗ୍ଲସ ଓ ବ୍ଲସର ବ୍ୟବହାର କରିବାକୁ ଭୟ କରନ୍ତୁ ନାହିଁ।



# ସୁନିଦ୍ରା ପାଇଁ ୨୨ଲକ୍ଷର ଗଦି !

ସୁନିଦ୍ରାର ଅଭାବ ଉଚ୍ଚ ରକ୍ତଚାପ, ମଧୁମେହ, ମେଦବୃଦ୍ଧି ଭଳି ନାନା ରୋଗ ସୃଷ୍ଟି କରିଥାଏ। ତେଣୁ ମଣିଷ କେଉଁଭଳି ଶାନ୍ତିରେ ଶୋଇ ପାରିବ, ଏହାକୁ ନେଇ ଗବେଷଣା ସଦାସର୍ବଦା ଚାଲିଛି । ଏଥିପାଇଁ ନୂଆ ନୂଆ ସାମଗ୍ରୀ ବିକଶିତ ହେଉଛି। ଏବେ ବିଶେଷଜ୍ଞମାନେ ଏଭଳି ଗଦି ତିଆରି କରିବାରେ ସଫଳ ହୋଇଛନ୍ତି, ଯାହା ଉପରେ ଶୋଇଲେ ଘୁଙ୍ଗୁଡ଼ିରରୁ ମୁକ୍ତି ମିଳିବ। ଘୁଙ୍ଗୁଡ଼ି ମାରିବା କ୍ଷଣି, ଗଦିରେ ଲାଗିଥିବା ସେନସର ସକ୍ରିୟ ହୋଇ ଉଠିବ, ଏବଂ ଗତିର ସ୍ଥିତିକୁ ସ୍ୱୟଂକ୍ରିୟ ଭାବେ ବଦଳାଇଦେବ। ଫଳରେ, ଶୋଇଥିବା ମଣିଷ ଘୁଙ୍ଗୁଡ଼ି ମାରିବା ବନ୍ଦ କରିଦେବ। ଏହି ଅଭିନବ ଗଦି ଶୋଇଥିବା ମଣିଷ ଶୋଇବା-ଉଠିବା ସମୟ, ନାଡ଼ିର ଗତି, ରକ୍ତଚାପ ଆଦିର ଡେଟା ରଖି, ଆବଶ୍ୟକ ଅନୁଯାୟୀ ଯାନ୍ତ୍ରିକ ସହାୟତା ଯୋଗାଇବାକୁ ସକ୍ଷମ। ଫଳରେ ମଣିଷ ଶାନ୍ତିରେ ଶୋଇ ପାରିବ। ଭାରତୀୟ ବଜାରରେ ବିକ୍ରି ଆରମ୍ଭ ହୋଇଥିବା ଏହି ଗଦିର ମୂଲ୍ୟ ବାଇଶ ଲକ୍ଷ ଟଙ୍କା।

# ଗୃହିଣୀ ଜାଣନ୍ତୁ

ଟମାଟୋରୁ ମିଳୁଥିବା ଏକ ଉପକାରୀ ଏଂଟିଅକ୍ସିଡାଣ୍ଟ ହେଉଛି ଲିସୋପିନ। ଏହା କର୍କଟ ବିରୋଧୀ। ଏହା ନିୟମିତ ଖାଉଥିଲେ, ପ୍ରୋଷ୍ଟେଟ ଓ କଲୋନ କ୍ୟାନସର ହେବାର ଆଶଙ୍କା କମ୍। ଲିସେପିନରୁ ସ୍ନେହସାର ମଧ୍ୟ ମିଳେ। ଅର୍ଥାତ୍, ଟମାଟୋକୁ ସ୍ନେହସାର ନଥିବା ଖାଦ୍ୟ ସହ



ସାମିଲ କଲେ, ଅଧିକ ଉପକାରୀ ସାବ୍ୟସ୍ତ ହେବ। ତେଣୁ ଅଲିଭ ତେଲ ସହ ଟମାଟୋ ଖାଇବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ପାସ୍ତା, ସାଲାଡ଼ ଆଦିରେ ଟମାଟୋ ସହ ଏହି ତେଲ ବ୍ୟବହାର କରନ୍ତୁ।

# କ୍ଷୀର-ମହୁ ପାନୀୟର ଉପକାରିତା



ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ୬ ରୁ ୭ ଘଣ୍ଟା ଶୋଇବା ସହ ଦୈନନ୍ଦିନ ଖାଦ୍ୟପାନୀୟ ମଧ୍ୟ ପ୍ରଭାବ ପକାଇଥାଏ। ସେଥିପାଇଁ ପ୍ରତ୍ୟେକ ନିଜ ଖାଦ୍ୟପେୟରେ ଧ୍ୟାନ ଦେବା ଜରୁରୀ ଅଟେ। ପ୍ରତ୍ୟେକ ଦିନ ଶୋଇବାର ଘଂଟାକ ପୂର୍ବରୁ ଉଷୁମ କ୍ଷୀର ୧ ଗିଲାସରେ ୧ ଚାମଚ ମହୁ ମିଶାଇ ପିଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ। ଏହି ପାନୀୟରେ ଆମିନୋ ଏସିଡ୍ ଥିବାରୁ ରାତିରେ ଏହାକୁ ପିଇଲେ ଭଲ ନିଦ ହୋଇଥାଏ। ଖିରାରେ ଭିଟାମିନ୍ ଏ ଓ ମହୁରେ ଭିଟାମିନ୍ ଇ ଥିବାରୁ ମହିଳାମାନେ ଏହାକୁ ପ୍ରତ୍ୟେହ ପିଇଲେ ବନ୍ଧ୍ୟାତ୍ୱ ରୋଗ ଆଶଙ୍କା କମ୍। କ୍ଷୀର-ମହୁ ପାନୀୟରେ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଯୁବତୀମାନେ ଏହି ପାନୀୟ ନିୟମିତ ପିଇଲେ ସେମାନଙ୍କ ତ୍ୱଚାରେ ବୟସର ଛାପ ପଡ଼େନାହିଁ। କ୍ୟାଲସିୟମ ଏହି ପାନୀୟରେ ପର୍ଯ୍ୟାପ୍ତ ପରିମାଣରେ ଥିବାରୁ ମାଂସପେଶୀ ଶକ୍ତ ହୋଇଥାଏ। କ୍ଷୀରରେ ପ୍ରୋଟିନ ରହିଥିବାରୁ ପ୍ରତ୍ୟହ ପିଇଲେ ଶରୀରର କାର୍ଯ୍ୟ ଧକ୍ଷମତା ଶକ୍ତି ବୃଦ୍ଧିହୁଏ ବୋଲି ବିଶେଜ୍ଞେଙ୍କ ମତ। କ୍ଷୀର ଓ ମହୁରେ ଫାଇବର ଥିବା କାରଣରୁ ଏହାକୁ ମିଶାଇ ପିଇଲେ ହଜମ ଭଲ ହୋଇଥାଏ।

# ବ୍ଲାଉଜ୍ ଫେସନ୍





ଫେସନ ଦୁନିଆରେ ଏବେ ବୋଟନେକ ଆକୃତିର ବ୍ଲାଉଜ ଚାହିଦା ବଢ଼ୁଛି। ଏହା ନୂଆ ତଥା ଆଧୁନିକ । ଘରେ ବିବାହ କିମ୍ବା ଯେକୌଣସି ଉତ୍ସବରେ ଶାଢୀ ସହ ପିନ୍ଧିହେବ। ବୟସ କିମ୍ବା ଶାରୀରିକ ଗଠନ ଯାହା ହେଉନା କାହିଁକି, ବୋଟ୍ ନେକ ବ୍ଲାଉଜ ପିନ୍ଧିବାକୁ ଚାହୁଁଥାନ୍ତି, ତେବେ ପସନ୍ଦ ଅନୁସାରେ ସୂତା ଶାଢ଼ି ସହ ପିନ୍ଧନ୍ତୁ। ଉତ୍ସବକୁ ଗଲେ, ବୋଟନେକ ବ୍ଲାଉଜ ସହ ନେଟ୍ ଶାଢ଼ି ପିନ୍ଧନ୍ତୁ। ଛୋଟ କାଚ, ଗୋଲି, ପଥର ବସିଥିବା କିମ୍ବା ହାତ କାମ ହୋଇଥିବା, ଏମ୍ବ୍ରୋଡୋରୀ ଯୁକ୍ତ ବୋଟ୍ ନେକ ବ୍ଲାଉଜ ମଧ୍ୟ ବଜାରରେ ଉପଲବ୍ଧ। ବ୍ଲାଉଜ୍‌ର ପଛପଟ ଭି-କଟ୍, ତ୍ରିଭୂଜାକୃତି, ଗୋଲାକୃତି ଆଦି ବିଭିନ୍ନ ଡିଜାଇନର ମଧ୍ୟ ମିଳୁଛି। ଲମ୍ୱା ହାତ ଯୁକ୍ତ ବୋଟ୍ ନେକ ବ୍ଲାଉଜ ମଧ୍ୟ ଶାଢି ସହ ପିନ୍ଧିପାରିବେ।

# ସବୁଠାରୁ ପୁରୁଣା କାଠ ରେଳପଥ

୧୮୨୦ରେ ଇଂଲଣ୍ଡରେ ବାଷ୍ପ ଚାଳିତ ରେଳର ପ୍ରଚଳନ ପୂର୍ବରୁ ବି ରେଳପଥ ଥିଲା ଏବଂ ସେଥିରେ ଘୋଡ଼ା ଗାଡ଼ି ଚାଲୁଥିଲା। ମୁଖ୍ୟତଃ, କୋଇଲା ପରିବହନ ପାଇଁ ସେହି ରେଳପଥ ବ୍ୟବହାର କରାଯାଉଥିଲା। ତାହା ଥିଲା କାଠ ତିଆରି ରେଳପଥ। ସମୟକ୍ରମେ କାଠ ରେଳ-ପଥ ଅଦୃଶ୍ୟ ହୋଇଯାଇଥିଲା।



୨୦୧୩ରେ ପ୍ରତ୍ନତତ୍ତ୍ୱ ବିଶେଷଜ୍ଞମାନେ ଇଂଲଣ୍ଡର ନିଉ କ୍ରିଷ୍ଟାଲ୍‌ରେ ଏଭଳି ଏକ ରେଳପଥର ଅବଶେଷ ଉଦ୍ଧାର କରିଥିଲେ। ରକ୍ଷଣାବେକ୍ଷଣରେ ଲାଗିଗଲା ତିନି ବର୍ଷରୁ ଅଧିକ କାଳ। ଏବେ ବିଶ୍ୱର ସେହି ସର୍ବ ପୁରାତନ କାଠ ରେଳ ପଥକୁ ସର୍ବସାଧାରଣଙ୍କ ପ୍ରଦର୍ଶନ ନିମନ୍ତେ ଖୋଲାଯାଇଛି।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୧୭ ଅକ୍ଟୋବର ୨୦୨୩, ମଙ୍ଗଳବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅର୍ଥନୀତିର ଅଭିବୃଦ୍ଧି....

ପୃଥିବୀର ଜଣେ ଅଗ୍ରଣୀ ଖେଳ-ଅର୍ଥନୀତିଜ୍ଞ ଭ୍ଲାଡିମିର୍ ଆଣ୍ଡ୍ରେଫ୍ ଆବିଷ୍କାର କରିଛନ୍ତି ଯେ ଏକ ଦେଶର ମୁଣ୍ଡପିଛା 'ଜିଡିପି' ଓ ଜନସଂଖ୍ୟାରେ ବୃଦ୍ଧି ସହିତ ତାଳ ଦେଇ ଅଲିମ୍ପିକ୍ସରେ ସେ ଦେଶ ପଦକ ଜିଣିବା ସମ୍ଭାବନାରେ ଉନ୍ନତି ଘଟିଥାଏ। ଅର୍ଥନୀତିର ଅଭିବୃଦ୍ଧି ଘଟିଲେ ଖେଳାଳିମାନଙ୍କ ପାଇଁ ଉପଲବ୍ଧ ପୁଷ୍ଟି, ସ୍ୱାସ୍ଥ୍ୟସେବା, ତାଲିମ, ଉପକରଣ ଆଦିରେ ମଧ ଉନ୍ନତି ଘଟିଥାଏ, ଯାହା ଅଧିକ ସଂଖ୍ୟକ ପଦକରେ ରୂପାନ୍ତରିତ ହୋଇଥାଏ। ୧୯୯୯ରେ ଭାରତର ମୁଣ୍ଡପିଛା 'ଜିଡିପି' ୪୪୧ ଡଲାର୍ ଥିବା ବେଳେ ୨୦୨୨ରେ ତାହା ୨,୩୮୯ ଡଲାରକୁ ବୃଦ୍ଧି ପାଇଛି; ୨୦୦୨ ଏସିଆନ୍ ଗେମ୍ସରେ ଭାରତ ପାଇଥିବା ପଦକ ସଂଖ୍ୟା ମାତ୍ର ୩୩ଟି ଥିବା ବେଳେ ୨୦୨୩ରେ ତାହା ୧୦୭କୁ ବୃଦ୍ଧି ପାଇଛି। ଖେଳ କସରତକୁ କେହି କେହି ରକ୍ତପାତହୀନ ଯୁଦ୍ଧ ରୂପେ ବର୍ଣ୍ଣନା କରିଥାନ୍ତି। ହାଙ୍ଗ୍‌ଝୁ ଏସିଆନ୍ ଗେମ୍ସରେ ଭାରତର ଚମକପ୍ରଦ ପ୍ରଦର୍ଶନ ଦେଶବାସୀଙ୍କ ମଧ୍ୟରେ ଯେଉଁଭଳି ଆନନ୍ଦ ଉଲ୍ଲାସ ସୃଷ୍ଟି କରିଛି ତାହା ଏକ ଯୁଦ୍ଧରେ ବିଜୟ ଲାଭ ପରର ବାତାବରଣ ପରି ଯଦି ମନେ ହେଉଥାଏ, ସେଥିରେ ତେଣୁ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଏହି ମହାଦେଶୀୟ ଖେଳକୁଦ ପ୍ରତିଯୋଗିତାରେ ଭାରତୀୟ ପ୍ରତିଯୋଗୀମାନେ ପଦକ ତାଲିକାରେ ସର୍ବୋଚ୍ଚ ସ୍ଥାନ ଦଖଲ କରିନାହାନ୍ତି ସତ, ସେମାନେ କିନ୍ତୁ ଯେଉଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛନ୍ତି, ତାହା ହେଲା ସେମାନଙ୍କର ଦେଶବାସୀମାନେ ସେମାନଙ୍କ ଠାରୁ ଯେତିକି ଉପଲବ୍ଧି ଆଶା କରୁଥିଲେ, ସେମାନେ ତା'ଠାରୁ ଅଧିକ ହାସଲ କରିପାରିଛନ୍ତି। ଏହି ପ୍ରଦର୍ଶନର ଅଂଶ ସ୍ୱରୂପ ସେମାନେ ଏକ ଗୁରୁତ୍ୱପୂର୍ଣ୍ଣ ମନସ୍ତାତ୍ତ୍ୱିକ ପ୍ରତିବନ୍ଧକ ଅତିକ୍ରମ କରି ଏକଶତରୁ ଅଧିକ ସଂଖ୍ୟକ ପଦକ ଜିଣିବାରେ ସମର୍ଥ ହୋଇଛନ୍ତି। ସେମାନେ ଦେଶକୁ ଆଣିଥିବା ଏହି ୧୦୭ଟି ପଦକରେ ଅନ୍ତର୍ଭୁକ୍ତ ଅଛି ୨୮ଟି ସ୍ୱର୍ଣ୍ଣ, ୩୮ଟି ରୌପ୍ୟ ଓ ୪୧ଟି କାଂସ୍ୟ ପଦକ। ଏହି ସଫଳତା ଭାରତକୁ ପଦକ ତାଲିକାରେ ଚତୁର୍ଥ ସ୍ଥାନ ପ୍ରଦାନ କରିଛି, ଯାହା ପୂର୍ବ ଥର ଠାରୁ ଚାରିଟି ସ୍ଥାନ ଉପରେ। ୨୦୧୮ର ପ୍ରତିଯୋଗିତାରେ ଭାରତ ୭୦ଟି ପଦକ ଜିଣିଥିବା ବେଳେ ଏଥର ସେଥିରେ ଆଉ ୩୭ଟି ପଦକ ଯୋଗ କରିବା ଏକ ଅବିଶ୍ୱାସନୀୟ ଉନ୍ନତିର ସ୍ୱାକ୍ଷର ବହନ କରିଥାଏ। ମୁଖ୍ୟତଃ ପ୍ରତିଯୋଗିତାର ତିନିଗୋଟି ବିଭାଗରେ ଭାରତୀୟ ଖେଳାଳିମାନେ ଏହି ସଫଳତା ସଂଗ୍ରହ କରିଛନ୍ତି। ଦୌଡ଼କୁଦ ବା 'ଟ୍ରାକ୍ ଆଣ୍ଡ୍ ଫିଲ୍ଡ' ପ୍ରତିଯୋଗିତାରୁ ସେମାନେ ସଂଗ୍ରହ କରିଛନ୍ତି ଛ'ଟି ସ୍ୱର୍ଣ୍ଣ ସହିତ ୨୯ଟି ପଦକ; ବନ୍ଧୁକ ଚାଳନାରୁ ସାତଟି ସ୍ୱର୍ଣ୍ଣ ସହିତ ୨୨ଟି ପଦକ; ତୀରନ୍ଦାଜିରେ ପାଞ୍ଚଟି ସ୍ୱର୍ଣ୍ଣ ସହିତ ନ'ଟି ପଦକ। ଏହି ତିନିଟି ବିଭାଗରେ ଆମ ଖେଳାଳିମାନେ ଜିଣିଥିବା ମୋଟ ୬୦ଟି ପଦକ ହେଉଛି ସମୁଦାୟ ପଦକ ସଂଖ୍ୟାର ଅଧାରୁ ଅଧିକ। ତେବେ ପଦକ ତାଲିକାରେ ଏଇ ତିନିଟି ବିଭାଗର ପ୍ରାଧାନ୍ୟ ସତ୍ତ୍ୱେ ଯାହା ହେଉଛି ବିଶେଷ ଭାବରେ ଉଲ୍ଲେଖନୀୟ, ତାହା ହେଲା ୨୨ଟି ବିଭିନ୍ନ ବିଭାଗରେ ଆମର ପଦକ ବିଜେତାମାନଙ୍କର ଉପସ୍ଥିତି, ଯେଉଁଥିରେ ଅନ୍ତର୍ଭୁକ୍ତ ଅଛି ଅଶ୍ୱ ଚାଳନାରୁ ନୌକା ଚାଳନା ପର୍ଯ୍ୟନ୍ତ, ରୋଲର ସ୍କେଟିଙ୍ଗ୍‌ରୁ ଉସୁ ପର୍ଯ୍ୟନ୍ତ, ଯେଉଁଗୁଡ଼ିକ ଭାରତ ପରିପ୍ରେକ୍ଷୀରେ ପ୍ରାୟ ଅପରିଚିତ ଖେଳକୁଦ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଯାହା ମଧ ଅନୁରୂପ ଭାବରେ ଗଭୀର ସନ୍ତୋଷଜନକ ହୋଇଥାଏ, ତାହା ହେଲା ପଦକ ବିଜେତାମାନଙ୍କ ମଧରେ ପରିଦୃଷ୍ଟ ଲିଙ୍ଗଗତ ସାମ୍ୟ: ମହିଳା ପ୍ରତିଯୋଗୀମାନେ ହାସଲ କରିଛନ୍ତି ୪୬ଟି ପଦକ, ପୁରୁଷମାନେ ହାସଲ କରିଛନ୍ତି ସାମାନ୍ୟ ଅଧିକ ୫୨ଟି ପଦକ ଏବଂ ବାକିତକ ପଦକ ମିଳିଛି ମିଶ୍ରିତ ଟିମ୍‌ମାନଙ୍କୁ। ପ୍ରତ୍ୟେକ କ୍ଷେତ୍ରରେ ଲିଙ୍ଗଗତ ସାମ୍ୟ ପ୍ରତିଷ୍ଠା କରିବା ପାଇଁ ଭାରତ କରି ଚାଲିଥିବା ଉଦ୍ୟମର ଏକ ସ୍ୱୀକୃତି ରୂପେ ଏହାକୁ ବିଚାର କରାଯାଇପାରେ। ଏଠାରେ ଏହା ମଧ ଉଲ୍ଲେଖ କରିବା ଅପ୍ରାସଙ୍ଗିକ ହେବ ନାହିଁ ଯେ ଖେଳକୁଦ ଜଗତର ନୀତି ଆଦର୍ଶକୁ ଉଲ୍ଲଂଘନ କରି ଚୀନ୍ ଭାରତୀୟ ପ୍ରତିଯୋଗୀମାନଙ୍କୁ ନିରୁତ୍ସାହିତ କରିବା ଉଦ୍ଦେଶ୍ୟରେ ସେମାନଙ୍କ ପାଇଁ ବିଭିନ୍ନ ସମସ୍ୟା ସୃଷ୍ଟି କରିଥିଲେ ହେଁ, ସେମାନେ ତାହା ସବୁ ଅତିକ୍ରମ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାରେ ସଫଳ ହୋଇଛନ୍ତି। ଉଦାହରଣ ସ୍ୱରୂପ ଅରୁଣାଚଳ ପ୍ରଦେଶ ନିବାସୀ ଉସୁ ପ୍ରତିଯୋଗୀମାନଙ୍କୁ ଭିସା ପ୍ରଦାନ କରିବାକୁ ଚୀନ୍ ମନା କରି ଦେଇଥିଲା; ଜାଭେଲିନ୍ ତାରକା ନୀରଜ ଚୋପ୍ରାଙ୍କୁ ହତୋତ୍ସାହିତ କରିବା ଉଦ୍ଦେଶ୍ୟରେ ରେଫରୀ ତ୍ରୁଟିପୂର୍ଣ୍ଣ ଢଙ୍ଗରେ ଖେଳ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଯଦି କେଉଁ ଏକ ଖେଳରେ ଭାରତ ତା'ର ହୃତ ଗୌରବ ଫେରି ପାଇଥାଏ, ତାହା ହେଉଛି ହକି। ଭାରତୀୟ ପୁରୁଷ ହକି ଖେଳାଳିମାନେ କେବଳ ସ୍ୱର୍ଣ୍ଣ ପଦକ ଜିତିଛନ୍ତି, ତାହା ନୁହେଁ, ସେମାନେ ମଧ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଏକ ବିଶାଳ ୧୦-୨ ବ୍ୟବଧାନରେ ପରାସ୍ତ କରି ୧୯୮୨ରେ ଦିଲ୍ଲୀ ଏସିଆନ୍ ଗେମ୍ସରେ ପାକିସ୍ତାନ ହାତରେ ଭୋଗିଥିବା ୭-୧ ଲଜ୍ଜାଜନକ ପରାଜୟର ପ୍ରତିଶୋଧ ନେଇଛନ୍ତି। ୧୯୮୦ ପରେ ଭାରତୀୟ ପୁରୁଷ ହକି ଟିମ୍ ପ୍ରଥମ ଥର ପାଇଁ ଏକ ଅଲିମ୍ପିକ୍ ପଦକ (ବ୍ରୋଞ୍ଜ) ଜିଣିବାରେ ସକ୍ଷମ ହୋଇଥିଲା ୨୦୨୦ର ଟୋକିଓ ଅଲିମ୍ପିକ୍ସରେ। ଏବେ ପୃଥିବୀର ମାନ୍ୟତା ତାଲିକାରେ ଭାରତୀୟ ହକି ଟିମ୍ ତୃତୀୟ ସ୍ଥାନରେ ରହିଛି। ଖେଳ କସରତ କ୍ଷେତ୍ରରେ ଭାରତ ହାସଲ କରିଥିବା ଏ ନୂତନ ସଫଳତାର କାରଣ ସମ୍ବନ୍ଧରେ ବିଭିନ୍ନ ଅନୁଶୀଳନ ପ୍ରକାଶ ପାଇବାରେ ଲାଗିଛି। ଗଭୀରତା ଦୃଷ୍ଟିରୁ ସେଥି ମଧ୍ୟରୁ ଗୋଟିଏ ଏଠାରେ ବିଶେଷ ଉଲ୍ଲେଖଯୋଗ୍ୟ ମନେ ହୋଇଥାଏ।

# ଭାରତରେ ବଢୁଛି ଅନାହାର ଯନ୍ତ୍ରଣା

### ଶ୍ୟାମ ସୁନ୍ଦର ସାମଲ

ଅକ୍ଟୋବର ୧୬ ସମଗ୍ର ପୃଥିବୀରେ ପାଳିତ ହୋଇଛି ବିଶ୍ୱ ଖାଦ୍ୟ ଦିବସ। ବିଶ୍ୱକୁ ଅନାହାର ଓ ଅପପୁଷ୍ଟି ମୁକ୍ତ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। କିନ୍ତୁ ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରେ ଏହି ସଂକଟରୁ କୌଣସି ଦେଶ ମୁକ୍ତ ନୁହନ୍ତି। ବିକଶିତ, ବିକାଶଶୀଳ ଓ ତୃତୀୟ ବିଶ୍ୱର ଦେଶଗୁଡ଼ିକ ମଧ ଅନାହାର, ଅର୍ଦ୍ଧାହାର, ଅପପୁଷ୍ଟି ଭଳି ସାମାଜିକ ବ୍ୟାଧିରେ ଜର୍ଜରିତ। ଭାରତକୁ ଦେଖିଲେ ଏହି ବିକାଶଶୀଳ ରାଷ୍ଟ୍ରରେ ବଢୁଛି ଅନାହାର ପେଟର ଯନ୍ତ୍ରଣା। ଶିଳ୍ପ ପ୍ରଗତିର କଥା, ଅତ୍ୟାଧୁନିକ ନୂତନ ଭାରତ ନିର୍ମାଣର ପ୍ରୟାସ, ସୁଦିନର ସ୍ଲୋଗାନବାଜି ଆଢୁଆଳରେ ଲୁଚି ଯାଉଛି ଭୋକର ଭୂଗୋଳ ଏବଂ ଚପିଯାଉଛି ଅନାହାର, ଅର୍ଦ୍ଧାହାର ପୀଡ଼ିତଙ୍କ ଭାଗ୍ୟ। ଇଣ୍ଟରନ୍ୟାସନାଲ ଫୁଡ୍ ପଲିସି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କ ବା ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ରିପୋର୍ଟରୁ ଭାରତରେ କ୍ଷୁଧାର ଛବି ସ୍ପଷ୍ଟ ହୋଇଛି।

ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁସାରେ, ଗତ ତିନିବର୍ଷ ମଧ୍ୟରେ ଭାରତ କ୍ଷୁଧା ଓ ଅପପୁଷ୍ଟିରେ ପୂର୍ବାପେକ୍ଷା ୪୫ ଅଙ୍କ ତଳକୁ ଖସି ଆସିଛି। ୧୧୯ ଦେଶକୁ ନେଇ ସମୀକ୍ଷା କରାଯାଇ ପ୍ରକାଶ କରାଯାଇଥିବା ଜିଏଚ୍‌ଆଇ ରିପୋର୍ଟରେ ଭାରତ ଏହି ତାଲିକାରେ ୧୦୦ ସ୍ଥାନରେ ରହିଛି। ଏ ଦେଶରେ ପ୍ରତିଦିନ ରାତିରେ ଖାଲିପେଟରେ ଶୋଉଥିବା ଶିଶୁମାନଙ୍କ ସଂଖ୍ୟା ଗତ ତିନିବର୍ଷ ମଧ୍ୟରେ ବୃଦ୍ଧି ପାଇଛି ଅନେକ। ଏଠାରେ ୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ମଧ୍ୟରୁ ପ୍ରତି ପାଞ୍ଚ ଜଣରେ ଜଣେ ପିଲାର ଓଜନ ତାର ଉଚ୍ଚତା ତୁଳନାରେ ଯଥେଷ୍ଟ କମ୍। ପ୍ରତି ତିନିଜଣରେ ଜଣଙ୍କର ବୟସ ଅନୁପାତରେ ଅଭିବୃଦ୍ଧି ଘଟୁନାହିଁ। ଗତ ୨୫ ବର୍ଷ ଧରି ଏହି ସମସ୍ୟାରେ କବଳିତ ଭାରତର ଶୈଶବ। ଅନ୍ତର୍ଜାତୀୟ ରିପୋର୍ଟକୁ ଦେଖି ବିଶେଷଜ୍ଞମାନେ କହିଲେଣି ପରିସ୍ଥିତି କେବଳ ଉଦ୍‌ବେଗଜନକ ନୁହେଁ, ଅତ୍ୟନ୍ତ ଗୁରୁତର ମଧ। ଅତୀତକୁ ଦେଖିଲେ ୨୦୧୪ରେ ବିଶ୍ୱ କ୍ଷୁଧା ସୂଚକାଙ୍କର ସମଗ୍ର ବିଶ୍ୱରେ ଭାରତର ସ୍ଥାନ ଥିଲା ୫୫। କିନ୍ତୁ ୨୦୧୭ରେ ଏହି ତାଲିକାର ୧୦୦ ତମ ସ୍ଥାନକୁ ଚାଲି ଆସିଲା ଭାରତ। ବ୍ରିକ୍ସ ଅନ୍ତର୍ଭୁକ୍ତ ଦେଶ ଗୁଡ଼ିକ ତଳେ ରହିଯାଇଛି ଭାରତ। ଦକ୍ଷିଣ-ପୂର୍ବ ଏସିଆର ଯୁଦ୍ଧ ବିଧ୍ୱସ୍ତ ଇରାକ (୭୮) ଯୁଦ୍ଧଂଦେହି ଡାକରା ଦେଉଥିବା କିମ୍ ଜିଙ୍ଗ ଉନ୍‌ଙ୍କ ଉତ୍ତର କୋରିଆ (୯୩) ଏପରି କି ଭୂକମ୍ପ ପ୍ରପୀଡ଼ିତ ପଡ଼ୋଶୀ ରାଷ୍ଟ୍ର ନେପାଳ (୭୨) ଏବଂ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରୁଥିବା ବାଙ୍ଗଲାଦେଶ (୮୮) ବିଶ୍ୱ କ୍ଷୁଧା ସୂଚକାଙ୍କ ତାଲିକାରେ ଭାରତକୁ ପଛରେ ପକାଇ ପ୍ରଗତିର ପରିଚୟ ଦେଇପାରିଛନ୍ତି। ସାନ୍ତ୍ୱନା ଏତିକି ଯେ, ଭାରତ ତଳକୁ ରହିଛି ପାକିସ୍ତାନ (୧୦୬), ଆଫଗାନିସ୍ତାନ (୧୦୭) ଏବଂ ସେଣ୍ଟ୍ରାଲ ଆଫ୍ରିକାନ୍ ରିପବ୍ଲିକ୍ (୧୧୯)। ତାଲିକାର ନିମ୍ନରେ। ଇଣ୍ଟରନ୍ୟାସନାଲ ଫୁଡ ପଲିସି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ଦକ୍ଷିଣ ଏସୀୟ ମୁଖ୍ୟ ପି.କେ. ଯୋଶୀଙ୍କ କହିବା ଅନୁସାରେ ସମସ୍ତଙ୍କୁ ପୋଷଣ ଲକ୍ଷ୍ୟ ନେଇ ଭାରତରେ ଯେତେବେଳେ ପ୍ରକଳ୍ପ କାର୍ଯ୍ୟ କରାଗଲେ ମଧ ମରୁଡ଼ି ଓ ଢ଼ାଞ୍ଚାଗତ ତ୍ରୁଟି କାରଣରୁ ଗରିବ ଜନତାର ସିଂହଭାଗ ମଧ୍ୟରେ ଅନାହାରଜନିତ ଅପପୁଷ୍ଟି ରହିଯାଉଛି। ଅନାହାର ସମସ୍ୟା ନେଇ କାର୍ଯ୍ୟରତ ଏକ ଅନ୍ତର୍ଜାତୀୟ ସଂସ୍ଥାର ଭାରତ ଶାଖା ମୁଖ୍ୟ ନିବେଦିତା ବନ୍ଦ୍ରେୟାର ଖେଦ କୁହନ୍ତି, କେବଳ ଜିଡ଼ିପି ବୃଦ୍ଧି କରି ଦେଶରେ ଲୋକମାନଙ୍କର ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରାଯାଇ ପାରିବନାହିଁ। ଓଡ଼ିଶା ପରିପ୍ରେକ୍ଷୀରେ ଦେଖିଲେ ଏହା ଦେଶର ୧୧ତମ ଅଧିକ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ଭାବେ ପରିଗଣିତ। ୪ କୋଟି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏଠାରେ ବସବାସ କରୁଛନ୍ତି। ୨୦୦୫ ମସିହାରେ ଦାରିଦ୍ର୍ୟ ହାର ଖସି ଆସିଥିଲେ ମଧ ଗରିବଙ୍କ ସଂଖ୍ୟା ଅନେକ ରହିଛି। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ଜିଲ୍ଲାଗୁଡ଼ିକର ଲୋକେ ଖାଦ୍ୟ ଓ ପରିବାରର ଗୁଜରାଣ ମେଣ୍ଟାଇବା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚଳିଯାଉଥିବା ପ୍ରାୟତଃ ଦେଖିବାକୁ ମିଳୁଛି। ଓଡ଼ିଶାରେ ପ୍ରାୟ ୧ କୋଟି ୪୦ ଲକ୍ଷ ଗରିବ ଥିବା ଆକଳନ କରାଯାଇଛି। ଓଡ଼ିଶା ଅର୍ଥନୈତିକ ସର୍ଭେ ୨୦୧୯-୨୦ ଅନୁଯାୟୀ ରାଜ୍ୟରେ ଦାରିଦ୍ର୍ୟ ହାରରେ ୨୪.୬୧ ପ୍ରତିଶତ ହ୍ରାସ ପାଇଛି। ଏହା ୨୦୦୪-୦୫ରେ ୫୭.୨୦% ଥିବା ବେଳେ ୨୦୧୧-୧୨ ରେ ୩୨.୫୯% ରହିଥିଲା। ଅନ୍ୟ ରାଜ୍ୟଗୁଡ଼ିକ ଏପରିକି ଦେଶ ତୁଳନାରେ ଏଠାରେ ଦାରିଦ୍ର୍ୟର ସର୍ବୋଚ୍ଚ ହ୍ରାସ ଘଟିଛି। ଏହି ସମୟରେ ଭାରତରେ ଦାରିଦ୍ର୍ୟରେ ୧୫ ପ୍ରତିଶତ ହ୍ରାସ ଘଟିଥିଲା। ତେବେ ୨୦୧୬-୧୭ରେ ରାଜ୍ୟର ଅଭିବୃଦ୍ଧି ହାର ୭.୯୪ ପ୍ରତିଶତ ରହିବ ବୋଲି ଅର୍ଥନୈତିକ ସର୍ଭେରେ ଆକଳନ କରାଯାଇଛି। ୨୦୧୫-୧୬ରେ ରାଜ୍ୟର ଅଭିବୃଦ୍ଧି ହାର ୬.୦୧ ପ୍ରତିଶତ ଥିଲା। ତେବେ ବିମୁଦ୍ରୀକରଣ ଯୋଗୁ ରାଜ୍ୟର ଅର୍ଥନୀତି ମନ୍ଥର ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି।

ପୂର୍ବତନ କେନ୍ଦ୍ରାଞ୍ଚଳ
ସଂଯୋଜକ, ଶ୍ରୀସତ୍ୟସାଇ ସେବା
ସମିତି, କଟକ,
ମୋ : ୯୬୭୮୬୩୫୯୨୬

# ଖେଲୋ ଇଣ୍ଡିଆର 'ଏକଶହ ପାର୍'

### ସୌମେନ୍ଦ୍ର ଜେନା

ଖେଳ କିଛି ଲୋକଙ୍କ ପାଇଁ ନିଜସ୍ୱ ହୋଇପାରେ । କିନ୍ତୁ ଖେଳ ପ୍ରତିଯୋଗିତାରେ ସଫଳତା ସମାଜ ଓ ରାଷ୍ଟ୍ରକୁ ଗୌରବାନ୍ୱିତ ହେବାର ସୁଯୋଗ ଦେଇଥାଏ । ଲୋକଙ୍କୁ ଏକାଠି ହେବାର ଏକାତ୍ମ ହେବାର, ପ୍ରେରଣା ପ୍ରଦାନ କରିଥାଏ । ସେ ଦୃଷ୍ଟିରୁ ଦେଖିଲେ ନିକଟରେ ସଂପନ୍ନ ହୋଇଥିବା ହାଙ୍ଗଝାଉ ଏସିଆନ୍ କ୍ରୀଡା ଭାରତ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା । କାରଣ ଚଳିତବର୍ଷ ପ୍ରଥମଥର ପାଇଁ ଭାରତର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ ସହ ୧୦୭ ମେଡାଲ ଲାଭକରି ତୃତୀୟ ଅଙ୍କ ଛୁଇଁବାକୁ ସମର୍ଥ ହେଲେ ।

ଏକଥା ସତ ଯେ ଚୀନ ଏସିଆନ୍ କ୍ରୀଡାରେ ଶ୍ରେଷ୍ଠ ସ୍ଥାନରେ ରହି ୩୦୦ରୁ ଅଧିକ ପଦକ ହାସଲ କରିବାକୁ ସକ୍ଷମ ହୋଇଛି । ଏହା ଦୀର୍ଘ ୫୦ବର୍ଷ ପରିଶ୍ରମର ଫଳଶ୍ରୁତି । କାରଣ ୮୦ଦଶକର ଆରମ୍ଭରେ ଚୀନ ସରକାର ଦେଶରେ ୧୦୦୦ରୁ ୩୦୦୦ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଯେଉଁ କ୍ରୀଡା ବିଦ୍ୟାଳୟମାନ ଖୋଲିଥିଲେ ସେହି ପିଲାମାନେ ପରବର୍ତ୍ତୀ ସମୟରେ ସକ୍ଷମ କ୍ରୀଡାବିତ୍ ଭାବେ ବିଶ୍ୱର ଅନ୍ୟ କ୍ରୀଡାବିତ୍‌ଙ୍କୁ ସାମ୍ନା କରିଛନ୍ତି । ତେଣୁ ଭାରତ ସରକାର ୨୦୧୮ରେ ଦେଶର କ୍ରୀଡା ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ 'ଖେଲୋ ଇଣ୍ଡିଆ' ଯୋଜନାର ଘୋଷଣା କରିଥିଲେ । ଏଥିରେ ତତ୍‌କାଳୀନ କ୍ରୀଡାମନ୍ତ୍ରୀ ତଥା ପୂର୍ବତନ କ୍ରୀଡାବିତ୍ ରାଜ୍ୟବର୍ଦ୍ଧନ ସିଂ ରାଠୋରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଦେଶର କୋଣାନୁକୋଣରୁ ଯୁବ କ୍ରୀଡାବିତ୍‌ଙ୍କୁ ବାହାର କରିବା ପାଇଁ ଯୁବକ୍ରୀଡା, ବିଶ୍ୱବିଦ୍ୟାଳୟ ସ୍ତରୀୟ କ୍ରୀଡା ଏବଂ ଶୀତକାଳୀନ କ୍ରୀଡା ପ୍ରତିଯୋଗିତାର କାର୍ଯ୍ୟକ୍ରମ ଘଲୁହେଲା । ଖେଲୋ ଇଣ୍ଡିଆ ଯୁବ କ୍ରୀଡା ୨୦୧୮, ୨୦୧୯, ୨୦୨୦, ୨୦୨୧, ୨୦୨୩ର ଆୟୋଜନ କରାଗଲା । ସେହିପରି ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡା ୨୦୨୦, ୨୦୨୨ ଏବଂ ଶୀତକାଳୀନ କ୍ରୀଡା ୨୦୨୦,୨୦୨୧,୨୦୨୩ର ଆୟୋଜନ କରାଗଲା । ପ୍ରଶିକ୍ଷଣ ପ୍ରଦାନକାରୀମାନଙ୍କ ପାଇଁ କାର୍ଯ୍ୟକ୍ରମ ଡିସେମ୍ବର ୨୦୧୮ ଜାନୁଆରୀ ୨୦୧୯ ପାଇଁ ପ୍ରଥମ ପର୍ଯ୍ୟାୟରେ କରାଗଲା । ସାରା ଦେଶରୁ ୧୬୦ଜଣ ପ୍ରଶିକ୍ଷକ ୪୦ ଲେଖାଏଁ ଗୋଷ୍ଠୀରେ ୪ଟି ବ୍ୟାଚରେ ପ୍ରଶିକ୍ଷଣ ଲାଭ କଲେ । ଏଥିରେ ଶିକ୍ଷାନୁଷ୍ଠାନରେ କ୍ରୀଡା ପ୍ରଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବାଲାଗି ଅଧିକ ଗୁରୁତ୍ୱ ଦିଆଗଲା । ୩୧ଜାନୁଆରୀ ୨୦୧୮ରେ ଏହି କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆରମ୍ଭ କରିଥିଲେ ।

ଖେଲୋ ଇଣ୍ଡିଆର ଯୁବ କ୍ରୀଡା ଦେଶର ୧୭ବର୍ଷରୁ କମ୍ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ପ୍ରତିଯୋଗିତା ଯାହା ପ୍ରତିବର୍ଷ ଜାନୁଆରୀ କିମ୍ବା ଫେବୃଆରୀରେ ଦୁଇଟି ବୟସର ବର୍ଗରେ ହୋଇ ଆସୁଛି । ପ୍ରତିବର୍ଷ ୧୦୦୦ପିଲାଙ୍କୁ ୮ବର୍ଷ ପାଇଁ ବାର୍ଷିକ ୫ଲକ୍ଷ ଟଙ୍କାର ବୃତ୍ତି କ୍ରୀଡାଭ୍ୟାସ ପାଇଁ ପ୍ରଦାନ କରାଯାଉଛି । ୨୭ ଫେବୃଆରୀ ୨୦୧୯ରେ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଖେଲୋ ଇଣ୍ଡିଆର ଆପ୍‌କୁ ପ୍ରଧାନମନ୍ତ୍ରୀ ଉନ୍ମୋଚନ କରିଥିଲେ । ସେମିତି ୨୨ ଫେବୃଆରୀ ୨୦୨୦ରେ ଓଡିଶାର କଟକଠାରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡାର ଆୟୋଜନ ହୋଇଥିଲା । ୨୦୧୮ରେ ୨୦୯ ସ୍ୱର୍ଣ୍ଣପଦକ ୧୭ଟି କ୍ରୀଡାରେ ପ୍ରଦାନ କରାଯାଇଥିଲା । ତନ୍ମଧ୍ୟରେ ବ୍ୟାଡମିଣ୍ଟନ, ବାସ୍କେଟବଲ, ବକ୍ସିଂ, କ୍ରିକେଟ୍, ଜିମ୍ନାଷ୍ଟିକ୍ସ, ଜୁଡୋ, କବାଡି, ଭଲିବଲ୍, ରେସଲିଂ, ଖୋଖୋ, ଫୁଟବଲ, ୱେଟଲିଫ୍‌ଟିଂ, ସୁଇମିଂ, ହକି ଆଦି ରହିଥିଲା । ୨୦୨୦ରେ ଘଟକା, କଳରିପାୟାଟ୍ଟୁ, ଥାଙ୍ଗ-ଟା, ମଲ୍ଲଖମ୍ବ ପରି ଦେଶୀକ୍ରୀଡାକୁ ମଧ ଏଥିରେ ସାମିଲ କରାଯାଇଥିଲା । ୨୦୧୮ରେ ଦିଲ୍ଲୀ, ୨୦୧୯ରେ ପୁଣେ, ୨୦୨୦ରେ ଗୌହାଟୀ, ୨୦୨୩ରେ ଭୋପାଳଠାରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ସେମିତି ୨୦୨୦ରେ ୨୨ ଫେବୃଆରୀରୁ ୧ ମାର୍ଚ୍ଚ ପର୍ଯ୍ୟନ୍ତ ୧୭ଟି କ୍ରୀଡାର ୨୧୧ ପ୍ରତିଯୋଗିତା ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟ, କଟକର ଜେଏନ୍‌ୟୁ ଇନ୍‌ଡୋର ଷ୍ଟାଡିୟମ, ସାଇ ଓଡିଶା ବ୍ୟାଡମିଣ୍ଟନ ଏକାଡେମୀ, ସାଇ ଇଣ୍ଟରନେସନାଲ ରେସିଡେନସିଆଲ ସ୍କୁଲ (କଟକ)ଠାରେ ଅନୁଷ୍ଠିତ ହୋଇଥିଲା । ୧୭୬ଟି ବିଶ୍ୱବିଦ୍ୟାଳୟର ୪୦୦୦ରୁ ଅଧିକ ଯୁବ କ୍ରୀଡାବିତ୍ ଏଥିରେ ଅଂଶଗ୍ରହଣ କରିଥିଲେ । ପ୍ରଥମଥର ପାଇଁ ଫେନ୍‌ସିଂ ଏବଂ ରଗ୍‌ବୀକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଥିଲା । ସେମିତି ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡା ଲେହ (ଲଦାଖ) ଏବଂ ଗୁଲମାର୍ଗ (ଜାମ୍ମୁ-କାଶ୍ମୀର) ଠାରେ ୨୦୨୦ରେ ଆୟୋଜିତ ହୋଇଥିଲା । ଏଥିରେ ସ୍କିଙ୍ଗ୍, ଅଲପାଇନ୍ ସ୍କିଇଙ୍ଗ, ନର୍ଡିକ୍ ସ୍କିଇଙ୍ଗ, ସ୍ନୋ ରୁଗ୍‌ବୀ, ଆଇସ ଷ୍ଟକ୍ ସ୍ପୋର୍ଟ, ସ୍ନୋ ବାସ୍କେଟବଲ, ମାଉଣ୍ଟେନିରିଂ, ସ୍ନୋ ସୁ ରନିଂ, ଆଇସ୍ ହକି, ଫିଗର ସ୍କେଟିଂ ଏବଂ ସ୍ପିଡ ସ୍କେଟିଂ ଆଦି ଅନୁଷ୍ଠିତ ହୋଇଥିଲା । ୨୦୨୦ରେ ଲେହ ଏବଂ ଗୁଲମାର୍ଗରେ ଆୟୋଜିତ ପ୍ରତିଯୋଗିତାରେ ୯୫୫ କ୍ରୀଡାବିତ୍, ୨୦୨୧ରେ ଲେହ ଗୁଲମାର୍ଗରେ ୧୩୭୫, ୨୦୨୩ରେ ଗୁଲମାର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୫୦୦ କ୍ରୀଡାବିତ୍ ଅଂଶଗ୍ରହଣ କରିଥିଲେ ।

ଖେଲୋ ଇଣ୍ଡିଆ ରାଜ୍ୟ ଦକ୍ଷତା କେନ୍ଦ୍ର ଖୋଲିବା ନିମନ୍ତେ କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ଦେଶରେ ୧୦୦୦ଟି ଏହି କେନ୍ଦ୍ର ଖୋଲାଯିବ । ପ୍ରତି କେନ୍ଦ୍ରରେ ୩ଟି କ୍ରୀଡାର ପ୍ରଶିକ୍ଷଣ ଏବଂ ଅଭ୍ୟାସ ପାଇଁ ସୁବିଧା ରହିବ । ଖେଲୋ ଇଣ୍ଡିଆର ବହୁଦୂରଗାମୀ ଯୋଜନାର ଫଳ ଏବେ ମିଳିଛି । ବିଗତ ଦିନରେ ଭିନ୍ନ ଭିନ୍ନ ସ୍ତରରେ କଡା ପ୍ରତିଯୋଗିତାରେ ଆସିଥିବା ଯୁବ କ୍ରୀଡବିତମାନେ ଯଥେଷ୍ଟ ଭଲ କରିଛନ୍ତି । ପ୍ରଥମଥର ପାଇଁ ଦେଶର କ୍ରୀଡାବିତମାନେ ୨୮ଟି ସ୍ୱର୍ଣ୍ଣ, ୩୮ ରୌପ୍ୟ ଏବଂ ୪୮ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଫଳରେ ଭାରତ ୪ର୍ଥ ସ୍ଥାନରେ ରହିବାକୁ ସକ୍ଷମ ହୋଇଛି । ୨୦୧୮ରେ ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଭାରତ ୧୬ ସ୍ୱର୍ଣ୍ଣ, ୨୩ ରୌପ୍ୟ, ୩୧ ବ୍ରୋଞ୍ଜ ପଦକ ପାଇବାକୁ ସକ୍ଷମ ହୋଇଥିଲା । ଭାରତ ସେଠାରେ ୮ମ ସ୍ଥାନରେ ରହିଥିଲା । ସେମିତି ୧୭ତମ (୨୦୧୪) ଏସିଆନ ଗେମ୍ସ ଦକ୍ଷିଣ କୋରିଆର ଇଞ୍ଚେଅନ୍ ସହରରେ ଅନୁଷ୍ଠିତ ହୋଇଥିଲା । ଭାରତ ୧୧ସ୍ୱର୍ଣ୍ଣ, ୧୦ରୌପ୍ୟ ଏବଂ ୩୬ ବ୍ରୋଞ୍ଜ ପଦକ ସହ ମୋଟରେ ୫୭ଟି ପଦକ ପାଇ ୮ମ ସ୍ଥାନରେ ରହିଥିଲା । ଚୀନର ହାଙ୍ଗଝାଉ ସହରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ତୀରନ୍ଦାଜୀରେ ଭାରତ ସମସ୍ତ ୫ଟି ଯାକ ସ୍ୱର୍ଣ୍ଣପଦକ ହାସଲ କରିଛି । ଏଥିରେ ଜ୍ୟୋତି ସୁରେଖା ଭେନ୍ନମ ଏବଂ ଓଜାସ ପ୍ରବୀନ ଦେଓତାଲେ ଚମତ୍କାର ପ୍ରଦର୍ଶନ କରିଥିଲେ । ବ୍ୟାଡମିଣ୍ଟନରେ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍‌ଡୀ ଏବଂ ଚିରାଗ ସେଟ୍ଟୀ ଡବଲସରେ ପ୍ରଥମଥର ପାଇଁ ସ୍ୱର୍ଣ୍ଣପଦକ ଲାଭ କରିଥିଲେ । ଜାଭେଲିନରେ ନୀରଜ ଚୋପ୍ରା ସ୍ୱର୍ଣ୍ଣ (୮୮.୮୮ ମିଟର), ଓଡିଶାର କିଶୋର ଜେନା (୮୭.୫୪ମି) ରୌପ୍ୟପଦକ ହାସଲ କରିଥିଲେ ।

୧୯୫୧ରେ ଭାରତ ପ୍ରଥମକରି ଏସିଆନ୍ ଗେମ୍ସରେ ଅଂଶଗ୍ରହଣକରି ୫୧ପଦକ ପାଇଥିଲା । ଭାରତର ଅଲିମ୍ପିକ ଆସୋସିଏସନ୍ ଏବଂ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ୨୦୨୩ର ଏସିଆନ୍ ଗେମ୍ସ ପାଇଁ ଆହ୍ୱାନ ଥିଲା 'ଅବ୍ କୀ ବାର ସୌ ପାର' । ଏହି ଆହ୍ୱାନକୁ କ୍ରୀଡାବିତ୍‌ମାନେ ଗ୍ରହଣକରି ନିଜର ଦକ୍ଷତା ବଳରେ ୧୦୦ପଦକର ସୀମା ଅତିକ୍ରମ କରିଛନ୍ତି । ମହିଳା ଟେବୁଲ ଟେନିସ ଡବଲ୍ସ ମ୍ୟାଚରେ ମୁଖାର୍ଜୀ ଭଉଣୀଦ୍ୱୟ ଅହ୍ୟିକା ଏବଂ ସତୀର୍ଥା ଚୀନର ବିଶ୍ୱ ଚମ୍ପିଅନ ଚେନ୍ ମେଙ୍ଗ ଏବଂ ୱାଙ୍ଗ୍ ୟିଡିଙ୍କୁ ହରାଇ ଭାରତ ପାଇଁ ଟେବୁଲ ଟେନିସ୍‌ରେ ପ୍ରଥମ ପଦକ ହାସଲ କରିଛନ୍ତି । ସେମିତି ଉତ୍ତର ରେଳବାଇର ଟିକେଟ ଯାଞ୍ଚକାରିଣୀ ଅଧିକାରୀ ମିରଟର ପାରୁଲ ଚୌଧୁରୀଙ୍କ ୫୦୦୦ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସମସ୍ତଙ୍କୁ ଚକିତ କରିଥିଲା । ଖେଳ ଶେଷର ୨୫ମିଟର ପୂର୍ବରୁ ଭିତର ଟ୍ରାକ୍‌ରେ ଅନ୍ୟମାନଙ୍କୁ ଅତିକ୍ରମ କରି ସେ କୌଶଳକ୍ରମେ ଯେପରି ବିଜୟିନୀ ହୋଇଥିଲେ ତାହା ଦେଖି ସାମ୍ବାଦିକମାନେ ଭାରତର ଯୁବଶକ୍ତିର ବିଜୟୀ ଆକାଂକ୍ଷାକୁ ଦେଖି ବିସ୍ମିତ ହୋଇଥିଲେ । ଖେଲୋ ଇଣ୍ଡିଆ ଏବଂ ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ସ୍କିମ୍ (ଟପ୍ସ) ନାମରେ ଦୁଇଟି ଯୋଜନାରେ ଏବେ ଦେଶର କ୍ରୀଡାବିତ୍‌ମାନଙ୍କୁ ବିଶ୍ୱସ୍ତରରେ ଭାଗନେବା ଲାଗି ବିଦେଶୀ କୋଚ୍, ସ୍ୱତନ୍ତ୍ର ପ୍ରଶିକ୍ଷଣ ସୁବିଧା, ବିଦେଶୀ ପରିବେଶରେ ପ୍ରସ୍ତୁତି ପାଇଁ ସହଯୋଗ ପ୍ରଦାନ କରାଯାଉଛି, ଯେଉଁଥିପାଇଁ ଏହି ସଫଳତା ଦେଖିବାକୁ ମିଳିଛି । ୧୯୫୧ରୁ ୨୦୨୩ ମଧ୍ୟରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଭାରତ ୭ଥର ୫୦ରୁ ଅଧିକ ପଦକ ଲାଭର ସୁଯୋଗ ପାଇଛି । ମୋଟ ପଦକ ତାଲିକା ଦେଖିଲେ ୧୯୫୧ରେ ୫୧, ୧୯୫୪ (୧୭), ୧୯୫୮ (୧୩), ୧୯୬୨ (୩୩), ୧୯୬୬ (୨୧), ୧୯୭୦(୨୫), ୧୯୭୪ (୨୮), ୧୯୭୮(୨୮), ୧୯୮୨(୫୭), ୧୯୮୬ (୩୭), ୧୯୯୦(୨୩), ୧୯୯୪ (୨୩), ୧୯୯୮(୩୫), ୨୦୦୨(୩୬), ୨୦୦୬(୫୩), ୨୦୧୦(୬୫), ୨୦୧୪(୫୭), ୨୦୧୮(୭୦), ୨୦୨୩ରେ ୧୦୭ ପଦକ ପାଇଛି । ଚଳିତବର୍ଷ ଭିନ୍ନ ଭିନ୍ନ କ୍ରୀଡାରେ ଭାରତର କ୍ରୀଡାବିତମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି । ସୁଟିଂରେ ୨୨ଟି ପଦକ, ଆଥଲେଟିକ୍ସରେ ୨୯ଟି ପଦକ ପାଇବା ଭାରତର ପାଇଁ ଉତ୍ସାହଜନକ ନିଶ୍ଚୟ । ହାଙ୍ଗଝାଉ ଏସିଆନ୍ ଗେମ୍ସକୁ ଭାରତର ୨୬ ରାଜ୍ୟ ଓ ୫ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୬୫୫ ଜଣ କ୍ରୀଡାବିତ୍ ଯାଇଥିଲେ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




## ସମୟ ସହିତ ଖେଳିଲେ

### ନିରଞ୍ଜନ ସାହୁ

ସମୟ ସହିତ ଖେଳ ଖେଳିବନି
ଖାଇବ ସମୟ ଛାଟ
ସମୟ ସହିତ ତାଳ ଦେଇ ଚାଲ
ହୋଇବ ଉତ୍ତମ ଚାଟ ।
ସମୟ ସବୁଠୁଁ ବଳବାନ ଅଟେ
ଏକଥାକୁ ଯାଅ ଜାଣି
ସମୟକୁ ବୁଝି କାର୍ଯ୍ୟ କରିଚାଲ
ନ ହେଲେ ପିଇବ ପାଣି
ସମୟ ସର୍ବଦା ଏକା କରୁଥାଏ
ନାନା ସ୍ଥାନେ ନାନା ନାଟ ।
ସମୟକୁ କେହି ବୁଝିପାରେ ନାହିଁ
ପଢିପାରେନା ତା ପାଠ
ସମୟ କା ' ପାଇଁ କେମିତି ଆସିବ
ସେକଥା ଜମା ନ ମାଠ
ସମୟ ସହିତ ତାଳ ଦେଇକରି
ନିଜର ସମୟ କାଟ ।
ସମୟ ଚାଲିଛି ଚାଲୁ ରହିଥିବ
ଏହି ସୃଷ୍ଟି ଥିବାଯାଏ
ସମୟ କା ' ପାଇଁ ଅଟକି ଯିବନି
ଯିଏ ବା ଯେମିତି ଥାଏ
ସମୟ ଗଢାଏ ସମୟ ଭଙ୍ଗାଏ
ସମୟ ବସାଏ ହାଟ ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ଜୀବନ ସଙ୍ଗୀତ

### ନୂତନ କୁମାର ବେହେରା

ହୃଦୟ ବୀଣାରୁ ହୁଏ ଝଙ୍କୃତ
ରାଗ ରାଗଣୀ ତା' କରେ ମୋହିତ,
ତାଳ ଛନ୍ଦରେ ମନ ଉଲ୍ଲସିତ
ଜୀବ ପ୍ରାଣକୁ କରେ ଆକର୍ଷିତ ସେ,
ନାଁ ତା' ଜୀବନ ସଙ୍ଗୀତ ଯେ,
ଭରି ଦିଏ ଆଶା ପ୍ରକାଶଇ ଭାଷା
ସପନ ହୁଅଇ ଜାତ ଯେ।
କେବେ ତୋଳଇ ମଧୁର ମୂର୍ଚ୍ଛନା
କେବେ ତୋଳଇ କରୁଣ ରାଗିଣୀ,
ଭାବ ଭାବନାରେ ପ୍ରବାହ ଆଣି
ଆନନ୍ଦ ବିଷାଦ ଦିଅଇ ଜାଣି ସେ,
ସାତ ସୁରେ ବନ୍ଧା ପଦ ଯେ,
ଧାରା ତା' ଆରୋହ ସାଥେ ଅବରୋହ
ଚିନ୍ତି ଦେଖେ ଭେଦାଭେଦ ଯେ।
ପଦୁଅଁ ପତରର ଜଳ ସମ,
ଢ଼ଳ ଢ଼ଳ ହୋଇ କରଇ ଭ୍ରମ,
ନାହିଁ ତାର ସ୍ଥିତି କରାଏ ବିଭ୍ରମ
ଧ୍ୱନି ପ୍ରତିଧ୍ୱନିର ଉଦଗମ ସେ
କରମେ ପାଳେ ଧରମ ଯେ
ହସରେ ହସାଏ ଲୁହରେ ଭସାଏ
ଗତି ତାର ଅବିରାମ ଯେ।
ପ୍ରାଣର ସ୍ପନ୍ଦନ ପ୍ରଣବ ମନ୍ତ୍ର
ଜୀବନ ସଙ୍ଗୀତ ଗାଏ ସ୍ୱତନ୍ତ୍ର,
ଶ୍ରମ ସାଧନା ଆଣେ ଜାଗରଣ
ଲକ୍ଷଣ ପାଳନେ ଦିଏ ପ୍ରମାଣ ସେ,
ପ୍ରେମେ ହୁଏ ମଧୁମୟ ଯେ,
ରଖି ଅନୁରାଗ କଲେ ବିନିଯୋଗ
ଝରି ପଡ଼ଇ ଅମିୟ ଯେ।
ଜୀବନ ସଙ୍ଗୀତ ଗାଏ ଗାୟକ
ଶ୍ରୋତା ଶ୍ରବଣେ ହୁଏ ଭାବୁକ,
କରେ କେବେ ମୁଗ୍ଧ କେବେ ବିଦଗ୍ଧ
ସ୍ୱର ଲୟ ତାଳେ
କରାଏ ବୋଧ ସେ,
ଜୀବ ପରମର ଖେଳ ଯେ,
ସଂଜରୁ ସକାଳ ଦିବାନିଶି କାଳ
ଗାଇ ପାଏ ପୁଣ୍ୟଫଳ ଯେ।

କୋହି, ବାରିପଦା, ମୟୂରଭଞ୍ଜ
ମୋ: ୮୦୧୮୩୫୩୩୩୨

## ମୁକ୍ତି ଖୋଜୁଥିବା ପତ୍ର

### ଡିସମ୍ବର ମେହେର

ପତ୍ର ଖୋଜୁଥାଏ ମୁକ୍ତି
କେବେ ସେ ଭୂମିକୁ ସ୍ପର୍ଶ କରିବ
ବନ୍ଧନରୁ ମୁକୁଳି
ଏ ବିଶ୍ୱ ଭୁବନ ଦେଖିବ ।
ସବୁଜିମା ରଙ୍ଗରେ ରଙ୍ଗେଇ
ବୃକ୍ଷ ଦେଲା ମୁଁହରେ ହସ
ତଥାପି ଚାହୁଁଛି ମୁକ୍ତି
ଯେତେ ଯେତେ ବଢିଚାଲେ ତା ବୟସ।
ଭୁଲିଗଲା ଅବଦାନର ମୂଲ୍ୟ
ପିତୃତ୍ୟକୁ ଗୋଇଠା ମାରି
ଛିଣ୍ଡେଇ ଦେଲା ସଂପର୍କ ସୂତ
କ୍ଷଣିକ ଆନନ୍ଦ ଲାଳସା ଧରି ।
ବ୍ୟାହିକ ଚାପ, ତାପ ଯନ୍ତ୍ରଣା
ହୃଦୟ ହେଲା ଛଟପଟ
ପଛକୁ ଚାହିଁ ଦେଖିଲା
କେତେ ଦୂର ସେ ବାଟ ।
ଫେରିବାର ବାଟ ବନ୍ଦ
ଭୋଗିବାକୁ ହେବ କର୍ମର ଫଳ
ଜୀବ ନିର୍ଜୀବ ଆକ୍ରମଣେ
ଛାତିହେଲା କଳବଳ ।
ଶେଷ ହେଇଗଲା
ଯୌବନର ସେହି ରଙ୍ଗ ରୂପ
ମାଟିରେ ମାଟିହେଲା ଦେହ
ରହିଲାନି ଚିହ୍ନ, ରହିଲାନି ଛାପ ।

ଗଣ୍ଡାବାହାଲି ନୂଆପଡା

## ହେବା ଆମେ ସାକ୍ଷର

### ରବିନାରାୟଣ ମିଶ୍ର

ଶିକ୍ଷାର ମହତ୍ତ୍ୱ ସାଧନ ହୋଇବ
ସମାଜ ହେଲେ ଜାଗ୍ରତ,
ଜାଗ୍ରତ ହୋଇଲେ ଏ ସାରା ଦୁନିଆଁ
ସର୍ବେ ହୋଇବେ ଶିକ୍ଷିତ।
ଶିକ୍ଷିତ ହୋଇଲେ ସୁଦିନ ଆସିବ
ଦୂର ହୋଇବ ଅଶିକ୍ଷା,
ଅଶିକ୍ଷା ହିଁ ଅଟେ ସମାଜେ କଳଙ୍କ
ଦେବାକୁ ହେବ ସୁ-ଶିକ୍ଷା।
ଶିକ୍ଷାର ଅଭାବେ ସମାଜୁ ବିକାଶ
କେମିତି ବା ହେବ ଦୂର,
ଦୂର ନୁହେଁ ଶିକ୍ଷା ସଭିଏଁ ପଢ଼ିଲେ
ଶିକ୍ଷାର ହେବ ପ୍ରସାର।
ପ୍ରସାର ପାଇଁକି ଲୋଡା ନାହିଁ ଧନ
ଦରକାର ଜନମତ,
ଜନମତ ସର୍ବଶିକ୍ଷା ଅଭିଯାନ,
ସର୍ବେ ହୋଇବା ଜାଗ୍ରତ।
ଜାଗ୍ରତ ହେବାକୁ ଶିକ୍ଷିତ ଭାଇ ହେ
ସର୍ବ ଶିକ୍ଷା ପାଇଁ ଲଢ଼,
ଲଢ଼ିବା ଆମେରେ ପଢ଼ିବା ପାଇଁକି
ହେବା ପାଇଁ ଦିନେ ବଡ଼।
ବଡ଼ ହେବା ପାଇଁ ବିଦ୍ୟାଳୟ ଯିବା।
ନୁହେଁ ଏହା ରଣାଙ୍ଗନ
ଅଙ୍ଗନବାଡ଼ିଠୁଁ ବିଶ୍ୱ ବିଦ୍ୟାଳୟ
ସବୁଠାରେ ସଚେତନ।
ସଚେତନ ହୋଇ ଅଚେତନ ବ୍ୟକ୍ତି
ଶିକ୍ଷିତ ହେବାକୁ ମତ,
ମତ ଦେବାପାଇଁ ଆସିଛି ସୁଦିନ
ହୁଅ ହେ ସର୍ବେ ଜାଗ୍ରତ।
ଜାଗ୍ରତ ହେବାକୁ ଅଛି ଯେବେ ଇଚ୍ଛା
ହାତରେ ମିଳାଅ ହାତ,
ହାତ ମିଳାଇଣ ଶିକ୍ଷିତ ହେବାକୁ
ନିଅ ହେ ସର୍ବେ ଶପଥ।

ଡି ଏ ଭି ପବ୍ଲିକ ସ୍କୁଲ
ବଲାଣି, କେଉଁଝର
ମୋ: ୮୨୪୯୪୬୪୭୫୪

# କବିତାମାଳା

୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୧୬ ଅକ୍ଟୋବର ୨୦୨୩, ମଙ୍ଗଳବାର


## ନିବେଦନ

### ସଂଜୀବ କୁମାର ଦାଶ



ଝୁମା ଝୁମା ଭାଦ୍ରବାନ୍ତ ବର୍ଷା,
ଫେନନିଭ ବାଦଲ ତଳୁ ଉହୁଁକି ଚାହୁଁଛି
ଚକମକ ସତୃଷ୍ଣ ସୂରୁଜ,
କୁରୁଳା ପବନରେ ଦୋଦୁଲ୍ୟ,
ଭିଜା କାଶବନର ବିନୀତ ଚାମର,
ଉକୁଟୁଛି ନୀଳ ଅପରାଜିତା ଔଜଲ୍ୟ,
ସଜାଡୁଛନ୍ତି ସଭିଏଁ ଯେମିତି,
ପରିବର୍ତ୍ତନର ଏକ ପୂର୍ବସୂଚୀ...
ଆସୁଛନ୍ତି ମାଆ !
ମନ ଅରଣ୍ୟର ଭୟଙ୍କର ଝଡ଼ରୁ ପ୍ରାଣମୂର୍ଚ୍ଛା
ଦୌଡୁଛି ପ୍ରତିଟି ମୁମୂର୍ଷୁ ପଥିକ,
ଜ୍ୟୋସ୍ନାଚର୍ଚ୍ଚିତ ଶରତର ପୂତ ସଂନ୍ଧ୍ୟାରେ
ସଅଁପି ଦେବାକୁ ଯେତେ ଦମ୍ଭ, ଅଭିମାନ,
କୋହ ଆଉ କଟାଳ...

ବର୍ଣ୍ଣାଢ୍ୟ ମେଢ଼ ଚଉତରା ପାଶେ
ବାଢ଼ିଦେବ ତା’ ନିଶବ୍ଦ ମୌନତା,
ଗତିସ୍ମାନ ସଭ୍ୟତାର ମାପ କାଠିରେ ,
ଅନେକ ଅସମାହିତ ବ୍ୟଥା ସାରଣୀ,
କାହିଁକି, ସାମାନ୍ୟ ପ୍ରାପ୍ତି ଭିତରେ
ବହୁତ କିଛି ହଜାଇବା ପରି,
ଏକ ଅସାମାନ୍ୟ ଅନୁଭବ,
ସାଧନର ସହସ୍ର ସଂସ୍କରଣ ସତ୍ୱେ
ଅଣନିଃଶ୍ୱାସୀ ସରଳ ସାଧାରଣ,
ଅପହଞ୍ଚ ଆକାଶ ଅତିକ୍ରମଣ କରି ସୁଦ୍ଧା,
ମାଟିକୁ କବଳିଛି ଭୟର ବର୍ଚ୍ଚସ୍ୱ,
ନିତି ନିତି ଆହତ, ବିଶ୍ୱାସ ଏଇଠି କଣ,
କେବଳ ସବୁଜ ଚଷମାର ଭ୍ରାନ୍ତି....

ଶୁଣିବ କି ମା, ନିବେଦନ
ବିକଳ ଗୁହାରିଆ କୁହାଟୁଛି,
ଉଲଗ୍ନ ବଜାରରେ ତଥାପି ପଣ୍ୟ
ଲଜ୍ୟା, ମାନ, ସଂଭ୍ରମତା,
ରାବଣ ହସି କହୁଛି, ଆରେ....
ମୋତେ ଜଳାଉଛ, ମୋ ଭଳି ସହସ୍ର,
ମଳିଆ ସାମିଆନା ତଳେ, ଅବାଧ ଉଲ୍ଲାସ,
ମିଛ କିମିଆଁ ରେ ମସଗୁଲ,
ସ୍ଥିତି ସାପେକ୍ଷ ଶିଳ୍ପୀ, ଧୁରନ୍ଧର,
ରାମରାଜ୍ୟ ସ୍ୱପ୍ନରେ ଦେଖୁଛି କେ,
ମରା ମରା କୋଳାହଳ,
ଲକ୍ଷେ ଦୀପର ଆଢୁଆଳରୁ ଲମ୍ଫିଛି
ଅନ୍ଧାରି ମୁହାଣି ମାଆ !
ନିରକ୍ଷକୁ ନିସ୍ତର, ଉଦ୍ଧରେ...


♥ ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ
ଦେବଗଡ଼ ମହାବିଦ୍ୟାଳୟ
ମୋ ୯୪୩୭୭୩୯୫୭୭


## ଯା ଦେବୀ ସର୍ବଭୂତେଶୁ

### ଆନନ୍ଦ କୁମାର ମାଇତି



ପୂର୍ବପ୍ରସ୍ତୁତିର ଅବସାନ ପରେ
ତିଆରି ହେଲା ପ୍ରଳୟ ପ୍ରସ୍ତୁତି ଓ ପ୍ରଳୟ
କାଳ
ପୃଥିବୀ ପରିଣତ ହେଲା ପ୍ରଳୟ ସମୁଦ୍ରରେ।
ସଂହାର କର୍ତ୍ତାର ଯୋଗନିଦ୍ରାର
ଅବସାନ ବେଳେ
ତାର ନାଭି ଦେଶୁ ଜନ୍ମି ଉଠିଲେ
ଏ ନିଖୁଣ ସୃଷ୍ଟିର ଏକମାତ୍ର
କର୍ତ୍ତା ବ୍ରହ୍ମା ବିଧାତା।

ବିଷ୍ଣୁର କର୍ଣ୍ଣମଳୁ ଉତ୍ପନ୍ନ ମଧୁକୈଟଭ
ସେବି ଉଛନ୍ନ ହେଲେ ପୁଣି ବ୍ରହ୍ମାଙ୍କୁ ବଧିବେ
ଭଗବତୀ ! ସ୍ୱୟଂ ଅନ୍ତରୀକ୍ଷରୁ ଆହ୍ୱାନ
କଲେ
ମର୍ତ୍ତ୍ୟର ସ୍ୱର୍ଗବିଥିକୁ ।

ଅମୃତ ଜ୍ୟୋତିର ଆଗମନରେ
ଶାରଦୀୟ ସଂହିତା
ପରିବେଶରେ କଣ୍ଠ ବୀଣା ସେ ସନାତାନୀ
ତ୍ରିଗୁଣ ସମ୍ଭୂତ ନାଟ୍ୟ ସଂଗୀତା
ତମୋଗୁଣେ ଶିବ ଧର୍ମିଣୀ।
ସେ ଧାତ୍ରୀ ବିଦ୍ୟା,
ମାୟା ଛନ୍ଦରେ ପାଳିଛି ଆମକୁ।

ନିଜ ଦେହ ସମ୍ଭୃତ ଅଜସ୍ର ଉର୍ଯ୍ୟା
ତୁମେ ଅପାପ ବିଦ୍ଧା
ଚିରନ୍ତିନି କାତ୍ୟୟନି
ଆଦି ଅନ୍ତ ନାହିଁ ତୁମ
ବିଶାଖାର ତୁମେ ଆଗମସିଦ୍ଧା।

ମୃନ୍ମୟୀ ତୁମେ ମୋହନ ରୂପା,
ଅଜସ୍ରବତୀ ଚିନ୍ମୟ ବିଦ୍ୟାରେ ଭରପୁର।
ତୁମେ ମେଧା ଓ ମେଧାଶ୍ରୀ
ସୃଷ୍ଟି ରକ୍ଷା ଲାଗି ଧରାକୁ ହେଲ ଆବିର୍ଭୁତ
ଶଙ୍ଖ ନିନାଦ ଧ୍ୱନି ହେଲା ସର୍ବଭୂତ
ପର୍ବତ ପ୍ରମାଣ ନୀଳ ରୌଦ୍ର ପୁଞ୍ଜ

ଭୁବନମୋହନ ତେଜ ରାଶିରେ ଗଢ଼ା
ତୁମ ସାରା କାୟା
ତୁମେ ସ୍ୱାହା
ପିତୃ ଗଣର ତୃପ୍ତି ସମିଧ
ଇନ୍ଦ୍ରିୟ ଦମନ କାରିଣୀ ମହାଶକ୍ତିମୟୀ
ମାନବ କଲ୍ୟାଣରେ ସର୍ବ ମଙ୍ଗଳା
ସେନା ବି ସେନାପତି ବି।

ତୁମେ ଦଶ ଭୁଜା, ଆଦ୍ୟା ଶକ୍ତି
ଉଦାର କାରିଣୀ, ଶ୍ମଶାନ ବାସିନୀ
ଚକ୍ର ସୁଦର୍ଶନା, ତାଣ୍ଡବ ରଚିଣୀ
ତୁମ ତ୍ରିଶୁଳରେ ଭୂମାନନ୍ଦର ରୁଢମନ୍ତ୍ର।
ଚିର ରୁଦ୍ରର ସଂଙ୍ଖନି, ବସୁଧା
ଚତୁର୍ବର୍ଗ ଦାନ କର ହେ ବିଶ୍ୱ ନିଖିଳ
ହରି ନେତ୍ର ନିବାସିନି ଅପରୂପା।

ଦେବୀ !
ପ୍ରପନ୍ନାତିହରେ ପ୍ରସିଦ,
ପ୍ରସିଦ ମା ।


♥ ବଗଡ଼ା, କେନ୍ଦ୍ରାପଡ଼ା
ମୋ: ୯୪୩୯୦୭୭୩୯୫


## ନିବେଦନ

### ଶୁଭଲଗ୍ନା ମହାପାତ୍ର



ଜୀବନଟା ଯଦି ସଙ୍ଗୀତ ହୁଏ,
ସେ ସଙ୍ଗୀତର ସୁର ହେଉଛି ତୁ ।
ଜୀବନଟା ଯଦି ସମୟର ତାଳରେ
ସମୁଦ୍ରର ଢେଉ ସାଜେ,
ସେ ଢେଉର ଲହରୀ ହଉଛି ତୁ ।
ବାସି ଯାଇଥିବା ଫୁଲ ପରି ଜୀବନଟା ଯଦି
ମଉଳି ଯାଏ,
ସେ ମଉଳି ଯାଇଥିବା ଫର୍ଦ୍ଦର
ରଙ୍ଗୀନ୍ ଅଧ୍ୟାୟ ହେଉଛି ତୁ ।
ତୋ ଫୁଲର ଝୁଡ଼ିକୁ ମୋ ଭାବର ପୁଷ୍ପରେ,
ପରିପୂର୍ଣ୍ଣ କରି ଦେ, ଯଦି ପାରୁଛୁ !
ମୋ ଲୁହ ମିଶ୍ରିତ ଭାବର ହାରକୁ
ଗଳାରେ ପିନ୍ଧି ମୋ ଜୀବନର,
ପ୍ରତିଟି ଫର୍ଦ୍ଦରେ ଅଧ୍ୟାୟ ସାଜିଦେ ।
ମୋ ପ୍ରେମର ଆବେଗରେ
ପାପୁଲିର ବିଳାପରେ ମୋର ଶେଷ ନିଃଶ୍ୱାସ
ମଉଳି ଯାଉ ତୋରି ପାଦରେ ।
କେଜାଣି କେବେ କେଉଁଠାରେ ଓ କାହିଁକି
ପ୍ରତିଛବି ଅଙ୍କା ତୋର ଆଖି ଦୁଇଟି
ହୃଦୟର ପ୍ରତିଟି କୋଣରେ
ସ୍ମୃତି ହୋଇ ରହି ଯାଇଛି
ଏ ରାତ୍ରିର ନିରବତା ଓ ସ୍ୱପ୍ନର
ଗହନତା ଭିତରେ
ଏକ ସଲଖ ଖିଅ ଟି ଏ ତୁ
ପୁଣି ଅଭିଶପ୍ତ ଅତୀତର
ଅଭୁଲା ପୃଷ୍ଠାଟି ଏ ତୁ
ମନ ଭିତରେ ଅସଂଖ୍ୟ ଭାବନାର ଢେଉ
ସେଇ ଢେଉର ବେଳା ଭୂମିରେ
ଅବିଚ୍ଛିର୍ଣ୍ଣ ରକମର ଶାମୁକା
ସେଇ ଶାମୁକା ଭିତରେ ମୋତିଟି ଏ ତୁ
ଦେଖିନି ନେତ ମୋ ପତିତପାବନ
ଛୁଇଁନି ମଥା ମୋ ନରେନ୍ଦ୍ର ଚନ୍ଦନ
ହେଲେ ବି ତୋ ପ୍ରେମରେ ବିଳାପି ହୋଇ
ତୂଳୀ ଧରି ବସିଛି ଆଙ୍କିବି ବୋଲି ତୋର
ଅଦୃଶ୍ୟ ଶରୀରର ପ୍ରତିଛବିକୁ
ଯଦି ମୋ ଜୀବନ ଗୋଟେ ନଉକା ସାଜେ
ସେଇ ନଉକାର ନାଉରୀ ହଉଛି ତୁ
ନଦୀର ତୀରେ ତୀରେ
ବହି ଯାଇଥିବା ନାଦଟି ଏ ତୁ
ଜୀବନ ଯଦି ପ୍ରଶ୍ନଟିଏ ସାଜେ
ସେଇ ପ୍ରଶ୍ନର ଅସରନ୍ତି ଉତ୍ତରଟିଏ ତୁ
ହୃଦୟର ସ୍ପନ୍ଦନରେ,
ଆଖିର ପଲକରେ,
ସ୍ୱପ୍ନର ଝଲକରେ
ମନର ଆବେଗରେ
ଓ ପ୍ରତିଟି ନିଃଶ୍ୱାସରେ
ଅସରନ୍ତି ବାୟୁର ପ୍ରଳାପଟେ ତୁ
ମୋ ଜୀବନର ଶେଷ ଅଧ୍ୟାୟରେ
ଅସରନ୍ତି ଫର୍ଦ୍ଦଟିଏ ତୁ ।
ଜୀବନ ର ମାନେ ଖାଲି ତୁ ଆଉ ତୁ ....।


♥ ଛାତ୍ରୀ
ଠିକଣା: ନୟାଗଡ଼ ପ୍ରଜାମଣ୍ଡଳ ମହିଳା
ମହାବିଦ୍ୟାଳୟ, ନୟାଗଡ଼




## କବିଶ୍ରେଷ୍ଠ ଘେନପ୍ରଣତି...

### ସୁଧାକର ସେଠୀ



କେଉଁ ଶୁଭ ଲଗନେ ଜନମ ତୁମ୍ଭର
ଏ ମାଟି ହୋଇଲା ଧନ୍ୟ
ତବ କାଳଜୟୀ ସୃଷ୍ଟି ସମ୍ଭାରେ
ଏ ଜାତି ହୁଏ ତଲୀନ।

କେଦାର ଗୌରୀ ନନ୍ଦିକେଶ୍ୱରୀ
ଉଷା ପାର୍ବତୀ ଚିଲିକା
ତବ ବଗିଚାର ଅମୂଲ ରତନ
ଝୁରୁଛି ଜଗତ ଏକା ।

ବିଦ୍ୟାର ଜ୍ୟୋତି ଜାଳିଲ ମୂଳକେ
ହସିଲା ସାରା କଟକ
ଫକୀରମୋହନ ମଧୁବାବୁଙ୍କ ସାଥେ
ଦେଖିଲ ସ୍ୱପ୍ନ ଅନେକ ।

ଭାଷାଜାତି ପାଇଁ ଥିଲା ଯେ ଲଢେଇ
ସମୟ ତା ମୂକ ସାକ୍ଷୀ
ଗଡଗଡିଆ ଘାଟ ଆଜିବି ଝୁରୁଛି
ପ୍ରତିକ୍ଷାରେ ଖୋଲି ଆଖି ।

ଗଢିଲ ଉତ୍କଳ ବନି ସୁତ୍ରଧର
ଭାଷା ଜାତିକୁ ଦେଇ ସୁରକ୍ଷା
ତିନି ମହାପ୍ରାଣ ବାଲେଶ୍ୱର ନଗରୁ
ଆରମ୍ଭିଲ ଜୟଯାତ୍ରା ।

ସେ ମହରଗ ଯୋଡି ଦିଶିନାହିଁ କେବେ
ମିଳିବାର ନାହିଁ ଆଶା
ହେ କବିଶ୍ରେଷ୍ଠ ଫେରିଆସ ବାରେ
ତୁଟିନି ଆମ ଭରସା।

ପୁଣି ଲେଖାହେବ ଜାତି ଇତିହାସ
ଉତ୍କଳ ଉଠିବ ହସି
ତା ରାଧାନାଥ
ଫକୀରମୋହନଙ୍କୁ ଦେଖି
ଆନନ୍ଦେ ଯିବ ନାଚି ।

ଏ ଜାତି ଏ ମାଟିର ହୃଦେ ସାଇତା
କେମିତି ସବୁ ଭୁଲିବ
ହେ କବିଶ୍ରେଷ୍ଠ ତବ ଅକ୍ଷୟବାନୀ
ଚିର ଅମଳିନ ହେବ ।


♥ ଭିନ୍ନକ୍ଷମ ଜାତୀୟ କ୍ରୀଡାବିତ ତଥା
ମାନବାଧିକାରକର୍ମୀ
ଜମ୍ବେଶ୍ୱରପୁର, ବାଲେଶ୍ୱର
ମୋ: ୯୩୩୭୬୮୧୫୨୪


## ହସେ କାଶତଣ୍ଡୀ

### ସତ୍ୟଜିତ୍ ମହାପାତ୍ର



ମନର ଗହନେ ନଦୀ ଉପବନେ
କୁସୁମ ଭଳିକି ଫୁଟେ
ମାଆ ଯେ ଆସିବ ଧରା ମହକିବ
କାଶତଣ୍ଡୀ କହି ଉଠେ

ଶରତ ଋତୁରେ ତଟିନୀର ତୀରେ
ମନଲୋଭା ଦୃଶ୍ୟ ଦିଶେ
କାଶତଣ୍ଡୀ ଆଜି ବଧୂ ବେଶ ସାଜି
ଖିଲି ଖିଲି ଓଠେ ହସେ

ଧଳା ଶାଢ଼ି ପିନ୍ଧି ଧଳା ମଥା ବିନ୍ଧି
ଆଶ୍ୱିନେ ଆସିଛି କିଏ
କୃପା ପାଇଁ ସ୍ୱର୍ଗୁ ଓହ୍ଲେଇ ଆସିଛି
ସତେକି ଅପ୍ସରୀଟିଏ

ପ୍ରେମର ଋତୁରେ ପ୍ରେମ ଉହାଡ଼ରେ
ପ୍ରେମିକ ପ୍ରେମିକା ପାଇଁ
ପ୍ରେମର ମନ୍ଦିରେ କାଶତଣ୍ଡୀ ଦ୍ୱାରେ
ପ୍ରେମୀ ଆସେ ନିତି ଧାଇଁ

ମାଆ ଗଲେ ଚାଲି କହେ ସେ ଯେ ବୁଲି
ଆର ବରଷକୁ ପେକ୍ଷା
ଜଗତ ଜନନୀ ବିଶ୍ୱର ନନ୍ଦିନୀ
କେମିତି କରିବି ବାଖ୍ୟା


♥ ମାଣିକଡିହା, ଖୋସାଲପୁର,
ଦଶରଥପୁର, ଯାଜପୁର
ମୋ: ୯୮୬୧୪୦୦୦୨୯


## ମା’ଙ୍କ ଆଗମନ

### ସୌଦାମିନୀ ପଣ୍ଡା



ଆଶ୍ୱିନ ମାସରେ ଉଭା ହେଲା ମା
ତୁମେ ଦୁର୍ଗତିନାଶିନୀ,
ଭକତଙ୍କ ସହ ମିଳନ ସମୟ
ଆସିଲା ମା ଭବାନୀ ।

ଭକତଙ୍କ ମନ ଚାହିଁ ରହିଛି
ତୁମ ଦର୍ଶନ ଆଶେ,
ବଖାଣି କହିବି ଜୀବନର କଥା
ଏହି ଅଭିଳାଷେ ।

ମନ୍ତ୍ରସ୍ତୁତିରେ କମ୍ପୁଛି ଗଗନ
ହୋମ ଯଜ୍ଞ ଧୂଆରେ ଧୂଳିନ,
ତୁମ ଆବିର୍ଭାବେ ବିନା
ହୁଏ ଏ ପୃଷ୍ଠ ମଳିନ ।

ଢୋଲ ନାଦରେ ଫାଟିଲାଣି କାନ
ଥର ଥର ହୋଇଗଲାଣି ଭୁବନ,
ସମସ୍ତଙ୍କ ମନେ ଗୋଟିଏ ଆଶା
କରିବେ ମା’ ପୃଷ୍ଠକୁ ଆଗମନ ।

ସିଂହ ପୃଷ୍ଠରେ ତୁମ୍ଭେ କରି ବିଜେ
ଭ୍ରମଣ କର ସର ଜଗତେ,
ଅନ୍ୟାୟ ରୂପକ ଅନ୍ଧାର ସଂସାରରୁ
ଉଦ୍ଧାର କର ମା ମତେ ।


♥ ବରିହାପାଲି (ପଦ୍ମପୁର )
ବରଗଡ


## ମନର ସହର...

### ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପୃଷ୍ଟି



କିଛି କିଛି କଥା କହି ହୁଏନାହିଁ ମନ ତଳେ ଛୁପେ ଜାଣି
କେମିତି ଲୁଚେଇ ରଖିଥାଏ ହୃଦ ପାରେନାହିଁ କେହି ଶୁଣି
ମନ ତ ଏମିତି କଳାପଟାଟିଏ ସବୁ କାହାଣୀର ସାକ୍ଷୀ
ଶୁଣୁ ଶୁଣୁ ସବୁ ଇଚ୍ଛା ଅନିଚ୍ଛାରେ ଲେଖିନିଏ ବେଳ ଦେଖି ।

କେହିତ ଦେଖିନି ଭାବ ଦରବାର ହୃଦୟ କାହାର ଫେଡ଼ି
କେମିତି ଶ୍ରାବଣ ମେଘର ନାଆଁରେ ମାରୁଥାଏ ଘଡଘଡି
କୁଆଁ ତାରା ସେଠି ଦେଖି ପାରେନାହିଁ ପ୍ରଭାତର ଆଗମନୀ
କୁଆଁରୀ ଲାଜରେ ବସା ବାନ୍ଧିଥାଏ ଅନ୍ଧାରର ସମ୍ମୋହନୀ ।

ଭାରି ସୁକୁମାର ମନର ସହର କେବେ ସେଠି ଫୁଲ ଫୁଟେ
ତଥାପି କେମିତି ସେ ସହରେ ପୁଣି ଅଦିନିଆ ମେଘ ଘୋଟେ
ଦୂରନ୍ତ ସପନ ଆଙ୍କୁଥାଏ ମନ ଜହ୍ନ ରାଇଜରେ ବୁଲି
କାହାଣୀ ସେଇଠି ନୂଆ ମୋଡ଼ ନିଏ କେହି ଦେଲେ ପଛୁଁ ଠେଲି ।

କୁଜଝଟିକା ସମ ଚଉଦିଗ ଦିଶେ ଅନ୍ଧକାର ନିଏ ଟାଣି
କିଛି କିଛି କଥା କହି ହୁଏନାହିଁ ମନ ତଳେ ରହେ ଜାଣି ।


♥ ଦଶରଥ ପୁର, ଯାଜପୁର-୭୫୫୦୦୬
ମୋ: ୭୩୭୭୩୧୮୭୮୯


## ଭୋଗ ଡାଲା

### ମାନସ ରଞ୍ଜନ ନାୟକ



ସମର୍ପଣର ପୁଷ୍ପଗୁଚ୍ଛ, ଆଶୀର୍ବାଦ ସ୍ୱୀକୃତ ନାଲି ସିନ୍ଦୂର
ଶାଶ୍ୱତ ବିଶ୍ୱାସର ଘିଅ ସଳିତା, ମହକ ଧୂପ ପ୍ରାର୍ଥନାର
ଜୀବନ ଲୋଟାରେ ପୂର୍ଣ୍ଣକୁମ୍ଭ ଅଭିସାର, ଭକ୍ତିପୂତ ବ୍ୟଞ୍ଜନ
ଭୋଗଡାଲା ପସରାରୁ ଜନ୍ମେ ଜୀବନ୍ମୟ ଉଚ୍ଛ୍ୱାସର ସ୍ପନ୍ଦନ।

ବିଜ୍ଞାନର ପହଣ୍ଡିରେ ପ୍ରଗତିର ନନ୍ଦିଘୋଷ ତୋ ଅଗ୍ରସର
ଚନ୍ଦ୍ର ଯାନର ବ୍ୟାପ୍ତ ସଫଳତା ପାଇଁ ଭୋଗଡାଲା ବି ତୟାର
ଦିବ୍ୟସତ୍ତାର କ୍ଷୀଣ ସ୍ଫୁଲିଙ୍ଗେ, ଜୀବନ ଆଶ୍ଳେଷର ଉତ୍ତରଣ
ଚେତନା ସ୍ମରଣେ ଲବ୍ଧ, ଜନ୍ମ ମୃତ୍ୟୁର ସହଜ ସମୀକରଣ।

ବସ୍ତୁବାଦୀ ଜୀବନଚର୍ଯ୍ୟାରେ ବି ସୁପ୍ତ ଆଧ୍ୟାତ୍ମିକ ସଂକୀର୍ତ୍ତନ
ମୋହ କୋହର ସଂକୀର୍ଣ୍ଣ ଆସ୍ତରଣ ତଳେ ଚେତନା ଉନ୍ମୀଳନ
ଦାନ ଧ୍ୟାନ, ତ୍ୟାଗ ତିତିକ୍ଷା ହିଁ ସ୍ୱତଃ ଦେବୀର ଆବାହନୀ ସ୍ତୁତି
ଭୋଗଡାଲାରେ ତୋ’ ସଜାଡିନେ, ଭାବବୋଧର ଅନ୍ତର୍ମୁଖୀ ଗୀତି।

ଆତ୍ମବଢ଼ିମା’ର କୁହାଟେ ପ୍ରତିଧ୍ୱନିତ ସ୍ୱଧର୍ମର କବାଟ
ଭୋଗଡାଲାରେ ଖୋଜୁଛୁ ତୁ ମୋକ୍ଷ, ମୁକ୍ତିର ଅଭୀପ୍ସିତ ମଲାଟ ?


♥ ମଞ୍ଜୁରୀ ରୋଡ୍, ଭଦ୍ରକ
ମୋ:୯୮୯୦୮୫୧୪୨୭


## ବାଟବଣା

### କବିତା ପଣ୍ଡା



ତୁମ ଅନ୍ତର ତଳେ ଏତେ ଯେ କପଟ
ସାଇତି ଥିଲ ମୋ ପାଇଁ
ବଣିକ ପୁଅର ଛାତିର ଛାତିକୁ
ମାପି ନ ଥିଲି ଯେ ମୁହିଁ
ଚିର ସବୁଜ ର ଭାବ ମୂର୍ତ୍ତି ତୋର
କିଣିନେଲା ମନ ମୋହି
ପାଦକୁ କଢ଼େଇ ମନକୁ ହଜେଇ
ବାଟବଣା ହେଲି ଯହିଁ
ସରଳ ହୃଦୟେ ଏତେ ଯେ କଣ୍ଟା
ବିଛେଇ ଥିଲ ମୋ ପାଇଁ
ଶେଜ ପାରି ତାକୁ ଆଉଜି ଗଲାରୁ
ବହିଲା ରକ୍ତର ନଈ
ସବୁ ଯନ୍ତ୍ରଣାକୁ ସୁଖ ଫୁଲ ଭାବି
ତୋଳିଲି ନିଜର ହୋଇ
ଚେଇଁ ଶୋଇ ଯଦି ରଙ୍ଗଶାଳା ସାଜ
କହି ବାର ମାନେ ନାହିଁ
ଲଣ୍ଡା ବରଗଛ ତଳେ ବସି ଭୁଜେ
ଖୋଜୁଛି ଶୀତଳ ଛାଇ
କପଟୀ ଅନ୍ତରେ ଖାଲି ଯେ କପଟ
ରଖିଛି ଗୋପନେ ଥୋଇ
ପଥର ଛାତିରେ ମୁଣ୍ଡ ପିଟିହେଲେ
ରକ୍ତର ମୂଲ୍ୟରେ ନାହିଁ
ସମ୍ପର୍କର ମାନେ ବୁଝିବ ସେ କାହୁଁ
ନିଜଠୁ ପରଜେ ହୋଇ
କଥା ଦେଇ ଯିଏ ପ୍ରତାରଣା କରେ
ତା ଠୋ ନିଜର ଯେ କାହିଁ
ହାତରେ ନ ମାରି ଭାତରେ ମାରେ ଯେ
ଦୁନିଆରେ ବଡ଼ ସେହି
ଚାତକ ପକ୍ଷୀର ପାଣି ଟୋପା କଥା
ଜ୍ୟେଷ୍ଠ ତ ବୁଝିଲା ନାହିଁ।
ପ୍ରଚଣ୍ଡ ରୌଦ୍ରର ପର କାଶ କଥା
ପଢ଼ି ଥିଲି ଗପ ବହି ।


♥ ମଙ୍ଗଳ ପୁର, ସୋର
ବାଲେଶ୍ୱର


## ଅବୁଝା ଏ ମନ

### ଅଳକା ରାୟ



କିପରି ବୁଝିବ ଅବୁଝା ଏ ମନ
ପାରୁନି ତୁମକୁ ତ ଭୁଲି
ମୂହୁର୍ତ୍ତର ସେଇ ଆବେଗଭରା
ଚାହାଣି ରେ ସଜାଇଦେଲ
କାଳ କାଳକୁ ବିରହିଣି।

ପାଷାଣ ଦେହରେ ପ୍ରାଣ ଭରିଦେଇ
ସାଜିଲ ଅମାବାସ୍ୟା ଜହ୍ନ
ଅପେକ୍ଷାରେ ତୁମ ଲୁହଧାର ଢାଳି
ଖୋଜୁଛି ପୂନେଇ ଜହ୍ନ।

ଦୁଃଖର ଚାଦର ନିଜେ ଓଢିଛି
ଦେଇ ରାଜସ୍ୱ ପ୍ରେମର
ଅବୁଝା ମନ ଖୋଜୁଛି ଖାଲି
ଟିକେ ସାନିଧ୍ୟ ପାଇଁ।

ତୁମେ ଚାଲିଗଲ ଶ୍ରାବଣ ଶେଷରେ
ଦାରୁଣ ବିରହ ଦେଇ
ଶରତ ମଳୟେ ଛୁଆଁରେ ତୁମର
ସାନିଧ୍ୟକୁ ଅନୁଭବିଲି।

ମଳୟ ପରଶେ ପୁଲକିତ ମନ
ପ୍ରୀତିର ପରଶ ପାଇ
ତୁମ ଚାହାଣିର ସ୍ପର୍ଶରେ ଘାଇଲା
ହେଲି ମୁଁ କାଳ କାଳ ପାଇଁ।


♥ ନୟାପଲ୍ଲୀ, ଭୁବନେଶ୍ୱର

# ଖଡ଼ିଆଳରେ ନବରାତ୍ରୀ ଦୁର୍ଗାପୂଜା ଆରମ୍ଭ

ନୂଆପଡ଼ା, ୧୬/୧୦ (ନି.ପ୍ର): ନବରାତ୍ରୀ ଦୁର୍ଗାପୂଜା ଉପଲକ୍ଷେ ଜିଲାର ଖଡ଼ିଆଳ ସହର ବେଶ ଚଳଚଂଚଳ ହୋଇଉଠିଛି । ଚଳିତବର୍ଷ ଖଡ଼ିଆଳ ପଟ୍ଟନାୟକପଡା ପୂଜା କମିଟି ଓ ରାଜାପଡ଼ା ଦୂର୍ଗାପୂଜା କମିଟି ତରଫରୁ ମା ଦୁର୍ଗାଙ୍କ ନବରାତ୍ରୀ ଦୁର୍ଗାପୂଜାକୁ ବହୁ ଯାକଯମକରେ ପାଳନ କରାଯାଉଛି । ଖଡ଼ିଆଳ ପଟ୍ଟନାୟକ ପଡା ଓ ରାଜାପଡା ପୂଜା ମଣ୍ଡପରେ ଆକର୍ଷଣୀୟ ସୁଉଚ୍ଚତୋରଣ ସାଙ୍ଗକୁ ବିଭିନ୍ନ ରଙ୍ଗ ବେରଙ୍ଗର ଆଲୋକ ସାଜସଜ୍ଜା ଦର୍ଶକମାନଙ୍କୁ ବେଶ୍ ଆକୃଷ୍ଟ କରିବାରେ ଲାଗିଛି । ଏଠାରେ ୯ଦିନ ଧରି ଜଗତଜନନୀ ମା ଦୁର୍ଗାଙ୍କୁ ଭିନ୍ନ ଭିନ୍ନ ବେଶରେ ଷୋଡ଼ଶ ଉପଚାରରେ ପୂଜା କରାଯିବ। ୨ ପୂଜା କମିଟି ତରଫରୁ ଗତକାଲି ମହାଳୟା ଉପଲକ୍ଷେ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ପୂଜାମଣ୍ଡପରେ ପହଂଚିଥିଲେ । ଆଜି ପ୍ରାତଃରୁ ଦେବୀ ଦୁର୍ଗା ମୃଣମୟୀ ମୂର୍ତିକୁ ଜୀବନ୍ୟାସ କରାଯିବା ପରେ ଦେବୀଦୁର୍ଗାଙ୍କୁ ଶୈଳପୁତ୍ରୀ ବେଶରେ ଶୋଡ଼ଷ ଉପଚାରରେ ହୋମଯଜ୍ଞ ସହ ପୂଜା କରାଯାଉଛି । ଆଜି ଭକ୍ତମାନେ ଦେବୀ ଦୁର୍ଗାଙ୍କୁ ଶୈଳପୁତ୍ରୀ ରୂପରେ ଦର୍ଶନ କରୁଛନ୍ତି । ସୂଚନା ଥାଉକି ଦଶହରା ମହାଳୟା ଉପଲକ୍ଷେ ଖଡ଼ିଆଳର ଗଡ଼ଦେବୀ ମାଁ ରକ୍ତାମ୍ବରୀ ଦେବୀଙ୍କ ପୀଠରେ ମଧ ପୂଜା ଆରମ୍ଭ ହୋଇଯାଇଛି । ଖଡ଼ିଆଳର ତତ୍କାଳୀନ ରାଜା ରୁଦ୍ରମାଧବ ସିଂଦେଓ ତାଙ୍କ ରାଜଧାନୀ କୋମନାଗଡ଼ରୁ ଆଣି ଖଡ଼ିଆଳ ଠାରେ ରାଜଧାନୀ ପ୍ରତିଷ୍ଠା କରିଥିଲେ। ରାଜଧାନୀ ପ୍ରତିଷ୍ଠା କରିବା ପରେ ରାଜା ରୁଦ୍ରମାଧବ ସିଂଦେଓ ଖଡ଼ିଆଳ ନିକଟସ୍ତ ପଲମାଗଡ଼ରୁ ଦେବୀ ରକ୍ତାମ୍ବରୀଙ୍କୁ ପ୍ରତିଟି ପାଦରେ ବୋଦାବଳି ଦେଇ ଖଡ଼ିଆଳକୁ ପାଛୋଟି ଆଣି ଗଡ଼ଦେବୀ ଭାବେ ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରି ଆସୁଛନ୍ତି । ସେହିଦିନ ଠାରୁ ପ୍ରତିବର୍ଷ ଦଶହରା ମହାଳୟା ଉପଲକ୍ଷେ ମାଁ ରକ୍ତାମ୍ବରୀ ଦେବୀଙ୍କ ମନ୍ଦିରରୁ ବାଜାଗାଜା ସହ ସେବାୟତ ମାନେ ଛତର ଧର୍ମ ସ୍ଥାନୀୟ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଛପଟେ ଦେବୀଙ୍କ ଉପସ୍ଥଳୀକୁ ଯାଇ ପୂଜାର୍ଚ୍ଚନା କରିବା ପରେ ଛତରକୁ ମନ୍ଦିରକୁ ଅଣାଯାଇଥିଲା । ମହାଳୟା ଠାରୁ ଗଡ଼ଦେବୀ ମାଁ ରକ୍ତାମ୍ବରୀ ଦେବୀଙ୍କ ପୀଠରେ ପୂଜାଆରମ୍ଭ ହୋଇ ବିଜୟା ଦଶମୀ ଯାଏଁ ଦଶଦିନ ବ୍ୟାପି ଅଖଣ୍ଡ ଜାଗର ଦୀପ ଜାଳି ପୂଜା କରାଯାଇଥାଏ । ପରେ ଦଶହରା ବିଜୟା ଦଶମୀ ଉପଲକ୍ଷେ ରକ୍ତାମ୍ବରୀ ଦେବୀଙ୍କ ବୁଏଲ ଛତର ଯାତ୍ରା ବାହାରି ନଗର ପରିକ୍ରମା କରିଥାଏ । ଏହାକୁ ଦେଖିବା ପାଇଁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥାଏ । ସେହିପରି ଜିଲ୍ଲାର ଅନ୍ୟାନ୍ୟ ସ୍ଥାନରେ ମଧ ମହାସମାରୋହରେ ନବରାତ୍ର ଦୂର୍ଗାପୂଜା ଆଜିରୁ ଆରମ୍ଭ ହୋଇଯାଇଛି।

# ସାରଙ୍ଗଡରେ ଘରେ ଘରେ ହାତ କାର୍ଯ୍ୟକ୍ରମ ଅନୁଷ୍ଠିତ

କନ୍ଧମାଳ, ୧୬/୧୦ (ନି.ପ୍ର): କନ୍ଧମାଳ ଜିଲା ଅନ୍ତର୍ଗତ କ. ନୂଆଗାଁ ବ୍ଲକ ଅନ୍ତର୍ଗତ ସାରଙ୍ଗଡ଼ରେ ଘରେ ଘରେ କଂଗ୍ରେସ ଓ ଘରେ ଘରେ ହାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବାଲିଗୁଡା ବିଧାନ ସଭା ନିର୍ବାଚନ ମଣ୍ଡଳୀର ବରିଷ୍ଠ ଆଦିବାସୀ ନେତା ସାମାଜ ସେବି, ସଂଗଠକ ଉପେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସାରଙ୍ଗଡ଼ ଗ୍ରାମରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।ଶ୍ରୀ ପ୍ରଧାନ ସାରଙ୍ଗଡ଼ର ପ୍ରତ୍ୟେକ ଘରକୁ ଯାଇ ବିଜେଡି ଶାସନର ଦୁର୍ନୀତି ଅପାରଗତା କଂଗ୍ରେସର ଆଭିମୁଖ୍ୟ ସମ୍ପର୍କରେ ପ୍ରଚାର ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଅନାମ ନାୟକ ଯୋଗଦେଇ ଥିଲେ। କଂଗ୍ରେସ କର୍ମୀଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅନାମ ନାୟକ ସଭାପତିତ୍ୱ କରିଥିଲେ। ଉପେନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗ ଦେଇ କଂଗ୍ରେସର ସୁଶାସନ ସମ୍ପର୍କରେ ଆଲୋଚନା କରିବା ସହ ବିଜେଡିର ବିଭିନ୍ନ ଦୁର୍ନୀତି ସମ୍ବନ୍ଧରେ ମଧ ଭାଷଣ ପ୍ରସଙ୍ଗରେ କହିଥିଲେ। ବାଲିଗୁଡା ବିଧାନ ସଭାନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳ କୁ ସୁଦୃଢ କରିବାକୁ ସେ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ଗଲା ନିର୍ବାଚନରେ କଂଗ୍ରେସ ଅଳ୍ପ ଭୋଟରେ ପରାଜିତ ହୋଇ ଥିଲା। କିନ୍ତୁ ଏଥର କଂଗ୍ରେସର ସ୍ଥିତି ଭଲ ଅଛି। କଂଗ୍ରେସ ବାଲିଗୁଡା ଆସନକୁ ଅକ୍ତିଆର କରିବ ବୋଲି ପ୍ରକାଶ କରିଥିଲେ ଆଶାୟୀ ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀ ବିଧାନ ସଭା ପ୍ରାଥୀ ଉପେନ୍ଦ୍ର ପ୍ରଧାନ। ଗତ ୨୦୧୮ରୁ କନ୍ଧମାଳ ଜିଲ୍ଲାର ସମସ୍ତ ବ୍ଲକରେ କଂଗ୍ରେସର ସଙ୍ଗଠନକୁ ସୁଦୃଢ କରାଯାଇଛି ବୋଲି ଜିଲ୍ଲା କଂଗ୍ରେସ ସଭାପତି ଅନାମ ନାୟକ ପ୍ରକାଶ କରିଥିଲେ।

# ବରୀ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଧର୍ମଶାଳା, ୧୬/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗାନ୍ଧୀ ଜୟନ୍ତୀଠାରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି । ଏହି କ୍ରମରେ ଆଜି ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ପକ୍ଷରୁ ରସୁଲପୁର ବ୍ଲକ ବ୍ରହ୍ମବରଦାଠାରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ଅନ୍ତର୍ଗତ ୧୦ ଗୋଟି ପଂଚାୟତକୁ ନେଇ ଏହି ପଦଯାତ୍ରା ମଙ୍ଗରାଜପୁର ଖଣ୍ଡାସଛକଠାରେ ଅନୁଷ୍ଠିତ ହୋଇଥିଲା । ବରୀ ବିଧାୟିକା ସୁନନ୍ଦା ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ରାଜ୍ୟ ସଭା ସାଂସଦ ମୁନ୍ନା ଖାଁ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରସୁଲପୁର ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ଦାସ,ମଙ୍ଗରାଜପୁର ସରପଂଚ ଜୟନ୍ତୀ ସାହୁ,ସମିତିସଭ୍ୟା ଦୁଲଣା ମଳିକ,ଅତଲାପୁର ସରପଂଚ ଅନେସା କସର,ମହେଶ୍ୱରପୁର ସରଂପଚ ଝରଣା ପାତ୍ର,ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶିନୀ ଦେଓ,ବନ୍ଧଡିହ ସରପଂଚ ବିକ୍ରମ ବେହେରା,ରାଉତରାପୁର ସରପଂଚ ସ୍ୱର୍ଣ୍ଣଲତା ସାହୁ ଓ ପ୍ରଥମାଖଣ୍ଡ ସରପଂଚ ଦୁର୍ଗା ଦାସଙ୍କ ସମେତ ଶହଶହ ସଂଖ୍ୟାରେ ବିଜେଡି କର୍ମୀ ଓ ନେତୃମଣ୍ଡଳୀ ଏକତ୍ର ହୋଇ ଖଣ୍ଡାସଛକ ଗୋପବନ୍ଧୁଛକଠାରୁ ବାହାରି ମହେଶ୍ୱରପୁର ପଂଚାୟତସ୍ଥ ବଜାରହାଟ ଓ ବମ୍ଫେଛକ ଛକ ଦେଇ ଶେଷରେ ବ୍ରହ୍ମବରଦା ବ୍ୟାଙ୍କଛକ ନିକଟରେ ଜନସମ୍ପର୍କ ପଦଯାତ୍ରା ଶେଷ ହୋଇଥିଲା । କର୍ମୀମାନେ ଏହି ପଦଯାତ୍ରାରେ ନବୀନ ପଟ୍ଟନାୟକଙ୍କ ଜନହିତକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ ।

# ମୋଇରା ବାଜକଙ୍କୁ ନେଇ ବୈଠକ

ମାଲକାନଗିରି, ୧୬/୧୦ (ନି.ପ୍ର): ମାଲକାନଗିରି ସ୍ୱତନ୍ତ୍ର ଉନୟନ୍ନ ପରିଷଦ ସମ୍ମିଳନୀ କକ୍ଷ୍ ଠାରେ ଜନଜାତି ଏବଂ ଆଦିବାସୀ ମୋଇରା ବାଜକଙ୍କୁ ନେଇ ବୈଠକ ଆଜି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଆଡମା ରାବାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ଜନଜାତି ତଥା ଆଦିମ ଜନଜାତି ପରମ୍ପରାର ମୋଇରା ବାଜକ ମାନଙ୍କୁ ନେଇ ଏକ ବୈଠକର ଅନୁଷ୍ଠିତ ହୋଇଯାଇଛି । ଏହି ବାଜକ ମାନେ ମୁଖ୍ୟତଃ ଜିଲ୍ଲାର ବିଭିନ୍ନ ପ୍ରସିଦ୍ଧ ଓ ପୁରାତନ ଠାକୁରାଣୀ ପୀଠ ଗୁଡ଼ିକରେ ପୂଜା ସମୟରେ ଓ ଅନ୍ୟ ନୀତିକାନ୍ତି ସମୟରେ ବାଦ୍ୟ ବଜାନ୍ତି । ତେବେ ଏହି ବାଜକ ମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଏହି ବୈଠକରେ ଆଲୋଚନା କରଯାଇଥିଲା । ବାଜକ ମାନଙ୍କ କହିବା ଅନୁଯାୟୀ ବର୍ଷ ବର୍ଷ ଧରି ପିଢୀ ପରେ ପିଢୀ ସେମାନେ ତାଙ୍କ ଏହି ପାରମ୍ପରିକ ବାଦ୍ୟ ଯନ୍ତ୍ର ବ୍ୟବହୃତ କରିଆସୁଛନ୍ତି । ତେବେ ବର୍ତ୍ତମାନ ବାଦ୍ୟ ଯନ୍ତ୍ର ଗୁଡ଼ିକ ନଷ୍ଟ ବା ଖରାପ ହେବାରେ ଲାଗିଲାଣି । ଝାହା ଦ୍ୱାରାକି ଅନେକ ଶିଳ୍ପୀ ଏବଂ କଳାକାର ନିଜର କଳାଠୁ ବଂଚିତ ହେଉଛନ୍ତି । ଏହାସହ ଏହି ବାଜକ ମାନଙ୍କ କଳାକୁ ଆଗକୁ ନେବା ପାଇଁ ଓ ସେମାନଙ୍କୁ ସରକାରୀ ସ୍ତରରେ ପ୍ରୋତ୍ସାହନ ଯୋଗାଇବା ନିମନ୍ତେ ବୈଠକରେ ବାଜକ ମାନେ ଅନୁରୋଧ କରିଥିଲେ । ଯାହାକୁ ନେଇ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଶ୍ରୀ ରାବା ମୋଇରା ବାଜକ ମାନଙ୍କ ଦ୍ୱାରା କରାଯାଇଥିବା ଦାବି ଗୁଡିକ ଉପରେ ଗୁରୁତ୍ୱ ଦେଇ ଯଥା ଶୀଘ୍ର ପଦକ୍ଷେପ ନେବେ ବୋଲି ପ୍ରକାଶ କରିଥିଲେ । ଏହା ସହ ଶ୍ରୀ ରାବା କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆପଣ ମାନଙ୍କ ଏହି ସବୁ ସମସ୍ୟାର ସମାଧାନ ଲାଗି ପୂର୍ବରୁହିଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଧ୍ୟମରେ ବାଦ୍ୟ ଯନ୍ତ୍ର ଆପଣ ମାନଙ୍କ ପାଖରେ ପହଂଚେଇବାର ସୁବିଧା କରିଛନ୍ତି । ଯଥା ଶୀଘ୍ର କିଭଳି ଆପଣ ମାନଙ୍କ ପାଖରେ ବାଦ୍ୟ ଯନ୍ତ୍ର ପହଂଚିବ ଓ କୌଣସି ମୋଇରା ବାଜକ ଏଥିରୁ ଯେଭଳି ବଂଚିତ ନହୁନ୍ତି ସେନେଇ ମୁ ମୋର ଚେଷ୍ଟା ଯାରିରଖିଛି । ଯୋଜନା ସମ୍ପର୍କରେ ଶୁଣିବା ପରେ ଉପସ୍ଥିତ ମୋଇରା ବାଜକ ମହଲରେ ଖୁସିର ଲହରୀ ଖେଳିଯିବା ସହ ମୁଖ୍ୟମନ୍ତ୍ରୀ ଏବଂ ଏସଡିସି ଅଧକ୍ଷ ଶ୍ରୀ ରାବାଙ୍କୁ ସାଧୁବାଦ ଜଣେଇ ସମସ୍ତେ ପ୍ରସଂଶା କରିବା ସହ ରାଜ୍ୟ ସରକାରଙ୍କ ଏହି ଯୋଜନା ଦ୍ୱାରା ଏହି ସ୍ୱତନ୍ତ୍ର କଳା ବଂଚି ରହିବ ବୋଲି ପ୍ରକାଶ କରିଥିଲେ ।

# ଶ୍ରମିକ, କୃଷକ ଓ ଜନବିରୋଧୀ ମୋଦି : ନବୀନ ସରକାର ହଟାଅ : ଏଆଇଟିୟୁସି

ଜୟପୁର, ୧୬/୧୦ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ କୃଷି ଓ ନିଯୁକ୍ତି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ସ୍ୱୋ କାଗଜ କଳ ସମେତ ସମସ୍ତ ବନ୍ଦ କାରଖାନା ଖୋଲିବା, ରତ୍ନଗର୍ଭା ଅବିଭକ୍ତ କୋରାପୁଟର ସିଜିମାଳି ଓ ଖୁଜିମାଳି ସମେତ ସମସ୍ତ ଖଣି,ଖାଦାନ, ଜଙ୍ଗଲ ଓ ଜଳ ସମ୍ପଦର ଲୁଣ୍ଠନ ପାଇଁ କର୍ପୋରେଟ ପୁଞ୍ଜିପତିଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦେଇଥିବା ମଞ୍ଜୁରୀ ବାତିଲ, ଭୂମିହୀନ ଆଦିବାସୀଙ୍କୁ ଘର ଡିହ ଓ ଚାଷ ଜମି ପଟ୍ଟା ଦ୍ୱିରେ ଆଜି ଜୟପୁରର ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ମଣ୍ଡପ ନିକଟରେ ଏଆଇଟିୟୁସି ପକ୍ଷରୁ ଆୟୋଜିତ ବିଶାଳ ଶ୍ରମିକ ସମାବେଶରେ ଶ୍ରମିକ ଓ କୃଷକ ନେତାମାନେ ଦାବି କରିଛନ୍ତି।ଲକ୍ଷ୍ମୀ ଇନ୍ଦିରା ଛକଠାରୁ ସହସ୍ରାଧିକ ଶ୍ରମିକଙ୍କର ଲାଲ ପତାକା ସହ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ସମାବେଶ ସ୍ଥଳରେ ପହଂଚିଥିଲା।ବିଶିଷ୍ଟ ଶ୍ରମିକ ନେତା ପ୍ରମୋଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରମିକ ସମାବେଶରେ ଏଆଇଟିୟୁସି ର ଜାତୀୟ ସମ୍ପାଦକ ରାମ କୃଷ୍ଣ ପଣ୍ଡା, ରାଜ୍ୟ ସଭାପତି ଅଶୋକ ଦାଶ, ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ଅଖିଳ ଭାରତ କୃଷକ ସଭା ସର୍ବ ଭାରତୀୟ ଉପସଭାପତି ଆଶିଷ କାନୁନଗୋ, କାର୍ଯ୍ୟକାରୀ ସଭାପତି ମହେଶ୍ୱର ରାଉତ, ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ, ଜୟନ୍ତ ଦାସ, ମାୟାଧର ନାୟକ, ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘର ସାଧାରଣ ସମ୍ପାଦକ ହରପ୍ରିୟା ସ୍ୱାଇଁ, ସ୍ୱୋ କାଗଜ କଳ ଶ୍ରମିକ ସଂଘର ସମ୍ପାଦକ ପ୍ରଦୀପ ପାଙ୍ଗିଆ, ଅଭ୍ୟର୍ଥନା କମିଟି ଅଧକ୍ଷ ତଥା କମ୍ୟୁନିଷ୍ଟ ନେତା ଯୁଧିଷ୍ଠିର ରାଉଳ ପ୍ରମୁଖ ବକ୍ତବ୍ୟରେ ଦେଶ ତଥା ରାଜ୍ୟର ଶ୍ରମିକ, କୃଷକ ଓ ଜନସାଧାରଣ, ମୋଦୀ ଓ ନବୀନ ସରକାର ଦ୍ୱାରା ନିର୍ଯାତିତ ଓ ଲୁଣ୍ଠିତ ହେଉଛନ୍ତି, ତା'ର ନିଖୁଣ ଚିତ୍ର ଦର୍ଶାଇ ଏହି ଉଭୟ ସରକାରଙ୍କୁ ହଟାଇବାକୁ ଆହ୍ୱାନ ଦେଇଥିଲେ। ନିକଟରେ ରାୟଗଡ଼ା,ମାଲକାନଗିରି ଓ କୋରାପୁଟରେ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଖଣି ଦ୍ୱୋ ସହ ସ୍ଥାନୀୟ ଅଧିବାସୀଙ୍କୁ ବିସ୍ଥାପନ କର୍ଦ୍ୱି ଏବଂ ଏହା ବିରୁଦ୍ଧରେ ପ୍ରତିବାଦକାରୀଙ୍କୁ ୟୁଏପିଏ ଭଳି ଜଘନ୍ୟ ଆଇନର ଅପପ୍ରୟୋଗ କରି ଗିରଫଦାରିକୁ ଦୃଢ ନିନ୍ଦା କରାଯାଇଥିଲା। ଓଡ଼ିଶାର ଶ୍ରମିକ ଶ୍ରେଣୀର ସର୍ବନିମ୍ନ ମଜୁରୀ ଗତ ୬ବର୍ଷ ଧରି ସଂଶୋଧନ କରାଯାଇନଥିବାରୁ ପ୍ରବାସୀ ଦାଦନ ଶ୍ରମିକ ବୃଦ୍ଧି ପାଇବାରେ ଲାଗିଛି। ଆସଂଗଠିତ କ୍ଷେତ୍ରର ସ୍କିମ୍ ୱାର୍କର ସମେତ ସଂଖ୍ୟାଧିକ ମହିଳା ଶ୍ରମିକ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଅକ୍ଟୋବର ୧୫ ଓ ୧୬ ଦୁଇ ଦିନିଆ ରାଜ୍ୟ ପରିଷଦ ବୈଠକରେ ପ୍ରକଳ୍ପ ଶ୍ରମିକଙ୍କ ବିଭିନ୍ନ ଦ୍ୱି, ସର୍ବ ନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା, ସର୍ବ ନିମ୍ନ ପେନସନ ୬ହଜାର ଟଙ୍କା, ଇପିଏଫ୍ ପେନସନ ଧାରୀଙ୍କୁ ସର୍ବନିମ୍ନ ୯ହଜାର ଟଙ୍କା, ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ଼ ର ବାତିଲ, ସମସ୍ତଙ୍କୁ ବାର୍ଦ୍ଧକ୍ୟ କାଳୀନ ମାସିକ ୬ହଜାର ଟଙ୍କା ପେନସନ, ରାଷ୍ଟ୍ରାୟତ୍ତ ସଂସ୍ଥାର ବିକ୍ରୟ ଓ ଘରୋଇକରଣ ବନ୍ଦ କର୍ଦ୍ୱି, ସମସ୍ତ ବନ୍ଦ କର କାରଖାନା ଚାଲୁ କର୍ଦ୍ୱି, ସ୍ୱୋ କାଗଜ କଳାକୁ ପୁର୍ଣ୍ଣ କାର୍ଯ୍ୟକ୍ଷମ କର୍ଦ୍ୱି, ଅବସର ନେଇଥିବା ସମସ୍ତ ଶ୍ରମିକଙ୍କୁ ତାଙ୍କ ଦେୟ ପ୍ରଦାନ, ଶ୍ରମିକ ଓ ଜନଗଣଙ୍କ ସାମାଜିକ ନିରାପତ୍ତାକୁ ସାର୍ବଜନୀନ କର୍ଦ୍ୱି, କୃଷକଙ୍କ ଦାବି ପୂରଣ ଇତ୍ୟାଦି ବିଷୟରେ ସବିଶେଷ ଆଲୋଚନା ସହ ଭବିଷ୍ୟତ କାର୍ଯ୍ୟ ପନ୍ଥା ଗ୍ରହଣ କରାଯିବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

# ମିଳିତ ଅମଲା ମଂଚ ଆବାହକଙ୍କ ଇସ୍ତଫା ଦାବି

ଜୟପୁର, ୧୬/୧୦ (ନି.ପ୍ର): ଜୟପୁର କର୍ମଚାରୀ ଭବନ ଠାରେ ଓଡିଶା ଅମଲା ସଂଘ ଜୟପୁର ଉପଖଣ୍ଡ କୋରାପୁଟ ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୟପୁର ଉପଖଣ୍ଡ ଅମଲା ସଂଘ ସଭାପତି ମୋନାଲିସା ସ୍ୱାଇଁ ଙ୍କ ଆହ୍ୱାନ କ୍ରମେ ଶତାଧିକ ଅମଲା ଉକ୍ତ ବୈଠକରେ ଯୋଗଦାନ କରିଥିଲେ । ଶ୍ରୀ ଶଶୀଭୂଷଣ ଦାଶ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, କୈଳାସ ସାମନ୍ତରାୟ ରାଜ୍ୟ ଆଂଚଳିକ ସମ୍ପାଦକ ଓଡ଼ିଶା ଅମଲା ସଂଘ ତଥା ଅଧକ୍ଷ ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଜିଲ୍ଲା ଶାଖା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ଉପସ୍ଥିତ ଅମଲା ମାନେ ନିଜ ନିଜର ଅଭିଭାଷଣ ପ୍ରଦାନ କରିବା ସହିତ ଅମଲା ମାନଙ୍କ ଏକ ମାତ୍ର ଦାବି କନିଷ୍ଠ ସହାୟକ ମାନଙ୍କ ପ୍ରବେଶିକା ଦରମା ହାର ଘୋଷଣା ରେ ବିଳମ୍ବ ଓ ବିଭିନ୍ନ ଆଳ ଦେଖାଇବା ଯୋଗୁଁ ସମସ୍ତେ ତିବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ରାଜ୍ୟ ସଂଘ ରାଜ୍ୟ ସରକାର ଙ୍କ ସହିତ ବାରମ୍ବାର ଆଲୋଚନା କରିବା ପରେ ମଧ କନିଷ୍ଠ ସହାୟକ ମାନଙ୍କ ଦାବି ଉପରେ ସରକାର କିଛି ନିର୍ଦ୍ଦିଷ୍ଟ କରିନଥିବା ଓ ଅମଲା ମାନଙ୍କ ମଧରେ ଭାଗ ଭାଗ କରେଇବା ପାଇଁ ଜିଲ୍ଲା ସ୍ତରୀୟ କିଛି ନେତୃବୃନ୍ଦ ଓ କିଛି ରାଜ୍ୟ ନେତୃତ୍ୱ ଏପରି ପ୍ରୟାସ କରିବା ଦ୍ୱାରା ସମସ୍ତେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ଜିଲ୍ଲା ମିଳିତ ଅମଲା ମଂଚ ର ଆବାହକ ଅମଲା ମାନଙ୍କ ଦାବି ପୁରଣ କରାଇବାରେ ବିଫଳ ହୋଇଥିବା ଯୋଗୁଁ ଓ ରାଜ୍ୟ ସଂଘ ସହିତ ସାଲିସ୍ କରିଥିବା ଯୋଗୁଁ ଓ ରାଜ୍ୟ ନେତୃବୃନ୍ଦ ସରକାର ଙ୍କ ସହିତ ସାଲିସ୍ କରି ଅମଲା ମାନଙ୍କ ପ୍ରତି କୁଠାର ଘାତ କରିଥିବା ଯୋଗୁଁ ସମସ୍ତ ଉପସ୍ଥିତ ଅମଲା ଆବାହକ ଙ୍କ ଇସ୍ତଫା ଦାବି କରିଥିଲେ ଓ ରାଜ୍ୟ ସଂଘ ର ନେତୃବୃନ୍ଦ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ମୁଖ୍ୟତଃ ଶ୍ରୀ ସଞ୍ଜୟ କୁମାର ପଣ୍ଡା ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, କେ ସୁବାସ ଚନ୍ଦ୍ର ଆଚାରି ସାଙ୍ଗଠନିକ ସମ୍ପାଦକ, ସୁଜାତା ମହାପାତ୍ର, କାର୍ଯ୍ୟ କାରିଣୀ ସଦସ୍ୟା, ଜଗେନ୍ଦ୍ର ଚୈଧୁରି ମୁଖ୍ୟ ଉପଦେଷ୍ଟା, ରାଜେନ୍ଦ୍ର ନାରାୟଣ ପାଢ଼ୀ ଯୁଗ୍ମ ସମ୍ପାଦକ, ଶ୍ରୀ ସତ୍ୟ ରଞ୍ଜନ ତ୍ରିପାଠୀ କୋଷାଧକ୍ଷ, ତ୍ରିନାଥ ପଣ୍ଡା କାର୍ଯ୍ୟ କାରିଣୀ ସଦସ୍ୟ, ପ୍ରତିକ ମିଶ୍ର, ନାଗେଶ୍ୱର ରାଓ ଙ୍କ ସମେତ ଶତାଧିକ ଅମଲା ଯୋଗଦାନ କରିଥିଲେ ।

# ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମରେ ସଦର ବ୍ଲକରେ ପଦଯାତ୍ରା

ବଲାଙ୍ଗିର, ୧୬/୧୦ (ନି.ପ୍ର): ବଲାଙ୍ଗିର ସଦର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବ୍ଲକ ସଭାପତି ରାମ ପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ଏକ ଜନଜାଗରଣ ପଦଯାତ୍ରା କୁଡାସିଂହା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ପ୍ରଦେଶ କଂଗ୍ରେସ କମିଟି ଡାକରାରେ ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଫଳତା ଓ କଂଗ୍ରେସ ସମୟର ସୁଶାସନର ସଫଳତା ଏକ ପ୍ରଚାରପତ୍ର ମାଧମରେ କର୍ମୀମାନେ ଘରକୁ ଯାଇ ବଂଟନ କରିଥିଲେ । ପ୍ରଥମେ ଗ୍ରାମର ଇଷ୍ଟଦେବୀ ପୂଜାର୍ଚ୍ଚନା କରି ସ୍ଥାନୀୟ ହନୁମାନ ମନ୍ଦିର ପ୍ରାଙ୍ଗଣରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିଭ୍ରମଣ କରିଥିଲେ ଏବଂ ସପ୍ତାହିକ ବଜାରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦିଲିପ ବେହେରା ଯୋଗଦାନ କରି କର୍ମୀମାନଙ୍କୁ ଏକଜୁଟ ହୋଇ କାମ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ଉପସ୍ଥିତ କର୍ମୀ ଓ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧରେ ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ମନୀଷ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ବିରେନ ମିଶ୍ର, ଜିଲ୍ଲା କୋଷାଧକ୍ଷ ଜୁଲୁ ପଟ୍ଟନାୟକ, ରାଜ୍ୟ କିଶାନ କଂଗ୍ରେସ ସଂପାଦକ ସରୋଜ ରଥ, ଗଗନ ନାଥ, ଲିଙ୍ଗ ପୁଟେଲ, ଉଜଳ ସାହୁ, ଜୟ ସାହୁ, ନିଳମଣି ସେଠ, ବିରଂଚି ପ୍ରଧାନ, ଗଣେଶ ସାହୁ, ମନୋଜ ଝାଙ୍କର, କୁବେର ସାହୁ, କପିଳ ନନ୍ଦ, କୁଡାସିଂହା ସମିତି ସଭ୍ୟା କାମିନି ପୁଟେଲ, ଋଷି ପୁଟେଲ, ଉମାକାନ୍ତ ନାଏକ, ଦୈତାରି ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ୟାୟାମ ଶାଳା ଉଦ୍‌ଘାଟିତ

ଜୟପୁର, ୧୫ ଅକ୍ଟୋବର (ହି.ସ.)ଜୟପୁର ସର୍ବପୁରାତନ ଶ୍ରୀକୃଷ୍ଣ ଚନ୍ଦ୍ର ଦେବ ପାଠାଗାର (୧୧୩ ବର୍ଷ ) ପୁରୁଣା ଆଜି ପାଠାଗାର ସହିତ ବ୍ୟାୟମଶାଳା ରେ ଯୋଡି ହେଇଛି । ଆଜି ସଭାପତି ଶ୍ରୀ ବିଷ୍ଣୁ ପ୍ରସାଦ ପାତ୍ର ଙ୍କ ନେତୃତ୍ୱରେ ନୂତନ ଭାବରେ ଶ୍ରୀକୃଷ୍ଣ ଚନ୍ଦ୍ର ଦେବ ପାଠାଗାର ଯୋଡ଼ି ହେଇଥିବା ବ୍ୟାୟାମଶାଳା ଉଦଘାଟିତ ହୋଇଛି । ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ ଘାଟନ କରିଥିଲେ । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ସମେତ ଜୟପୁର ବରିଷ୍ଠ ବୁଦ୍ଧୀ ଯିବି ପାଠାଗାର ର ଇତିହାସ କୁ ସ୍ୱରଣ କରିଥିଲେ । ପାଠାଗାର ତରଫରୁ ଆସନ୍ତା: ୧୯ ତାରିଖରେ ଦିନ ସ୍ଥାନୀୟ କଳାକାର ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ନିମନ୍ତେ ନିଷ୍ପତି ନେଇଯାଇଛି ଏବଂ ଆସନ୍ତା ଦିନମାନଙ୍କରେ ଆଉରି ଅଧିକ କାର୍ଯକ୍ରମ ପାଠାଗାର ତରଫରୁ ଆୟୋଜନ କରିବା ନିମନ୍ତେ ଆଲୋଚନା କରିଛନ୍ତି।

# ରେଳ ଆନ୍ତଃମଣ୍ଡଳସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା

ସମ୍ବଲପୁର, ୧୬/୧୦ (ନି.ପ୍ର): ପୂର୍ବତଟ ରେଳପଥ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ସ୍ଥାନୀୟ ରେଳବାଇ କମ୍ୟୁନିଟି ହଲ ପରିସରରେ ଆନ୍ତଃ ମଣ୍ଡଳ ସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା (ନୃତ୍ୟ - ୨୦୨୩) ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ସମ୍ବଲପୁର ରେଳ ମଣ୍ଡଳ, ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳ, ୱାଲଟିୟର ରେଳ ମଣ୍ଡଳ, ପୂର୍ବତଟ ରେଳପଥ (ମୁଖ୍ୟାଳୟ) ଓ ମଂଚେଶ୍ୱର ରେଳଡବା ମରାମତି କାରଖାନା ଭୁବନେଶ୍ୱର ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ବିନୀତ ସିଂ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତଟ ରେଳପଥର ପ୍ରମୁଖ କାର୍ମିକ ଅଧିକାରୀ ସିଦ୍ଧାର୍ଥ କାତୀ ଓ ସମ୍ବଲପୁର ରେଳ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ଯୋଗ ଦେଇଥିଲେ । ନିଜ ବ୍ୟକ୍ତବ୍ୟରେ ମୁଖ୍ୟ ଅତିଥି ଏହିଭଳି ପ୍ରତିଯୋଗିତାର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇ କହିଥିଲେ ପ୍ରତ୍ୟେକ ଶିଶୁଙ୍କ ନିକଟରେ ବିଭିନ୍ନ ଐଶ୍ୱରୀୟ ଶକ୍ତିର ଭଣ୍ଡାର ରହିଛି । ଏହି ଭଳି ପ୍ରତିଯୋଗିତା ମାଧ୍ୟମରେ ସେମାନଙ୍କ ନିକଟରେ ଥିବା ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ହେବା ସହ ସଠିକ୍ ମାର୍ଗଦର୍ଶନ କରାଇ ପାରିଲେ ସମାଜର ବିକାଶ ହୋଇପାରିବ ବୋଲି ଆଶା ପ୍ରକାଶ କରିଥିଲେ । ଆୟୋଜିତ ଆନ୍ତଃ ମଣ୍ଡଳ ସ୍ତରୀୟ ସାଂସ୍କୃତିକ ପ୍ରତିଯୋଗୀତା କାର୍ଯ୍ୟକ୍ରମରେ ଗ୍ରୁପ୍ ଡ୍ୟାନ୍ସ ବର୍ଗରେ ସମ୍ବଲପୁର ରେଳ ମଣ୍ଡଳ ପ୍ରଥମ ସ୍ଥାନ, ମଂଚେଶ୍ୱର ରେଳଡବା ମରାମତି କାରଖାନା ବିଭାଗ ଦ୍ୱିତୀୟ ଓ ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳ ତୃତୀୟ ସ୍ଥାନ ପାଇଥିଲେ । ସୋଲ ଡ୍ୟାନ୍ସ ବର୍ଗରେ ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର ଲିପ୍ସା ରାୟ ପ୍ରଥମ, ପୂର୍ବତଟ ରେଳପଥ (ମୁଖ୍ୟାଳୟ)ର ନିକିତା ଶ୍ରୀଭାବ ଦ୍ୱିତୀୟ ଓ ସମ୍ବଲପୁର ରେଳ ମଣ୍ଡଳର ପ୍ରୀୟନ୍ସା ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ । ଏହି ପ୍ରତିଯୋଗିତାରେ ବିଚାରକ ମଣ୍ଡଳୀ ଭାବେ ଆଲୋକ କୁମାର ପଣ୍ଡା, ଆର୍ କେ କନହର ଓ ସୁନ୍ଦରଲାଲ୍ ପଟେଲ ଦାୟୀତ୍ୱ ନିର୍ବାହ କରିଥିଲେ । ଶେଷରେ ମୁଖ୍ୟ ଅତିଥି ଶ୍ରୀ ସିଂ ଅଂଶ ଗ୍ରହଣକାରୀ ଓ କୃତି ପ୍ରତିଯୋଗୀ ମାନଙ୍କୁ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପ୍ରମାଣପତ୍ର ସହ ପୁରସ୍କୃତ କରିଥିଲେ । ସମ୍ବଲପୁର ରେଳ ମଣ୍ଡଳର ବରିଷ୍ଠ କାର୍ମିକ ଅଧିକାରୀ ୟୁସୁଫ୍ କବୀର ଆନସାରୀଙ୍କ ସଂଯୋଜନାରେ ଆୟୋଜିତ ଏହି ପ୍ରତିଯୋଗିତାରେ ମଣ୍ଡଳର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ ବୋଲି ସମ୍ବଲପୁର ରେଳ ମଣ୍ଡଳର ଲୋକସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି ।

# ବ୍ରହ୍ମବରଦାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ବନ୍ଧୁ ମିଳନ ଓ ଆଲୋଚନା ଚକ୍ର

ଧର୍ମଶାଳା, ୧୬/୧୦ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ମୋସାଇରା ପଡିଆରେ ସଂଖ୍ୟାଲଘୁ ସମ୍ପ୍ରଦାୟର ବନ୍ଧୁ ମିଳନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ମୁରବୀ ସେକ୍ ଜାବିର ଅଲ୍ଲୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସାଂସଦ ମୁନ୍ନା ଖାଁ,ମୁଖ୍ୟବକ୍ତାଭାବେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ,ସମ୍ମାନୀତ ଅତିଥିଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଓ ନିମନ୍ତ୍ରୀତ ଅତିଥିଭାବେ ରସୁଲପୁର ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ଦାସ,ଶିକ୍ଷାବିତ୍ ଆଲାଉଦ୍ଦିନ ଖାଁନ,ବରିଷ୍ଠ ନେତା ଅବଦୁଲ ଦୟାନ ଖାଁ,ସଫିକ୍ ଖାଁନ,ଆବୁଲ ହୋସେନ,ୟୁନୁସ ଅଲ୍ଲୀ,ଫଜଲା ଅଲ୍ଲୀ,ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶିନୀ ଦେଓ,ସମିତିସଭ୍ୟା ରୁକସାନା ପରୱିନ,ମହେଶ୍ୱରପୁର ସରପଂଚ ଝରଣା ପାତ୍ର,ରାଉତରାପୁର ସରପଂଚ ସ୍ୱର୍ଣ୍ଣଲତା ସାହୁ,ମଙ୍ଗରାଜପୁର ସରପଂଚ ଜୟନ୍ତୀ ସାହୁ,ସମିତିସଭ୍ୟା ଦୁଲଣା ମଳିକ,ଅର୍ଥଙ୍ଗା ସରପଂଚ ପ୍ରତିଭା ମଳିକ,ଅତଲାପୁର ସରପଂଚ ଅନେସା କସର,ବନ୍ଧଡିହ ସରପଂଚ ବିକ୍ରମ କୁମାର ବେହେରା ଓ ପ୍ରଥମାଖଣ୍ଡ ସରପଂଚ ଦୁର୍ଗା ଦାସ ପ୍ରମୁଖ ଯୋଗ ଦେଇଥିଲେ । ସଂଖ୍ୟାଲଘୁ ସମ୍ପ୍ରଦାୟର ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟ ଅତିଥିମାନେ କହିବା ସହିତ ଆଗାମୀ ଦିନରେ ଯାହା ବି ସମସ୍ୟା ରହିଛି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଉର୍ଦ୍ଦୁ ଶିକ୍ଷା ଉପରେ ଗୁରୁତ୍ୱରୋପ କରିବାକୁ ଆଲୋଚନାଚକ୍ରରେ ନିଷ୍ପତି ନିଆଯାଇଥିଲା । ଶିକ୍ଷାବିତ୍ ଫିରଦୋଶ ଆଲାମ ଖାଁନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁବନେତା ସେକ୍ ସାବିର ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ବ୍ରାହ୍ମଣୀ ବ୍ରିଜଠାରୁ ନେତୃମଣ୍ଡଳୀମାନେ ଏକ ଶୋଭାଯାତ୍ରାରେ ବାହାରି ବ୍ରହ୍ମବରଦା ବଜାର ପରିକ୍ରମା କରି ସଭାସ୍ଥଳ ପର୍ଯ୍ୟନ୍ତ ଯାଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଯୁବନେତା ରାକେଶ ଦେଓ,ପୂର୍ବତନ ସରପଂଚ ସେକ୍ ଅକ୍ତର ଅଲ୍ଲୀ(ଆବୁଲା),ଜୁଲଫିକର ଅଲ୍ଲୀ,ଇମତିୟାଜ ମହମ୍ମଦ,ସେକ୍ ଇସାକ ଖାଁନ ପ୍ରମୁଖ ସହଯୋଗ କରିଥିବା ବେଳେ ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ ଓ ଶିକ୍ଷାବିତ୍ ରସିଦ ଖାଁନ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସଂଖ୍ୟାଲଘୁ ସମ୍ପ୍ରଦାୟର ଶହଶହ ମହିଳା ଓ ପରୁଷ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ପଶ୍ଚିମାଂଚଳରେ ଯାଦବମାନଙ୍କ ରାଜନୈତିକ ଅଧିକାର ସାବ୍ୟସ୍ତ: ଯାଦବ ଅଧିକାରୀ ମଂଚ ଓଡ଼ିଶାର ନୂଆଁଖାଇ ଭେଟଘାଟ

ବଲାଙ୍ଗୀର, ୧୬/୧୦ (ନି.ପ୍ର): ବଲାଙ୍ଗୀର ଯାଦବ ଭବନ ଠାରେ ଯାଦବ ଅଧିକାର ମଂଚ ଓଡିଶାର କାର୍ଯ୍ୟକାରିଣୀ ବୈଠକ ଏବଂ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଆଜିର ବୈଠକରେ ସଭାପତିତ୍ୱ କରିଥିଲେ ବାଳକୃଷ୍ଣ ଷାଣ୍ଡ, ପରିଚୟ ପ୍ରଦାନ ସଂଯୋଜନା ନରେଶ କୁମାର ବଗର୍ତି, ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ସୋନପୁର ସୁପାର ଠେଲା, ମୁଖ୍ୟବକ୍ତା ଏମ୍‌ସିଏଲ୍ ଉପ ମହାପ୍ରବନ୍ଧକ(ଖନନ) ଇଂ ଦେବେନ୍ଦ୍ର କୁମାର ଖଣ୍ଡା, ସମ୍ମାନିତ ଅତିଥି ବିଡିଓ ଆର.ଉଦୟଗିରି ଲରିମନ୍ ଖରସେଲ, ସମ୍ମାନୀତ ଅତିଥି ଯାଦବ ସମାଜ ମହିଳା ସଭାପତି ଦମୟନ୍ତୀ ବାଗ, ପୌରାଂଚଳ ଯାଦବ ସମାଜର ସଭାପତି ପଙ୍କଜ ସେଲମା, ଯାଦବ ଅଧିକାର ମଂଚର ଉପଦେଷ୍ଟା ଦିଲିପ କୁମାର ଖର୍ସେଲ, ରାଜ୍ୟ କୋର କମିଟି ସଦସ୍ୟ ସମ୍ବଲପୁରର ଦେବାନନ୍ଦ ଖର୍ସେଲ, କଳାହାଣ୍ଡିର ଯୁଗଳ ପୋଡ, ସୁନ୍ଦରଗଡର ରାହାସ ବିହାରି ଷାଣ୍ଡ, ବରଗଡର କେଶବ ଜାଲ, ସୋନପୁରର ବିକାଶ କୁମାର ହାତୀ ମଂଚାସିନ ହୋଇଥିଲେ। ସଂଖ୍ୟା ଅନୁପାତରେ ଉଚ୍ଚ ଶିକ୍ଷା, ରାଜନୀତି, ସରକାରୀ ନିଯୁକ୍ତି ରେ ଯାଦବ ମାନଙ୍କ ଭାଗିଦାରୀ ଏବଂ ଜାତି ଭିତିକ ଜନଗଣନା ପାଇଁ ଦାବି ଜଣାଇଥିଲେ ଯାଦବ ଅଧିକାର ମଂଚ ଓଡିଶା। ଉପସ୍ଥିତ ବକ୍ତାମାନେ ଯାଦବ ମାନଙ୍କ ଇତିହାସ, ସଂସ୍କୃତି, ପରମ୍ପରା ସହ ବର୍ତମାନର ସାମାଜିକ ସ୍ଥିତି ବିଷୟରେ ଆଲୋକପାତ କରିଥିଲେ । ସମଗ୍ର ଯାଦବ ଜାତିର ଉନ୍ନତି ସକାଶ ଓଡିଶା ଓବିସି ରିଜରଭେସନ ଲାଗୁ କରିବା ଏବଂ ଜାତୀୟ ସ୍ତରରେ ଜାତି ଭିତିକ ଜନଗଣନା କରିବା ପାଇଁ ମଂଚାସିନ ବକ୍ତାମାନେ ଦାବି ଜଣାଇଥିଲେ। ଯାଦବ ବହୁଳ ପଶ୍ଚିମାଂଚଳରେ ଯାଦବମାନଙ୍କ ରାଜନୈତିକ ଅଧିକାର ସାବ୍ୟସ୍ତ କରିବା ପାଇଁ ଆହୁରି ସଂଗଠିତ ହେବା ପାଇଁ ସମସ୍ତ ବକ୍ତା ମତବ୍ୟକ୍ତି କରିଥିଲେ। ଏହି ନୂଆଖାଇ ଭେଟଘାଟରେ କବିପ୍ରଭା ଘନଶ୍ୟାମ କାର୍ଯ୍ୟକ୍ରମ ସମ୍ପାଦନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଦିଲିପ କୁମାର ଖର୍ସେଲ।

## ଖେଲୋ ଇଣ୍ଡିଆର....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ସେମାନଙ୍କ ମଧ୍ୟରେ ହରିୟାଣାର ୮୯ ଏବଂ ମହାରାଷ୍ଟ୍ରର ୭୩ କ୍ରିଡାବିତ୍ ଥିଲେ । ଦଳଗତ ଚମ୍ପିଆନ କ୍ଷେତ୍ରରେ ସବୁ ଖେଳାଳୀଙ୍କୁ ସମାନ ପଦକ ମିଳିଥାଏ । ଯଦି ରାଜ୍ୟରୁ ଯାଇଥିବା ମୋଟ କ୍ରୀଡାବିତ ଏବଂ ସଫଳ କ୍ରୀଡାବିତଙ୍କ ହିସାବ କରାଯାଏ ତେବେ ଦେଖିବାକୁ ପାଇବା ଯେ ସେମାନଙ୍କ ସଂଖ୍ୟା ଥିଲା ଏହିପରି, ହରୟାଣା ୮୯-୪୫, ମହାରାଷ୍ଟ୍ର ୭୩-୩୨, ପଞ୍ଜାବ ୪୯-୩୨, ତାମିଲନାଡୁ ୪୬.୧୯, ଉତ୍ତର ପ୍ରଦେଶ ୩୩-୧୯, ରାଜସ୍ଥାନ ୨୨-୧୩, କେରଳ ୪୨-୧୨, ମଧ୍ୟପ୍ରଦେଶ ୩୭-୧୨, ପଶ୍ଚିମବଙ୍ଗ ୨୪-୧୧, ଦିଲ୍ଲୀ ୪୫-୧୦, ଆନ୍ଧ୍ରପ୍ରଦେଶ, ୧୬-୧୦ ମଣିପୁର ୩୮-୮, ତେଲେଙ୍ଗାନା ୧୩-୭, କର୍ଣ୍ଣାଟକ ୩୮-୭, ହିମାଚଳ ପ୍ରଦେଶ ୧୫-୬, ଝାଡଖଣ୍ଡ ୧୦-୫, ଉତ୍ତରାଖଣ୍ଡ ୯-୪, ଓଡିଶା ୧୩-୩, ଆସାମ ୬-୨, ମିଜୋରାମ ୩ ରୁ ୧ । ରାଜ୍ୟମାନଙ୍କ ସଫଳତା ତାଲିକାରେ ଓଡିଶା ତଳପଟୁ ୩ୟ ସ୍ଥାନରେ ରହିଛି । ଚଳିତବର୍ଷର ୧୯ତମ ଏସିଆନ ଗେମ୍ସର ସଫଳତା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ସବୁ କ୍ରୀଡାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ପରିଶ୍ରମ ଜାରି ରହିଲେ ଆଗାମୀ ଦିନମାନଙ୍କରେ ଅଲିମ୍ପିକରେ ମଧ୍ୟ ଦେଶର କ୍ରୀଡାବିତ୍‌ମାନେ ଭଲ କରିବେ ଏଥିରେ ସନ୍ଦେହ ନାହିଁ ।

+ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମଦିନରେ ବଲାଙ୍ଗିର ବିଜେଡିର ରକ୍ତଦାନ ଶିବିର ଜୀବନ ବିନ୍ଦୁ

ବଲାଙ୍ଗିର, ୧୬/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଜି ୭୭ତମ ଜନ୍ମଦିନ । ଏହି ଅବସରରେର ବଲାଙ୍ଗିର ବିଜେଡ଼ି ପକ୍ଷରୁ ଆଜି ବଲାଙ୍ଗିର ମୀନା ଟେଂଟ ହାଉସ୍‌ରେ ଏକ ରକ୍ତଦାନ ଶିବିର 'ଜୀବନ ବିନ୍ଦୁ' ଆୟୋଜିତ ହୋଇଯାଇଛି । ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ ଓ ବିଜେଡ଼ି ଯୁବନେତା ଅର୍କେଶ ନାରାୟଣ ସିଂହଦେଓଙ୍କ ନିର୍ଦ୍ଦେଶରେ ଆଜି ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ବଲାଙ୍ଗିରର ବିଜେଡ଼ିର ଅସଂଖ୍ୟ ନେତା ଓ କାର୍ଯ୍ୟକର୍ତାମାନେ ଯୋଗଦାନ କରିଛନ୍ତି । ଅନେକ ସ୍ୱେଚ୍ଛାସେବୀ ଏହି ଅବସରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରୁଥିବା ଦେଖିବାକୁ ମିଳିଛି । ବଲାଙ୍ଗିର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଦେବକୀ ସାହୁ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ଜନ୍ମଦିନର ଶୁଭେଚ୍ଛା ଜଣାଇଥିବା ବେଳେ ବଲାଙ୍ଗିର ପୌର ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ଲିକା ସାହୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଛନ୍ତି । ରକ୍ତ ଅଭାବ ଯୋଗୁଁ ଅନେକ ଲୋକେ ମୂଲ୍ୟବାନ ପ୍ରାଣ ହରାଉଥିବା ବେଳେ ଆଜିର ଏହି ରକ୍ତଦାନ ଶିବିର ସେହି ଦିଗରେ ଲୋକଙ୍କୁ ବିଶେଷ ସାହାଯ୍ୟ ପ୍ରଦାନ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ଶ୍ରୀମତୀ ଲିକା ସାହୁ ଆହୁରି କହିଛନ୍ତି ଯେ, ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରି ଓଡ଼ିଶାର ଘରେ ଘରେ ପ୍ରଶଂସାଭାଜନ ହୋଇ ପାରିଥିବା ବେଳେ ତାଙ୍କ ସ୍ୱଚ୍ଛ ଶାସନ ଓଡ଼ିଶାକୁ ବେଶ୍ ସମୃଦ୍ଧ କରିଛି ବୋଲି ପ୍ରକାଶ କରିଥିଲେ ।

# ଖଇରାରେ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି ଶିବିର



ଖଇରା, ୧୬/୧୦ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକ ପରିସରରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଓ ଏସପି ସାଗରିକା ନାଥ ତଥା ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ସୋମବାର ଦିନ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ମୋଟ ୧୪୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ଖଇରା ଉପନିବନ୍ଧକ ପାର୍ଶ୍ୱରେ ଥିବା ବାସିନ୍ଦା ମାନଙ୍କର ରାସ୍ତା ନିର୍ମାଣରେ ଉପନିବନ୍ଧକ ସହଯୋଗ ନକରିବା ପ୍ରତିବାଦରେ ଆଳଦା ଗ୍ରାମର ଧନଞ୍ଜୟ ପଣ୍ଡା,ଧରଣୀଧର ଦାସ,ଦେବୀପଦ୍ମ ପାଣି ଜିଲାପାଳଙ୍କୁ ଅବଗତ କରିବା ପରେ ରାସ୍ତା କାମ ହେବ ବୋଲି ଜିଲ୍ଲାପାଳ ତହସିଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଖଇରା ବ୍ଲକର ମହତୀପୁର ଓ ସୁଣ୍ଡିରା ପଞ୍ଚାୟତକୁ ପ୍ରସ୍ତାବିତ ତୁଡିଗଡିଆ ଫାଣ୍ଡି ଅଧୀନରେ ରଖାଯିବାକୁ ନିଷ୍ପତ୍ତି ନିଆଯାଇଥିବାରୁ ଏହାକୁ ସୁଣ୍ଡିରା ସମିତି ସଭ୍ୟ ନଳିନି ସାହୁ ଙ୍କ ସମେତ ଉଭୟ ପଞ୍ଚାୟତର ବହୁ ଗ୍ରାମବାସୀ ବିରୋଧ କରି ପୁର୍ବବତ୍ ଖଇରା ଥାନା ଅଧୀନରେ ରଖିବାକୁ ଲିଖିତ ଭାବେ ଦାବୀ କରିଥିଲେ । ଖଇରା ହାଇସ୍କୁଲ ନାମରେ ଥିବା ଜମିକୁ ଚତୁପର୍ଶ୍ୱରେ ଜବରଦଖଲ କରି ରଖାଯିବା,ପାଚେରୀ ନଥିବାରୁ ଅସାମାଜିକ କାର୍ଯ୍ୟକଳାପ ବଢି ଚାଲିବା ସହ ବର୍ତ୍ତମାନ ୫୫ଡିସିମିଲ ଜମି ରେ ଆହାର କେନ୍ଦ୍ର ଓ ଡାକ୍ତର କ୍ୱାର୍ଟର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯିବା ପ୍ରତିବାଦରେ କମିଟି ସଭାପତି ସଞ୍ଜୟ କୁମାର ସାହୁଁ,ମୁକ୍ତିକାନ୍ତ ଶତପଥି,ସୁଦର୍ଶନ ମହାରଥା,ଅରୁଣ କୁମାର ସ୍ୱାଇଁ,ପିୟୁସ ଶତପଥି,ସଂଯୁକ୍ତା ସେଠୀ,ବନ୍ଦନା ଜେନା ଓ ଅନ୍ୟ ସଦସ୍ୟ ମାନେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ । ତୁମ୍ବାପଦୀ ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ଦ୍ୱାରା ହୋଇଥିବା ଆର୍ଥୀକ ଅନିୟମିତତା ତଦନ୍ତ କରିବାକୁ ତୁମ୍ବାପଦୀ ଓ ବଗଦିଆ ଗ୍ରାମବାସୀ ଦାବୀ କରିଥିଲେ । କୁପାରୀ ଓ ବର୍ତ୍ତନା ରାଜସ୍ୱ କ୍ଷେତ୍ରରେ ବହୁ ମାଙ୍କଡା ମହଜୁଦ ଥିବା ବେଳେ ବହୁ ସମୟରେ ଚୋରୀ ଯୋଗୁଁ ରାଜସ୍ୱ ବିଭାଗ କର୍ମଚାରୀ ମାନଙ୍କୁ ଜଗିବା ପାଇଁ ଅଯଥା ସମୟ ଅପଚୟ କରିବାକୁ ପଡୁଛି । ଏହାକୁ ସରକାରୀ ଭାବେ ନିଲାମ କରାଗଲେ ରାଜସ୍ୱ ବୃଦ୍ଧି ହୋଇ ପାରନ୍ତା ବୋଲି ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ,ସରପଞ୍ଚ ଜ୍ୟୋସ୍ନାରାଣି ଦାସ,ବିଚିତ୍ର ପାତ୍ର ଓ ଅନିତା ପାଇକରାୟ ଜିଲାପାଳଙ୍କୁ ଅନୁରୋଧ କରିଥିଲେ । ଗୋପାଳ ଡଷ୍ଟ୍ରିବ୍ୟୁଟୋରୀ ଅଧୀନରେ ବରଦା ଠାରୁ ଗରସଙ୍ଗ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା କେନାଲ ରାସ୍ତା ନିର୍ମାଣର ୮ଦିନ ମଧ୍ୟରେ ରାସ୍ତା ସମ୍ପୁର୍ଣ୍ଣ ଭାବେ ନଷ୍ଟ ହୋଇଯିବା ନେଇ ଗରସଙ୍ଗ, ବରଦା, ଅନ୍ତରା, ବଡଜୟୀପୁର, ରପେୟା ପଞ୍ଚାୟତର ବହୁ ଜନସାଧରାଣ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ । ଖଇରା ପଞ୍ଚାୟତ ସମିତି ଅଧୀନରେ ବ୍ୟାପକ ଅନିୟମିତତା ସମ୍ପର୍କରେ ପୁର୍ବ ଶିବିରରେ ଅଭିଯୋଗ କରାଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ତଦନ୍ତ କରାଯାଉନଥିବା ନେଇ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଜିଲାପାଳଙ୍କୁ ଜଣାଇଥିଲେ । ଖଇରା ତହସିଲରେ ଚତୁର୍ଥଶ୍ରେଣୀ କର୍ମଚାରୀ ନିଯୁକ୍ତିରେ ଟେଣ୍ଡର ନେଇଥିବା ଅନୟମିତତା ହୋଇଥିବା ନେଇ ମାଣିତ୍ରୀ ର ପୁର୍ବତନ ସମିତି ସଭ୍ୟ ପ୍ରଫୁଲ୍ଲ ଦାସ ତଥା ଉକ୍ତ ପଞ୍ଚାୟତର ବହୁ ଗ୍ରାମବାସୀ ଅଭିଯୋଗ କରିଥିଲେ । ବିଡିଓ ଉତ୍ତମ କୁମାର ଜେନା, ଉପଜିଲାପାଳ କୁନାଲ ଚୌହାନ, ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ତହସିଲାଦାର ପ୍ରଶାନ୍ତ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ୟଙ୍ଗକବି ଅର୍ପତି ସେଠୀ ସମ୍ବର୍ଦ୍ଧିତ

କେନ୍ଦ୍ରାପଡ଼ା, ୧୬/୧୦ (ନି.ପ୍ର): କେନ୍ଦ୍ରାପଡ଼ାର ଜଣାଶୁଣା ବ୍ୟଙ୍ଗକବି ଅର୍ପତି ସେଠୀ ସମ୍ବର୍ଦ୍ଧିତ ହୋଇଥିବା ଜଣାପଡିଛି । କଟକର କୈବଲ୍ୟ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଗୀତା ଜ୍ଞାନଲୋକ ଶିଶୁ ସାହିତ୍ୟ ଉତ୍ସବ ଅନୁଷ୍ଠାନର ପ୍ରତିଷ୍ଠାତା ସଂପାଦକ ଡ଼ଃ ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ସଭାରେ କେନ୍ଦ୍ରାପଡାର ବ୍ୟଙ୍ଗ କବି ଶ୍ରୀ ଅର୍ପତି ସେଠୀଙ୍କୁ "ଗୀତା ଜ୍ଞାନଲୋକ ସାରସ୍ୱତ ସମ୍ମାନ ୨୦୨୩"ରେ ସମ୍ମାନିତ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ସାହିତ୍ୟିକ ଡ଼ଃ କୁଳମଣି ନାୟକ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଶ୍ରୀମତୀ ଅନସୂୟା ମିଶ୍ର, ମୁଖ୍ୟବକ୍ତା ପ୍ରାଧ୍ୟାପିକା ଡ଼ଃ ବିଦ୍ୟୁତ୍‌ପ୍ରଭା ମିଶ୍ର, ସମ୍ମାନିତ ବକ୍ତା ଡ଼ଃ ପ୍ରଦିପ୍ତ ମହାପାତ୍ର, ଅଧ୍ୟକ୍ଷ ପଣ୍ଡିତ ନୀଳକଣ୍ଠ ରାଉତ, ଡ଼ଃ ଆଭାମଣି ବଳ, ଶ୍ରୀମତୀ ସୁରଭି ଦ୍ୱିବେଦୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ପୋଟଳ ଚାଷରେ ନୂତନ ଜ୍ଞାନକୌଶଳ ପ୍ରୟୋଗ

ବଲାଙ୍ଗିର, ୧୬/୧୦ (ନି.ପ୍ର): ଜିଲ୍ଲାର ଆଗଲପୁର ବ୍ଲକ ଅନ୍ତର୍ଗତ କୁଟାସିଂହା ଗ୍ରାମ ପଂଚାୟତ ଅନ୍ତର୍ଗତ କଂଟାପାଲି ଗ୍ରାମର ଜଗଦୀଶ ସାହୁ ଜଣେ ଉଦ୍ୟୋଗୀ ଚାଷୀ । ଚାଷ କହିଲେ ମୁଖ୍ୟତଃ ଏହି ଅଂଚଳରେ ଧାନକୁ ହିଁ ବୁଝିଥାନ୍ତି । ଧାନ ଅପେକ୍ଷା ପନିପରିବା ଚାଷ ଅଧିକ ଲାଭଜନକ ଚାଷ । ଧାନଚାଷରେ ବର୍ଷକୁ ରବି ଓ ଖରିଫ ଚାଷ ୨ ଥର କରିଥାନ୍ତି, କିନ୍ତୁ ପନିପରିବା ଚାଷ ଋତୁ ଅନୁସାରେ ହୋଇ ଥାଏ ଓ ଏହା ବର୍ଷ ସାରା ଚାଷ ହୋଇଥାଏ । ପ୍ରତି ସପ୍ତାହରେ ୨ରୁ ୩ଟି ବଜାରକୁ ବିକ୍ରି କରି ଥାନ୍ତି । ଚାଷର ଚାହିଦା ବାରମାସରେ ଥିବା ବେଳେ ଏହି ପନିପରିବାକୁ ଗ୍ରାମାଚଂଳର ଛୋଟ ବେପାରୀମାନଙ୍କ ପୋଟଳର ଚାହିଦା ଏତେ ବେଶୀ ଅଛି ଯେ, ନିଜ ବିଲରୁ ସ୍ଥାନୀୟ ବେପାରୀ ମାନେ ଓଜନ ମାପ ଏବଂ ହିସାବ କରି ନଗଦ ଟଙ୍କା ପୈଠ କରି ନେଇଯାଆନ୍ତି । ଦୀର୍ଘ ୬୦ ବର୍ଷ ପୂର୍ବରୁ ଲଙ୍କା ଚାଷ ଏହି ଗ୍ରାମର ମୁଖ୍ୟ ଆୟକାରୀ ତଥା ଅର୍ଥକାରୀ ଫସଲ ଭାବେ ଘରେ ଘରେ ପରିଚିତ ଥିଲା । ଜଗଦୀଶ ସାହୁ ଜଣେ ଚାଷକୁ ଆଦରିନେଇଥିବା ସଫଳ ଉଦ୍ୟୋଗୀ ଚାଷୀ । ପୂର୍ବରୁ ଆଖୁ, ବାଇଗଣ, ଚିନାବାଦାମ, ପିଆଜ ଚାଷ କରୁଥିଲେ । ବର୍ତମାନ ପରିପ୍ରେକ୍ଷୀରେ ପ୍ରଥମ ଥର ପାଇଁ ପୋଟଳ ଚାଷ କରିବାକୁ ମନରେ କଳ୍ପନା କରି ସ୍ୱପ୍ନ ଦେଖିଥିଲେ । ଏହି ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ପୁଅ ପ୍ରେମାନନ୍ଦ ସାହୁ ଯୁବ ଚାଷୀ ଭାବେ ଉଭା ହୋଇ ବାପା ଜଗଦୀଶ ସାହୁଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ପୋଟଳ ଚାଷ କରିବାକୁ ଆଗଭର ହୋଇ ପୋଟଳ ଚାଷ ଅଂଟା ଭିଡ଼ିଲେ । ମାଘ ମାସରେ ୩୦ ଡିସିମିଲ ଜମି ରେ ନିଜର ପାୱାର ଟିଲରରେ ହଳ କରି ମାଟିକୁ ଚଷି, ଜମିକୁ ପ୍ରସ୍ତୁତି କରିଥିଲେ । ଏହାପରେ ପୋଟଳ ଚାରା ପାଇଁ ବିଭିନ୍ନ ଚାଷୀମାନଙ୍କ ସହିତ କଥା ହୋଇ ଚାଷୀମାନଙ୍କ ପରାମର୍ଶ କ୍ରମେ ଗେର୍ଡ଼ ଗ୍ରାମର ଜଣେ ଚାଷୀଙ୍କ ସହ କଥା ହୋଇ ୧୦୦୦ ମନ୍ଦାକୁ ୧୫୦୦/- ଟଙ୍କା ଦେଇ ଫାଲଗୁନ ମାସର ପ୍ରଥମ ସପ୍ତାହରେ ଚାରା ରୋପଣ କରିଥିଲେ । ଗୋଟେ ମାସ ପରେ ବା ଚୈତ୍ର ମାସରେ ପୋଟଳ ର ଲହ ବା ଡଙ୍କି ମାରିବା ଆରମ୍ଭ ହେଲା । ବୈଶାଖ ମାସରେ ଖୁଣ୍ଟ ପାଇଁ ୫୦୦ ଖୁଣ୍ଟକୁ ୧୦/- ଟଙ୍କା ଦରରେ ୫୦୦୦/- ଟଙ୍କା ଦେଇ ପାଖ ଗାଁରୁ ଆଣିଥିଲେ । ଖୁଣ୍ଟ ପୋତି ପାଖ ସହର ବଲାଙ୍ଗିରରୁ ପ୍ଲାଷ୍ଟିକ ଜାଲି ବା ନେଟ୍ ୧୦ କେଜିକୁ ୩୦୦/- ଦରରେ ୩୦୦୦/- ଟଙ୍କା ଦେଇ ଆଣିଲେ ଏବଂ ବୈଶାଖ ମାସରେ ଏହାକୁ ଗୋଟିଏ ସପ୍ତାହରେ ଲଗାଇଲେ । ଏହାପରେ ପୋଟଳର ଫଳ, ଫୁଲ ଆରମ୍ଭ ହେଲା ଓ ଜୈଷ୍ଠ ମାସରେ ଫଳ ପ୍ରତି ସପ୍ତାହରେ ୧୦୦ କେଜିକୁ ୪୦୦୦/- ଦରରେ ପ୍ରତି ମାସ ୪୦୦ କେଜିକୁ ମାସିକ ୧୬୦୦୦/- ତାଙ୍କ ହିସାବରେ ଆଜକୁ ୫ ମାସରେ ୭୦,୦୦୦/- ବିକ୍ରି କରିଥିବା ବେଳେ ଆଗକୁ ଆଉ ୩ ମାସ ପର୍ଯ୍ୟନ୍ତ ଫଳ ଫଳିବ ବୋଲି ଜଗଦୀଶଙ୍କ ପୁଅ ପ୍ରେମାନନ୍ଦ ସାହୁ କହିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ୩ ବର୍ଷ ହେଲା ରାଜ୍ୟ ସରକାରଙ୍କ ଉଠାଜଳସେଚନ ନିଗମ ଲିମିଟେଡ ପକ୍ଷରୁ ଗଭୀର ନଳକୂପ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିଥିଲେ ଏବଂ ୨୦,୦୦୦/- ଟଙ୍କା ପୈଠ କରିଥିଲେ । ବଦଳରେ ରାଜ୍ୟ ସରକାରଙ୍କ ତରଫରୁ ଇଲେକ୍ଟ୍ରିସଂଯୋଗ ସହିତ ଗଭୀର ନଳକୂପ ୩୦୦ ଫୁଟ ଖନନ, ମଟର ଏବଂ କେଶିଂ ପାଇପ ମଧ୍ୟ ମିଳିଛି । ଏହାପରେ ଜଗଦୀଶ ସାହୁଙ୍କ ଖୁସି କହିଲେ ନସରେ । ଚାଷ କରି ୪ ପୁଅଙ୍କ ପ୍ରତିପୋଷଣ କରି ଘର ତିଆରି କରି, ଗୋଟିଏ ଝିଅର ମଧ୍ୟ ବାହା କରିଛନ୍ତି । ଆହୁରି ମଧ୍ୟ କୃଷି ବିଭାଗ ତରଫରୁ ସବ୍ସିଡିରେ ଗୋଟିଏ ପାୱାର ଟିଲର ମଧ୍ୟ ଆଣିଛନ୍ତି । ଯାହାକି ଚାଷ ପାଇଁ ସୁବିଧା ହୋଇଛି । ଅନ୍ୟ ଉପରେ ନିର୍ଭର କରିବାକୁ ପଡୁନାହିଁ । ଆଗକୁ ପୋଟଳ ଚାଷରେ ୪ ମାସରେ ୪୦,୦୦୦/ ଟଙ୍କା ବିକ୍ରି କରିବାର ଲକ୍ଷ୍ୟ ରଖିଛନ୍ତି । ମୋଟ ୩୦ ଡିସିମିଲରେ ଗୋଟିଏ ବର୍ଷରେ ୧,୦୦,୦୦୦/- ଟଙ୍କାରୁ ଉର୍ଦ୍ଧ ରୋଜଗାର କରିଥିବା ବେଳେ ଏହି ଚାଷରେ ଲାଭ ଅଛି ଆଉ ଆଗକୁ ପୋଟଳ ଚାଷ ଅଧିକ କରି ଅଧିକ ରୋଜଗାର କରିବାର ଲକ୍ଷ୍ୟ ରଖିଛନ୍ତି । ରାଜ୍ୟ ସରକାରଙ୍କ ଉଦ୍ୟମରେ କୃଷି ବିଭାଗରୁ ନୂତନ ଜ୍ଞାନ କୌଶଳରେ ପୋଟଳ ଚାଷ ଟ୍ରେଲିଜ୍ ବା ଖୁଂଟ ଓ ଜାଳି ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜଗଦୀଶ କହିଛନ୍ତି ।

# ଛିଣ୍ଡାନଈ ସାହିତ୍ୟ ସଂସଦର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ : ''ଶୁଭ୍ରାଶ୍ରୀ'' ପତ୍ରିକାର ଲୋକାର୍ପଣ

ଜୟପୁର, ୧୬/୧୦ (ନି.ପ୍ର): ଛିଣ୍ଡାନଈ ସାହିତ୍ୟ ସଂସଦ କଟକ ଓ ଜୟପୁର ଶାଖାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ହଲ ସଭାକକ୍ଷରେ ଚତଃର୍ଦ୍ଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ 'ଆମ ସାହିତ୍ୟ କେତେ ସୁନ୍ଦର' ଶୀର୍ଷକ ଉପରେ ଆଲୋଚନାଚକ୍ର, କବିତାସମ୍ମିଳନୀ ଓ ସଂସଦର ଶାରଦୀୟ ମୁଖପତ୍ର 'ଶୁଭ୍ରାଶ୍ରୀ' ପତ୍ରିକାକୁ ଲୋକାର୍ପଣ କରାଯାଇଥିଲା । ସଂସଦର ସଭାପତି କବି ମନମୋହନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଓଏସଡି ପ୍ରଫେସର ଡ. ଦେବୀ ପ୍ରସାଦ ମିଶ୍ର , ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ଭବାନୀ ଶଙ୍କର ଦାଶ, ସମ୍ମାନୀତ ବକ୍ତା ଭାବେ ପରିଦର୍ଶୀ ପ୍ରଫେସର ବାଙ୍କି ସ୍ୱୟଂ ଶାସିତ ମହାବିଦ୍ୟାଳୟ (ଓଡ଼ିଆ ବିଭାଗ) ଡ. ବୈରାଗୀ ଚରଣ ପଟ୍ଟନାୟକ ଯୋଗ ଦେଇ ସାହିତ୍ୟ ବଂଚିଲେ ଭାଷା ବଂଚିବ ବୋଲି କହିଥିଲେ । ଓଡିଆ ଭାଷା ସଂକଟ ଦେଇ ଗତି କରୁଥିବାରୁ ସାହିତ୍ୟିକ ମାନେ ଅଧିକାରୁ ଅଧିକା କବିତା, ଗଳ୍ପ, ପ୍ରବନ୍ଧ ଆଦି ଲେଖିବା ସହ ଯୁବ ପିଢ଼ୀଙ୍କୁ ସାହିତ୍ୟ ଅନୁରାଗୀ ଭାବେ ଗୋଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ । ସମ୍ପାଦକ ଯୁଧିଷ୍ଠିର ମଲ୍ଲିକ ବିବରଣୀ ପାଠ କରିଥିଲେ । ପ୍ରାବନ୍ଧିକ ସୁଧାଂଶୁ ଶେଖର ପଟ୍ଟନାୟକ ଅତିଥି ଆମନ୍ତ୍ରଣ ଓ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କ୍ଷ ସୁଶ୍ରୀ ହର୍ଷିତା ପଟ୍ଟନାୟକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ । ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମ ଅଧିବେଶନ ଶେଷରେ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ । କବି କୃଷଚନ୍ଦ୍ର ହୋତା ଦୁଇଟି ଯାକ ଅଧିବେଶନରେ ଅତିଥି ଆମନ୍ତ୍ରଣ କରିଥିଲେ । କବିତା ପାଠୋତ୍ସବକୁ କବି ପ୍ରକାଶ ମହାନନ୍ଦିଆ ସଭାପିତତ୍ୱ କରିଥିଲେ । କବିତା ଗୁଡିକୁ ଅଧ୍ୟାପିକା କବିୟତ୍ରୀ କବିତା ସାହୁ ଓ କବୟିତ୍ରୀ ସବିତା ଶତପଥୀ ସଂଯୋଜନା କରିଥିଲେ । ଅଧ୍ୟାପକ ଆଲୋକ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟର ବହୁ କୋଣ ଅନୁକୋଣର ସାହିତ୍ୟିକ, କବି, କବିୟତ୍ରୀ, ଗନ୍ୟମାନ୍ୟ ବ୍ୟକ୍ତି ଭାଗ ନେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ରତ୍ନଭଣ୍ଡାର ଖୋଲିବା ....

କମିଟି ଗଠନ କରୁନି ବୋଲି ବିଜେପି ପ୍ରଶ୍ନ କରିଛି । ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଗଣମାଧ୍ୟମକୁ ବିବୃତ୍ତି ଦେଇ କହିଛନ୍ତି ଯେ, ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବା ନେଇ ବାରମ୍ବାର ଦାବି କରାଯାଉଛି । ସ୍ୱତନ୍ତ୍ର କମିଟି ଗଠନ କରି ରତ୍ନଭଣ୍ଡାର ଖୋଲିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିଲା, କିନ୍ତୁ ରତ୍ନଭଣ୍ଡାର କଥାକୁ ଭୁଲି ଯାଇ ଶ୍ରୀମନ୍ଦିର ପରିଚାଳନା କମିଟି 'ଡ୍ରେସ କୋର୍ଡ'କୁ ଗୁରୁତ୍ୱ ଦେଉଛନ୍ତି । ଗତ ଅଗଷ୍ଟ ୪ତାରିଖରେ କମିଟି ଗଠନ ପାଇଁ ରିଜଲ୍ୟୁସନ କରାଯାଇଥିଲା ଓ ସେପ୍ଟେମ୍ବର ୨୯ରେ ହାଇକୋର୍ଟ ଶ୍ରୀମନ୍ଦିର କମିଟି ଗଠନ ନିର୍ଦ୍ଦେଶ ଦେଇଥିଲେ । ରତ୍ନଭଣ୍ଡାର ସୁରକ୍ଷିତ ଅଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବାରମ୍ବାର ଗଣମାଧ୍ୟମରେ ଦୃଢ଼ୋକ୍ତି ବ୍ୟକ୍ତ କରୁଛନ୍ତି । ତେବେ ରତ୍ନଭଣ୍ଡାର ଖୋଲିବା ପାଇଁ କାହିଁକି ଏପର୍ଯ୍ୟନ୍ତ କମିଟି ଗଠନ କରାଯାଇ ନାହିଁ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ରତ୍ନଭଣ୍ଡାର ଖୋଲିଲେ ଲକ୍ଷ ଲକ୍ଷ ଜଗନ୍ନାଥପ୍ରେମୀମାନଙ୍କ ଦ୍ୱନ୍ଦ୍ୱ ଦୂର ହେବ । ରତ୍ନଭଣ୍ଡାର ଖୋଲାଯିବା ପ୍ରସଙ୍ଗରେ ଯଥାଶୀଘ୍ର ଶ୍ରୀମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ଗଜପତି ମହାରାଜାଙ୍କୁ ବିଜେପି ପ୍ରତିନିଧିମଣ୍ଡଳୀ ଭେଟି ସମସ୍ତ କଥା ବିସ୍ତୃତଭାବେ ଆଲୋଚନା କରାଯିବ । ବିଗତ ୪୫ବର୍ଷ ଧରି ରତ୍ନଭଣ୍ଡାର ଖୋଲାଯାଇ ନାହିଁ । ଖୋଲା ନଯିବାକୁ ନେଇ ଓଡ଼ିଶାବାସୀଙ୍କ ମନରେ ଦ୍ୱନ୍ଦ ରହିଛି, ଯଥାଶୀଘ୍ର ଦୂର କରାଯାଉ । ଗଜପତି ମହାରାଜା ଓ ଜଗତଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ରତ୍ନଭଣ୍ଡାର ଖୋଲିବାକୁ ବାରମ୍ବାର କହିସାରିଛନ୍ତି । ରତ୍ନଭଣ୍ଡାର ପାଇଁ କାହିଁକି କମିଟି ଗଠନ ହେଉନାହିଁ ? ଅବସରପ୍ରାପ୍ତ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଦୀପକ ମିଶ୍ର ଏବଂ ଜିବି. ପଟ୍ଟନାୟକ ଅଛନ୍ତି, ସେମାନଙ୍କ ନେତୃତ୍ୱରେ ତୁରନ୍ତ ରତ୍ନଭଣ୍ଡାର କମିଟି ଗଠନ କରି ରତ୍ନଭଣ୍ଡାର ଖୋଲନ୍ତୁ ବୋଲି ଶ୍ରୀ ମହାନ୍ତି ଦାବି କରିଛନ୍ତି ।

### ଗଞ୍ଜାମ ରାଜନୀତିରେ...

ଉପନିର୍ବାଚନରେ ବାଜି ମାରିଛନ୍ତି ବିପ୍ଳବ ବିରୋଧୀ ବିପିନ ପ୍ରଧାନଙ୍କ ଗୋଷ୍ଠୀ । ଲାଗି ରହିଥିବା ଗୋଷ୍ଠୀ ବିବାଦ ଯୋଗୁ ଉପ ନିର୍ବାଚନ ପୂର୍ବରୁ ବିପିନଙ୍କୁ ବିଜେଡିରୁ ବହିଷ୍କାର ମଧ୍ୟ କରାଯାଇଛି । ଆଉ ଏବେ ଏଭଳି ବିବାଦୀୟ ସ୍ଥିତିରେ ସାମ୍ନାକୁ ଆସିଥିବା ଗୁଣି ବିଦ୍ୟାକୁ ନେଇ ପରସ୍ପରକୁ କାଦୁଅ ଫୋପାଡ଼ିଛନ୍ତି ବିପ୍ଳବଙ୍କ ସମର୍ଥକ ଓ ବିପିନ ପ୍ରଧାନ । ଘଟଣା ପଛର ରହସ୍ୟ ଯାହା ବି ଥାଉନା କାହିଁକି, କ୍ଷମତା ଓ ପତିଆରା ପାଇଁ ଦିଗପହଣ୍ଡି ବିଜେଡିରେ ଲାଗି ରହିଥିବା ରାଜନୈତିକ ବିବାଦର ପୃଷ୍ଠଭୂମି ଉପରେ ଏଭଳି ଗୁଣିବିଦ୍ୟା ତଥା କୁସଂସ୍କାରକୁ ନେଇ ଏବେ ଗଞ୍ଜାମ ଜିଲ୍ଲାରେ ଲାଗିରହିଛି ନାନା ଚର୍ଚ୍ଚା ଲାଗି ରହିଛି ।

### ରାଜ୍ୟର ସମସ୍ତ...

୯୫ ହଜାର ୧୬୦ ଟଙ୍କା ବହନ କରୁଥିବା ବେଳେ କେନ୍ଦ୍ର ସରକାର ୧୮ କୋଟି ୮୦ ଲକ୍ଷ ୩୪ ହଜାର ୯୯୦ ଟଙ୍କା ବହନ କରୁଛନ୍ତି । ଅନୁଦାନ ଅର୍ଥରେ ମେଡିସିନ୍ କିଟ୍, ଆସବାବପତ୍ର ଓ ଅନ୍ୟାନ୍ୟ ଉପକରଣ ତଥା ପ୍ରଶାସନିକ ଖର୍ଚ୍ଚ ମଧ୍ୟ ଅନ୍ତର୍ଭୁକ୍ତ ରହିଛି । ସୂଚନାଯୋଗ୍ୟ, ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ରାଜ୍ୟରେ କୋମଳମତି ଶିଶୁମାନଙ୍କର ଯତ୍ନ ଓ ପ୍ରାରମ୍ଭିକ ଶିକ୍ଷା ଲାଭ ନିମନ୍ତେ କାର୍ଯ୍ୟ କରୁଛନ୍ତି ।

### ମିଶନ ଗଗନଯାନ: ଅକ୍ଟୋବର....

ପୁନରୁଦ୍ଧାର ଅନ୍ତର୍ଭୁକ୍ତ ହେବ । ପ୍ରତ୍ୟାବର୍ତ୍ତନ ସମୟରେ ବଙ୍ଗୋପସାଗରରେ ଅବତରଣ କରିବାକୁ ହେବ । ଯାହା ଭାରତୀୟ ନୌସେନା ଦ୍ୱାରା ଉଦ୍ଧାର କରାଯିବ । ଏଥିପାଇଁ ନୌସେନା କର୍ମଚାରୀଙ୍କ ଏକ ଡାଇଭିଂ ଟିମ୍ ଗଠନ କରାଯାଇଛି । ଏହା ବ୍ୟତୀତ ମିଶନ ପାଇଁ ଏକ ଜାହାଜ ମଧ୍ୟ ପ୍ରସ୍ତୁତ ହେବ । ଗଗନଯାନ ଭାରତର ପ୍ରଥମ ମହାକାଶ ମିଶନ, ଆଗାମୀ ବର୍ଷର ଶେଷ ବେଳକୁ କିମ୍ବା ୨୦୨୫ ଆରମ୍ଭରେ ଲଞ୍ଚ କରାଯିବ । ୨୦୨୪ରେ ମାନବବିହୀନ ପରୀକ୍ଷଣ ହେବ, ଯେଉଁଥିରେ ଏକ ରୋବଟ୍ ପଠାଯିବ ।

### ଅମର୍ଦ୍ଦା ଏୟାରଷ୍ଟ୍ରିପ୍ ପ୍ରସଙ୍ଗରେ...

ଉଦାସୀନତା ଓ ଅବହେଳା କାରଣରୁ ନଷ୍ଟ ହେବାକୁ ବସିଥିଲା । ଏହି ବିମାନ ବନ୍ଦରର ପୁନରୁଦ୍ଧାର ପାଇଁ ୨୦୧୯ମସିହାଠାରୁ କ୍ରମାଗତ ଭାବେ କେନ୍ଦ୍ର ବେସାମରିକ ଏବଂ ନଗର ଉନ୍ନୟନ ମନ୍ତ୍ରୀ ହରଦୀପ ସିଂହ ପୁରୀ ଓ ପରବର୍ତ୍ତୀ ସମୟରେ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ବାରମ୍ବାର ପତ୍ର ଲେଖିବା ସହିତ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ଦାବୀ କରାଯାଇଥିଲା । ଏପରିକି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବାୟୁସେନାର ମୁଖ୍ୟ ଏବଂ ଡିଆରଡିଓ, ଚାନ୍ଦିପୁରର ବରିଷ୍ଠ ଅଧିକାରୀଙ୍କୁ ଭେଟି ଏ ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ୨୦୨୧ ମସିହା ସେପ୍ଟେମ୍ବର ୧୬ ତାରିଖ ଦିନ କେନ୍ଦ୍ର ଓ ରାଜ୍ୟ ପ୍ରତିନିଧି ଦଳର ଉପସ୍ଥିତିରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ ରାସଗୋବିନ୍ଦପୁର ଅମର୍ଦା ଘାଟିକୁ ଯାଇ ପର୍ଯ୍ୟବେକ୍ଷଣ କରିଥିଲେ । ଶେଷରେ ୨୦୨୨ ମସିହା ନଭେମ୍ବର ୨୨ ତାରିଖ ଦିନ ପ୍ରତିରକ୍ଷା ମନ୍ତ୍ରାଳୟ ବିମାନବନ୍ଦର ପୁନରୁଦ୍ଧାର ପାଇଁ କାର୍ଯ୍ୟ ଅନୁମତି ପ୍ରଦାନ କରିଥିଲେ ଏବଂ ରାଜ୍ୟ ସରକାରଙ୍କୁ ୨୬ କୋଟି ଟଙ୍କା କ୍ଷତିପୁରଣ ବାବଦରେ ଜମା କରିବାକୁ କହିଥିଲେ । ରାଜ୍ୟ ସରକାର ଦୀର୍ଘ ୩ ମାସ ପରେ କିଛି ସର୍ତାବଳୀ ସହିତ ରାଜି ହୋଇଥିଲେ । ଧାର୍ଯ୍ୟ ଗତ ଅକ୍ଟୋବର ୧୦ ତାରିଖ ଦିନ ଜମି ହସ୍ତାନ୍ତର ହେବାର ଥିଲା । ଡିଆରଡିଓ, ଚାନ୍ଦିପୁରରୁ ଡିଫେନ୍ସ ଇଷ୍ଟେଟ୍ ଅଫିସର, ପ୍ରତିରକ୍ଷା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିବା ସତ୍ତ୍ୱେ ଜିଲ୍ଲାପାଳଙ୍କ ଅନୁପସ୍ଥିତି କାରଣରୁ ଜମି ହସ୍ତାନ୍ତର ସମ୍ଭବ ହୋଇପାରିଲା ନାହିଁ । ଅମର୍ଦା ଏୟାରଷ୍ଟ୍ରିପ୍‌ର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାର ୪୫ କୋଟି ପ୍ରଦାନ କରିଛନ୍ତି । ଅମର୍ଦା ଏୟାରଷ୍ଟ୍ରିପ କାର୍ଯ୍ୟକ୍ଷମ ହେଲେ କାଳେ କେନ୍ଦ୍ର ସରକାର ଓ ଭାରତୀୟ ଜନତା ପାର୍ଟୀ ନାଁ ନେଇଯିବେ ସେ ଭୟରେ ବିଜେଡି ସରକାର ବାଧା ସୃଷ୍ଟି କରୁଛି । ଅମର୍ଦା ଏୟାରଷ୍ଟ୍ରିପ୍ କାର୍ଯ୍ୟକ୍ଷମ ହେଲେ, ମୟୂରଭଞ୍ଜ ସମେତ ସମଗ୍ର ଉତର ଓଡିଶା, ସୀମାବର୍ତୀ ଝାରଖଣ୍ଡ ଓ ପଶ୍ଚିମବଙ୍ଗବାସୀ ଉପକୃତ ହୋଇଥାନ୍ତେ । ମୟୂରଭଞ୍ଜ ଜିଲ୍ଲାରେ ଅନେକ ପର୍ଯ୍ୟଟନସ୍ଥଳୀ ଅଛି । ଶିଳ୍ପ ପ୍ରତିଷ୍ଠା ପାଇଁ ଅପାର ସମ୍ଭାବନା ରହିଛି । ବିଶେଷ ଭାବେ ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟଟନ, ଶିଳ୍ପ, ବାଣିଜ୍ୟ ଓ ଶିକ୍ଷା କ୍ଷେତ୍ରରେ ବହୁତ ଉନ୍ନତି ହୋଇପାରିବ । କିନ୍ତୁ ରାଜ୍ୟ ସରକାର କରାଇ ଦେଲେନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିବା ସହିତ ଜିଲ୍ଲାର ବିକାଶ କାର୍ଯ୍ୟରେ କେନ୍ଦ୍ର ସରକାରକୁ ରାଜ୍ୟ ସରକାର ସହଯୋଗ କରନ୍ତୁ ବୋଲି ଶ୍ରୀ ଟୁଡୁ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ ଏବଂ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

### ୫୦୦ କିଲୋମିଟର....

ହେଇଥିଲା ଏବଂ ଏବେ ମଧ୍ୟ ତାକୁ ଏତେ ସହଜରେ ପରାଜିତ କରିହେବନାହିଁ । ଏହା ହେଉଛି ଗାଜାର ଅଣ୍ଡରଗ୍ରାଉଣ୍ଡ ଟନେଲର ଏକ ବିଶାଳ ନେଟୱାର୍କ । ଇସ୍ରାଏଲ୍ ବହୁ ପୂର୍ବରୁ ହମାସର ସବୁଠାରୁ ଏହି ବଡ ଶକ୍ତିକୁ ଠଉରେଇ ସରିଛି ଏବଂ ଏହି ଟନେଲଗୁଡିକର ମୁକାବିଲା ପାଇଁ ୧ ବିଲିୟନ ଡଲାରରୁ ଅଧିକ ଖର୍ଚ୍ଚ କରିଛି । ଗାଜାରେ ଶହ ଶହ କିଲୋମିଟର ଲମ୍ବା ଅଣ୍ଡରଗ୍ରାଉଣ୍ଡ ଟନେଲର ଏକ ନେଟୱାର୍କ ଅଛି ବୋଲି ଅନୁମାନ କରାଯାଉଛି । ୨୦୨୧ ମସିହାରେ ହୋଇଥିବା ବିବାଦ ପରେ ଇସ୍ରାଏଲ୍ ସେନା ଦାବି କରିଥିଲା ଯେ ଗାଜାରେ ୧୦୦ କିଲୋମିଟର ଲମ୍ବା ଟନେଲ୍ ନଷ୍ଟ କରିଦେଇଛି, କିନ୍ତୁ ହାମାସ୍ କହିଛନ୍ତି ଯେ କେବଳ ୫ ପ୍ରତିଶତ ଟନେଲ୍ ନଷ୍ଟ ହୋଇଛି ଏବଂ ଆହୁରି ୫୦୦ କିଲୋମିଟର ଲମ୍ବା ଟନେଲ୍ ଗାଜାରେ ରହିଯାଇଛି । ଯଦି ଏହି ସଂଖ୍ୟା ଆପଣଙ୍କ ପାଇଁ କମ୍ ମନେହୁଏ, ତେବେ ଜାଣନ୍ତୁ ଲଣ୍ଡନ ସହରରେ ବ୍ୟାପିଥିବା ଅଣ୍ଡରଗ୍ରାଉଣ୍ଡ ମେଟ୍ରୋ ମାତ୍ର ୪୦୦ କିଲୋମିଟର ଲମ୍ବା ଅଟେ ଏବଂ ପୁଣି ଏହାର ଅଧିକାଂଶ ଭାଗ ଭୂମି ଉପରେ ଅଛି । ନିଜର ଶତ୍ରୁ ଉପରେ ବିଜୟ ପାଇବାକୁ ଇସ୍ରାଏଲ୍ ୨୦୧୪ ରେ ଇସ୍ରାଏଲ୍ ଫାର୍ମ ଏଲବିଟ୍ ସିଷ୍ଟମ୍ ଏବଂ ରାଫେଲ ଆଡଭାନ୍ସ ଡିଫେନ୍ସ ସିଷ୍ଟମ ଦ୍ୱାରା ବିକଶିତ ଏକ ଅତ୍ୟାଧୁନିକ ଟନେଲ-ଚିହ୍ନଟ ପ୍ରଣାଳୀରେ ବିନିଯୋଗ କରିବାକୁ ନିଷ୍ପତ୍ତି ନେଇଛି । ଦୁଇ କଣ୍ଟ୍ରାକ୍ଟର ମିସାଇଲ୍ ପ୍ରତିରକ୍ଷା ପ୍ରଣାଳୀକୁ ମିଳିତ ଭାବରେ ବିକଶିତ କରୁଛନ୍ତି । ଏହି ପ୍ରଣାଳୀ ଆଇରନ୍ ଡୋମ୍ ଭାବରେ ମଧ୍ୟ ଜଣାଶୁଣା । ତେଲ ଅଭିଭ ସ୍ଥିତ ଇନଷ୍ଟିଚ୍ୟୁଟ୍ ଫର ନ୍ୟାସନାଲ୍ ଷ୍ଟଡିଜ୍ ଦ୍ୱାରା କରାଯାଇଥିବା ଅନୁସନ୍ଧାନ ଅନୁଯାୟୀ ଟନେଲ ଚିହ୍ନଟ କରୁଥିବା ସେନସର ଗୁଡିକ ଠିକରେ କାର୍ଯ୍ୟ କରିପାରୁନାହିଁ । ଦୋ ଛକିରେ ଏବଂ ଯେଉଁଠି ଟନେଲ ଗୁଡିକ ବଙ୍କେଇ ହେଇଯାଇଛି ସେଠି ସେନସର ଠିକରେ କାମ କରିପାରୁନାହିଁ । ଏଗୁଡିକୁ ବିକଶିତ କରିବାପାଇଁ ଅଧିକ ସମୟ ଲାଗିବ ବୋଲି ଜଣେ ଅଧିକାରୀ କହିଛନ୍ତି । ଅସ୍ତ୍ରଶସ୍ତ୍ର, କମାଣ୍ଡ ସୁବିଧା ଏବଂ ଯୁଦ୍ଧବିମାନ ଲୁଚାଇବା ପାଇଁ ହାମାସ ବର୍ଷ ବର୍ଷ ଧରି ଘଞ୍ଚ ଜନବହୁଳ ଗାଜା ତଳେ ଟନେଲ ବ୍ୟବହାର କରିଆସୁଛି । ସମୟ ଗଡ଼ିବା ସହିତ ଭେଣ୍ଟିଲେସନ୍ ଶାଫ୍ଟ ଏବଂ ବିଦ୍ୟୁତ୍ ସହିତ ଭୂତଳ ପାସେଜ୍ ଗୁଡିକ ମଧ୍ୟ ଅଧିକ ଅତ୍ୟାଧୁନିକ ହେଇପାରିଛି । ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ କିଛି ଟନେଲ୍ ୩୫ ମିଟର ଗଭୀର ହୋଇପାରେ । ଯେଉଁଥିରେ ରେଳ ଟ୍ରାକ୍ ଏବଂ ଯୋଗାଯୋଗ କକ୍ଷ ମଧ୍ୟ ରହିଛି । ସେଗୁଡ଼ିକର ପ୍ରବେଶ ଦ୍ୱାରଗୁଡ଼ିକ ପ୍ରାୟତ ଆବାସିକ ଅଟ୍ଟାଳିକା କିମ୍ବା ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନରେ ରହିଥାଏ । ଯାହାକୁ ସହଜରେ ଠାବ କରାଯାଇପାରେ ନାହିଁ । ପ୍ରଥମେ ଏହି ଅଣ୍ଡରଗ୍ରାଉଣ୍ଡ ନେଟୱାର୍କ ମୁଖ୍ୟତ ଇଜିପ୍ଟରୁ ସାମଗ୍ରୀ ଏବଂ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ ପାଇଁ ଉଦ୍ଦିଷ୍ଟ ଥିଲା , କିନ୍ତୁ ଆତଙ୍କବାଦୀମାନେ ଏହାକୁ ସୀମାପାର ଆକ୍ରମଣ ପାଇଁ ମଧ୍ୟ ବ୍ୟବହାର କରିଥିଲେ । ଏଥିରେ ୨୦୦୬ ଅପରେସନ୍ ଅନ୍ତର୍ଭୁକ୍ତ ଥିଲା । ଯେଉଁଥିରେ ସେମାନେ ୧୯ ବର୍ଷ ବୟସ୍କ ଇସ୍ରାଏଲ୍ ସୈନିକ ଗିଲାଦ୍ ଶାଲିତଙ୍କୁ ଅପହରଣ କରିଥିଲେ ଅନ୍ୟ ଦୁଇ ଇସ୍ରାଏଲ୍ ସୈନ୍ୟକଙ୍କୁ ହତ୍ୟା କରିଥିଲେ । ଇସ୍ରାଏଲରେ ବନ୍ଦୀ ଥିବା ୧୦୦୦ ରୁ ଅଧିକ ପାଲେଷ୍ଟାଇନ ବନ୍ଦୀଙ୍କୁ ମୁକ୍ତ କରିବା ବଦଳରେ ଶାଲିତଙ୍କୁ ପାଞ୍ଚ ବର୍ଷ ପରେ ମୁକ୍ତ କରାଯାଇଥିଲା । ବାରମ୍ବାର କରାଯାଉଥିବା ଅଣ୍ଡରଗ୍ରାଉଣ୍ଡ ସୁଡ଼ଙ୍ଗ ଜାଲ ଆକ୍ରମଣରୁ ମୁକ୍ତି ପାଇବା ପାଇଁ ଇସ୍ରାଏଲ୍ ୨୦୧୪ ରେ ଗାଜା ଉପରେ ଭୂମି ଆକ୍ରମଣ କରିଥିଲା । ଏହି ୫୦ ଦିନିଆ ଯୁଦ୍ଧରେ ହମାସ ଆତଙ୍କବାଦୀମାନେ ସୁଡ଼ଙ୍ଗର ସାହାରା ନେଇ ଇସ୍ରାଏଲ୍ ସେନା ଉପରେ ଆକ୍ରମଣ କରିଥିଲେ । ପ୍ରାୟ ଏକ ଦଶନ୍ଧି ପୂର୍ବରୁ ବନ୍ୟା ପରିସ୍ଥିତି ସୃଷ୍ଟି କରି ଟନେଲଗୁଡ଼ିକୁ ନଷ୍ଟ କରିବା ପାଇଁ ଇଜିପ୍ଟ ମଧ୍ୟ ଏକ ସମନ୍ୱିତ ଅଭିଯାନ ଆରମ୍ଭ କରିଥିଲା ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଦରଦୀ ମଣିଷ ଅମୂଲ୍ୟ କୁମାର ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ

ବାଲେଶ୍ୱର, ୧୬/୧୦ (ନି.ପ୍ର): କରୁଣା ଗୌରୀ ଆଶ୍ରୟସ୍ଥଳ, ଚାର୍ଦ୍ଧ ଇଣ୍ଟିଗ୍ରେଟେଡ ମଡେଲ ସ୍କୁଲର ସଭାପତି, ଦୁର୍ନିତୀ ସଂଘର୍ଷ ମଞ୍ଚର କୋଷାଧକ୍ଷ ଓ ଜିଲ୍ଲା ରେଡକ୍ରସ ଆଜୀବନ ସଭ୍ୟ ଦରଦୀ ମଣିଷ ଅମୂଲ୍ୟ କୁମାର ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅକ୍ତିଆରପୁରସ୍ଥିତ ଆଶ୍ରମ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଅଛି। ପ୍ରାରମ୍ଭିକ ସୁଚନା ଆଶ୍ରମ ପ୍ରତିଷ୍ଠାତା ଗଣେଶ୍ୱର ରାଉତ ଦେଇଥିବା ବେଳେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ତଥା ସଭ୍ୟ ଗୋପାଳ ଚନ୍ଦ୍ର ଜେନା ପରିଚାଳନା କରିଥିଲେ । ଅତିଥି ଭାବେ ଆଶ୍ରମର ଶୁଭେଚ୍ଛୁ ତଥା କିଶୋର ନ୍ୟାୟ ବୋର୍ଡର ସଭ୍ୟ ଯାଦବେଶ ମିଶ୍ର, ସଭ୍ୟ ଆଇନଜୀବୀ ତଥା ବି ଜେ ଡି ଜିଲ୍ଲା ସାଧାରଣ ସଂପାଦକ ସାହିରୁଲ ହକ, ବରିଷ୍ଠ ନାଗରିକ ତଥା ତାଙ୍କ ସହକର୍ମୀ ରାଜସ୍ୱ ସୁପରଭାଇଜର ଭରତ ଲାକ୍ରା, ସୀତାରାମ ପ୍ରଧାନ, ମହେନ୍ଦ୍ର ପ୍ରସାଦ ପଣ୍ଡା, ଦାଶରଥି ମହାପାତ୍ର , ସମାଜସେବୀ ରାଜେଶ ଗିରି, ଦିଲ୍ଲୀପ ଦାସ, ସମ୍ପାଦିକା ସସ୍ମିତା ହରିଚନ୍ଦନ ରାଉତ, ପ୍ରଧାନଶିକ୍ଷକ ତ୍ରିଲୋଚନ ବେହେରା, ମାନସୀ ସାହୁ, ମୃତ୍ୟୁଞ୍ଜୟ ଚାନ୍ଦ, ଅନୁଷ୍ଠାନର ସଭ୍ୟ ତଥା ସାମ୍ବାଦିକ ମନୋଜ କୁମାର ରାଉଳ, ବ୍ରହ୍ମାନନ୍ଦ ସ୍ୱାଇଁ, ସୁଦର୍ଶନ ବେହେରା, ଦମୟନ୍ତୀ ପଣ୍ଡା , ସର୍ବେଶ୍ୱର ମହାନ୍ତ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ଅନ୍ତେବାସୀ ମାନେ ଫଟୋରେ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ। ଅତିଥି ମାନେ ତାଙ୍କର ସ୍ମୃତି ଚାରଣ କରିବା ସହିତ ଜୀବନାବଳୀ ବର୍ଣ୍ଣନା କରିଥିଲେ। ସେ ଏକକାଳୀନ ଜଣେ ନିଷ୍କପଟ, ସଚ୍ଚୋଟ, ସରଳ ବ୍ୟକ୍ତି ଭାବରେ ପରିଚିତ ଥିଲେ। ଶେଷରେ ପ୍ରଶାନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



## ୨୬ ସପ୍ତାହରେ ଗର୍ଭପାତ ଆବେଦନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ,୧୬/୧୦ : ୨୬ ସପ୍ତାରେ ଗର୍ଭପାତ ପାଇଁ ଅନୁମତି ଦେବାକୁ ମନା କରିଛନ୍ତି ସୁପ୍ରିମକୋର୍ଟ । ପ୍ରଧାନ ବିଚାରପତି ଡି ୱାଇ ଚନ୍ଦ୍ରଚୂଡଙ୍କ ଅଧକ୍ଷତାରେ ଗଠିତ ବେଂଚ ଏହି ନିଷ୍ପତ୍ତି ଶୁଣାଇଛନ୍ତି । ଗର୍ଭସ୍ଥ ଶିଶୁର ଅବସ୍ଥା ସାମାନ୍ୟ ଥିବା ଏମ୍ସ ରିପୋର୍ଟ ଦେବା ପରେ କୋର୍ଟ ମହିଳାଙ୍କ ପିଟିସନକୁ ଖାରଜ କରିଦେଇଛନ୍ତି । ଡିପ୍ରେସନ ଯୋଗୁ ମହିଳା ଜଣକ ଯେଉଁ ମେଡିସିନ ନେଉଛନ୍ତି, ଗର୍ଭସ୍ଥ ଶିଶୁ ଉପରେ ତାର କୌଣସି ପ୍ରଭାବ ପଡୁନାହିଁ । ଅକ୍ଟୋବର ୧୩ ତାରିଖରେ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଂଚ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ମହିଳା ଜଣକ ଗର୍ଭ ରଖିବା ପାଇଁ ଯୋଗ୍ୟ କି ନୁହେଁ ତାହା ଜାଣିବା ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ କୋର୍ଟଙ୍କ ପକ୍ଷରୁ ଏହି ନିର୍ଦ୍ଦେଶ ଦିଆଯାଇଥିଲା । ତେବେ ମହିଳା ଜଣକ ଯେଉଁ ଔଷଧ ଖାଉଛନ୍ତି ଏହା ପରେ ବି ଗର୍ଭସ୍ଥ ଶିଶୁ ସୁସ୍ଥ ରହିଛି ।

# ଧାମନଗର ବ୍ଲକରେ ମିଳିତ ଜନଶୁଣାଣି ଶିବିର : ୧୪୫ ଅଭିଯୋଗ ଆଗତ

ଭଦ୍ରକ , ୧୬/୧୦ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପିଙ୍କ ମିଳିତ ଜନଶୁଣାଣି ଶିବିର ଧାମନଗର ବ୍ଲକ୍‌ରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଭଦ୍ରକ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୪୫ଟି ଅଭିଯୋଗ ଶୁଣିଥିଲେ । ସେଥି ମଧ୍ୟରେ ୧୩୫ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଓ ୧୦ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା । ରେଡ଼କ୍ରସ୍ ସମ୍ବନ୍ଧୀୟ ୪ ଜଣଙ୍କ ଆବେଦନ ଆଧାରରେ ଚିକିତ୍ସା ସହାୟତା ବାବଦକୁ ରେଡ଼କ୍ରସ୍ ପାଣ୍ଠିରୁ ସମୁଦାୟ ୪୩ ହଜାର ଟଙ୍କା ମଞ୍ଜୁର କାରାଯାଇଛି । ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ପରିଷଦ,



ଭଦ୍ରକର ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ଧାମନଗର ଏନ୍.ଏ.ସି.ର ଅଧକ୍ଷା ନିବେଦିତା ଜେନା, ଧାମନଗର ବ୍ଲକ୍‌ର ଅଧକ୍ଷା ଶର୍ମିଷ୍ଠା ବେହେରା, ବି.ଡ଼ି.ଓ. ବନ ବିହାରୀ ଦିଣ୍ଡା, ତହସିଲଦାର ଦୀପକ କୁମାର ଦାସ ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଜନାଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଧାମନଗର ଏନ୍.ଏ.ସି. ଅଞ୍ଚଳରେ ରାସ୍ତାରେ ବିଜୁଳି ଆଲୁଅ ଅନବରତ ୨୪ ଘଣ୍ଟା ଜଳିବା, ଆରଡ଼ି ଛକରୁ ଶହିଦନଗର ଛକ ଓ ଧାମନଗରୁ ଫଳପୁର ପର୍ଯ୍ୟନ୍ତ ଦୟନୀୟ ରାସ୍ତାର ମରାମତି, କିଳାଟେଶ୍ୱର ଶିବ ମନ୍ଦିର ଟ୍ରଷ୍ଟିବୋର୍ଡ଼ ଗଠନ ସରକାରୀ ଜମି ବିକ୍ରି ପ୍ରମୁଖ ସମସ୍ୟା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ବିଦ୍ୟାଙ୍ଗଭତ୍ତା, ରେସନ କାର୍ଡ଼ ଆଦି ସମ୍ବନ୍ଧୀୟ ଅଧିକ ସମସ୍ୟା ଆଗତ ହୋଇଥିଲା । ନିୟମାନୁଯାୟୀ ସମସ୍ୟା ସବୁର ସମାଧାନ ପାଇଁ ଜିଲ୍ଲାପାଳ ଶିବିରରେ ଉପସ୍ଥିତ ଜିଲ୍ଲା ଓ ଉକ୍ତ ବ୍ଲକ୍‌ସ୍ତରୀୟ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଡ଼େପୁଟୀ କଲେକ୍ଟର ରାଜୀବ ହାଁସଦା ଅଭିଯୋଗ ଉପସ୍ଥାପନାରେ ଏବଂ ସାଧାରଣ ଓ ବିବିଧ ବିଭାଗର କର୍ମଚାରୀ ଲିସାରାଣୀ ରାଉତ ଅଭିଯୋଗ ପଞ୍ଜିକରଣରେ ସହଯୋଗ କରିଥିଲେ ।

# ୬ମାସ ଧରି ପାଇନାହାନ୍ତି ବିଦ୍ୟାଳୟର ଏମ୍‌ଡିଏମ୍ ଅର୍ଥ : ଦୁର୍ଦ୍ଦିନରେ ୧୮ ସ୍ୱୟଂ ସହାୟକ ଗୋଷ୍ଠୀ

ଜଳେଶ୍ୱର , ୧୬/୧୦ (ନି.ପ୍ର): ରାଜ୍ୟରେ ୧ମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ରହିଛି । କିନ୍ତୁ ମଧ୍ୟାହ୍ନ ଭୋଜନର ଦାୟିତ୍ୱ ସ୍ୱୟଂ ସହାୟିକା ଗୋଷ୍ଠୀ ଉପରେ ନ୍ୟସ୍ତ କରିଛନ୍ତି । ଜଳେଶ୍ୱରରେ ପ୍ରାୟ ୧୮ଟି ସ୍ୱୟଂ ସୟାୟିକା ଗୋଷ୍ଠୀ ମଧ୍ୟାହ୍ନ ଭୋଜନ ଦେଇ ଆସୁଥିଲେ ମଧ୍ୟ ସେମାନଙ୍କୁ ୨୦୨୩ ଏପ୍ରିଲ ଠାରୁ ଅଦ୍ୟାବଧି ମଧ୍ୟାହ୍ନ ଭୋଜନର ଅର୍ଥ ମିଳିନାହିଁ । ମହିଳା ଗୋଷ୍ଠୀ ଗୁଡିକ ସେମାନଙ୍କ ପ୍ରାପ୍ୟ ପାଇବାଲାଗି ଗୋଷ୍ଠି ଶିକ୍ଷାଧିକାରୀ କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇ ଫେରୁଛନ୍ତି । ବଜାରର ମୂଲ୍ୟବୃଦ୍ଧି ଯୋଗୁଁ ସରକାର ଯୋଗାଉଥିବା ଅର୍ଥ ନଅଣ୍ଟ ଥିବା ବେଳେ ଦୀଘ; ୬ମାସ ଧରି ମଧ୍ୟାହ୍ନଭୋଜନର ଅର୍ଥ ପାଇନଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି । ଏଥିରେ ସରକାର ହସ୍ତକ୍ଷେପ କରିବାକୁ ଶ୍ରୀଖରପୁରଠାରେ ଆୟୋଜିତ ମହାସଂଘର ଏକ ବୈଠକରେ ଦୁଃଖ ପ୍ରକାଶ କରି ଅତିଶୀଘ୍ର ବକେୟା ଅର୍ଥ ଯୋଗାଇବାକୁ ଦାବି କରାଯାଇଛି ।

# କୁପାରୀ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା

ଖଇରା, ୧୬/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଖେଳକୁଦ ତଥା ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ଅଧ୍ୟକ୍ଷ ଗଗନ ବିହାରୀ ରାଉତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ପିଲାମାନଙ୍କ ମଧ୍ୟରେ ଫୁଟବଲ, ଭଲିବଲ, ଦୌଡ, କ୍ରିକେଟ, ଲମ୍ବଡିଆଁ, ଉଚ୍ଚଡିଆଁ, ନୃତ୍ୟ,ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଧ୍ୟାପକ ଲିଙ୍ଗରାଜ କର,ଅଧ୍ୟାପିକା ମାଳତୀ ଲତା ହାତୀ,ଡ ଆଭାରାଣି ବଳ ଓ ମଧୁମିତା ପତ୍ରୀ,ଅଧ୍ୟାପକ ଦୀପକ ଦାସ, ଦତ୍ତାତ୍ରେୟ ଦାସ,ଅଂଶୁମାନ ନାୟକ, ଗଣେଷଚନ୍ଦ୍ର ପଣ୍ଡା, ଚିରଞ୍ଜିବୀ ଦାସ,ଭକ୍ତବନ୍ଧୁ ସାହୁ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ । ପ୍ରଧ୍ୟାପକ ସୁରେନ୍ଦ୍ର ନାଥ ରାଉତ ଓ ଯୁଧିଷ୍ଠିର କୁଅଁର,ପ୍ରଫୁଲ୍ଲ କୁମାର ଜେନା,ବିଚିତ୍ର ଭୁଷଣ ନାୟକ, ,ଫୁଲମଣି ଦେଇ,ଅଜୟ କୁମାର ସାହୁ,ଲଲାଟେନ୍ଦୁ ମଲ୍ଲିକ,ନିକୁଞ୍ଜ କିଶୋର ଦାସ ପ୍ରମୁଖଙ୍କ ତତ୍ତ୍ୱାଧାନରେ ଖେଳକୁଦ ପ୍ରତିଯୋଗିତା ଶେଷ ହୋଇଥିଲା ।

## ଏକାମ୍ର ପ୍ରକଳ୍ପର ସମୀକ୍ଷା କଲେ ୫-ଟି ସଚିବ

ଭୁବନେଶ୍ୱର, ୧୬/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ୫ -ଟି ସଚିବ ଭି କେ ପାଣ୍ଡିଆନ୍ ସୋମବାର ନିର୍ମାଣଧୀନ ଏକାମ୍ର ପ୍ରକଳ୍ପ ପରିଦର୍ଶନ କରିବା ସହ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏକାମ୍ର ବିକାଶ ପ୍ରକଳ୍ପ ୨୦୧୯ରେ ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ଗତ ଜୁନ୍ ୨୮ରେ ଏହାର ଶିଳାନ୍ୟାସ କରିଥିଲେ। ସମୀକ୍ଷା ପରେ ୫-ଟି ସଚିବ ଏକାମ୍ର ପ୍ରକଳ୍ପ ନିର୍ମାଣକାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ପୂର୍ତ୍ତ ବିଭାଗ ସଚିବ ଭି.ଭି ଯାଦବ, ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ବିଏମସି କମିଶନର ବିଜୟ ଅମୃତ କୁଲାଙ୍ଗେ, ଖୋର୍ଦ୍ଧା ଜିଲ୍ଲାପାଳ କେ .ଏସ୍ ଚକ୍ରବର୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶିଷ୍ଟ ସମାଜସେବୀ କୃତ୍ତିବାସ ଆଚାର୍ଯ୍ୟଙ୍କ ଦେହାନ୍ତ

ବାଲେଶ୍ୱର, ୧୬/୧୦ (ନି.ପ୍ର): ବିଶିଷ୍ଟ ସମାଜସେବୀ କୃତ୍ତିବାସ ଆଚାର୍ଯ୍ୟଙ୍କର ପୋଲିସ୍ ଲାଇନ୍ ନିକଟସ୍ଥ ପଦ୍ମୁଆଁପଦା ବାସଭବନରେ ଗତକାଲି ରାତି ୨ଟା ସମୟରେ ୯୦ ବର୍ଷ ବୟସରେ ବାର୍ଦ୍ଧକ୍ୟଜନିତ ରୋଗରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମଧ୍ୟମପୁତ୍ର ଶ୍ରୀବସ୍ତ ଆଚାର୍ଯ୍ୟ ଓ ପରିଚାରିକା ସୁନୀତା ଉପସ୍ଥିତ ଥିଲେ। ଆଜି ସକାଳେ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱରର ସଭାପତି ବନମାଳୀ ନାୟକ, ସଂପାଦକ ବସନ୍ତ କୁମାର ନାୟକ, ଅର୍ଥ ସଂପାଦକ ଦାମୋଦର ନାୟକ, ସଂଗଠନ ସମ୍ପାଦକ ସୁଜିତ୍ କୁମାର ଜେନା, ଉପଦେଷ୍ଟା ଧୀରେନ୍ଦ୍ର ନାରାୟଣ ଦାସ, ଲୋକନାଥ ଆଚାର୍ଯ୍ୟ ତାଙ୍କ ବାସଗୃହକୁ ଯାଇ ତାଙ୍କର ଶେଷଦର୍ଶନ କରିବା ସଂଗେସଂଗେ ମର ଶରୀରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଡିକାଲ୍ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା, ସମାଜସେବୀ ପ୍ରଫୁଲ୍ଲ କୁମାର ଦାସ, ପୃଥ୍ୱୀରାଜ ପଣ୍ଡା, ବିଶ୍ୱଦର୍ଶୀ ପଣ୍ଡା, ସରୋଜିନୀ ପଣ୍ଡା, ଲିଙ୍ଗରାଜ ପଣ୍ଡା, ପ୍ରିୟବ୍ରତ ନାୟକ, ଶୋବେନ୍ଦ୍ରନାଥ ଘୋଷ, ବ୍ରଜେନ୍ଦ୍ର ନାଥ ମହାପାତ୍ର, ଭାଗବତ ପ୍ରସାଦ ମହାନ୍ତି, ସ୍ୱର୍ଗତ ଆଚାର୍ଯ୍ୟଙ୍କର ପରିବାରର ପୀତବାସ ଆଚାର୍ଯ୍ୟ, ଶ୍ରୀନିବାସ ଆଚାର୍ଯ୍ୟ, ପ୍ରସନ୍ନ, ଶିଶିର, ରବୀନ୍ଦ୍ର, ଗଜେନ୍ଦ୍ର, ତାଙ୍କର ସଢୁ ବଳରାମ ପଣ୍ଡା, ବୈଦ୍ୟନାଥ ପଣ୍ଡା, ତାଙ୍କର ଶାଳକ ତଥା ପୂର୍ବତନ ମୁଖ୍ୟ ଚିକିତ୍ସାଧିକାରୀ ଅନୁପ ଘୋଷ, ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟ, ବାଙ୍ଗରାର ଅଧକ୍ଷ ଶଶିଭୂଷଣ କର, ପ୍ରମୋଦ ଦାସ ପ୍ରମୁଖ ଶେଷଦର୍ଶନ କରିଥିଲେ। ସ୍ୱର୍ଗତ ଆଚାର୍ଯ୍ୟ ରାଜ୍ୟ ସରକାରଙ୍କର ଅର୍ଥବିଭାଗରେ ଡେପୁଟି ସେକ୍ରେଟାରୀ ଭାବେ ୧୯୯୨ ମର୍ସହାରେ ଅବସର ଗ୍ରହଣ କରିବାପରେ ଆମ ଜିଲ୍ଲାରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କ ସମସ୍ୟାର ନିରାକରଣ ନିମନ୍ତେ



ବାଲେଶ୍ୱର ଜିଲ୍ଲା ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଗଠନରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ୧୯୯୬ରେ ଉପସଭାପତି ଓ ୨୦୦୬ରୁ ୨୦୦୮ ପର୍ଯ୍ୟନ୍ତ ଉପଦେଷ୍ଟା ଭାବେ ସୁପରାମର୍ଶ ଦେଇ ସଂଘ ପରିଚାଳନାରେ ସହାୟତା କରୁଥିଲେ। ଏତଦ୍‌ବ୍ୟତୀତ କୁରୁଡ଼ା ନିକଟବର୍ତ୍ତୀ ବାଙ୍ଗରା ଠାରେ 'ନୀଳ କଣ୍ଠେଶ୍ୱର ମହାବିଦ୍ୟାଳୟ' ପ୍ରତିଷ୍ଠା ଓ ଅନେକ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାରେ ଆର୍ଥିକ, ଶାରୀରିକ ଅବଦାନ ରଖି ଶିକ୍ଷାର ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ବାଲେଶ୍ୱରରେ ଥିବା ଅନ୍ୟ ସାମାଜିକ ସଂଗଠନରେ ମଧ ସେ ସଂଶ୍ଲିଷ୍ଟ ଥିଲେ। ଅନ୍ତିମ ସଂସ୍କାର ନିମନ୍ତେ ତାଙ୍କର ମର ଶରୀରକୁ ପୁରୀସ୍ଥିତ ସ୍ୱର୍ଗଦ୍ୱାର ନିଆଯାଇଛି। ସେଠାରେ ମୁମ୍ବାଇରେ ରହୁଥିବା ବଡ଼ପୁଅ ଓ ରାଉରକେଲାରେ ରହୁଥିବା ସାନପୁଅ ଶେଷକୃତ୍ୟରେ ସାମିଲ ହେବେ ବୋଲି ଜଣାଯାଇଛି।

# 'ମୁଁ ଦିନେ ଫେରିବି ନିଶ୍ଚୟ' ପାଠକାର୍ପିତ

ବାଲେଶ୍ୱର, ୧୬/୧୦ (ନି.ପ୍ର): 'ପୁରୁଷାକାର' ଓ 'ପୁରୁଷାର୍ଥ' ଦୁଇଟି କବିତା ସଂକଳନପରେ କବି ରଞ୍ଜନ ବାଗ୍‌ଙ୍କ ତୃତୀୟ ସଂକଳନ 'ଟାଇମ୍‌ପାସ୍' ଭୁବନେଶ୍ୱର ଦ୍ୱାରା ପ୍ରକାଶିତ 'ମୁଁ ଦିନେ ଫେରିବି ନିଶ୍ଚୟ' ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପ-୨ ପରିସରରେ ଏକ ମନୋଜ୍ଞ ଅପୂର୍ବ ସାରସ୍ୱତ ସଂଜରେ ପାଠକାର୍ପିତ ହୋଇଯାଇଛି। 'ଅତ୍ୟନ୍ତ ସରଳ, ଭାବୋଦ୍ଦୀପକ ବ୍ୟଞ୍ଜନା ସହ ସମାଜବାଦୀ ଚେତନାର ସକରାତ୍ମକ ଭିତ୍ତିଭୂମିରେ ଠିଆ କବି ରଞ୍ଜନ ବାଗଙ୍କ ଏହି କବିତା ସଂକଳନରେ ଆମ ଯନ୍ତ୍ରଣାସିକ୍ତ ସମାଜରୁ ମୁକ୍ତି ପାଇବାର ନିରବଚ୍ଛିନ୍ନ ନିଃସର୍ତ୍ତ ସ୍ୱର ଜନଗଣଙ୍କ ନିକଟତର ହେବା ଯେତିକି ଶୁଭସୂଚନା ତା'ଠୁ କବିଙ୍କର କବିତାର ସମ୍ଭାବନା ତାଙ୍କ ଅଧିକାଂଶ ସର୍ଜନାକୁ ଯଥେଷ୍ଟ ସଫଳତା ଆଣିଦେଇଛି' ବୋଲି ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ମୁଖ୍ୟଅତିଥି ପ୍ରଫେସର ଡ. ବାସନ୍ତୀ ଦେ ଏବଂ ସମ୍ମାନସ୍ୱଦ ଅତିଥି ବିଧାୟକ ସ୍ୱରୂପ କୁମାର ଦାସ ମତବ୍ୟକ୍ତ କରିଥିଲେ।




'ଚନ୍ଦ୍ରଭାଗା'ର ପ୍ରତିଷ୍ଠାତା କବି ଶ୍ରୀଦେବଙ୍କ ପୌରୋହିତ୍ୟରେ ଉପସ୍ଥିତ କବି-କଥାକାର ପ୍ରଶାନ୍ତ ଦାସ, 'ରେବତୀ'ର କାର୍ଯ୍ୟକାରୀ ସଂପାଦକ ଓ କବି କୃଷ୍ଣ କୁମାର ମହାନ୍ତି, ଫକୀରମୋହନ ସାହିତ୍ୟ ପରିଷଦର ସଭାପତି-ଗବେଷକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, 'ଅକ୍ଷାଂଶ'ର ସଂପାଦକ ଗବେଷକ-କବି ଡ. ହରିଶ୍ଚନ୍ଦ୍ର ବେହେରା, ସାହିତ୍ୟ ଏକାଡେମୀ ପୁରସ୍କୃତ କବି ବିମଳ ଜେନା, 'ମୁଁ ଦିନେ ଫେରିବି ନିଶ୍ଚୟ' କବିତାବହିର ୩୭ଟି ଯାକ କବିତା ସମୀକ୍ଷାର ସ୍ୱର ସ୍ରଷ୍ଟାଙ୍କ କଲମର କୃତି ଓ କୃତିତ୍ୱକୁ ଭୂୟସୀ ପ୍ରଶଂସା କରିଥିଲେ। ସର୍ବାଗ୍ରେ 'ମହେଶ୍ୱର ବାଗ ସ୍ମୃତି କମିଟି'ର ଆବାହକ ବିଷ୍ଣୁପ୍ରସାଦ ମହାନ୍ତି ମଞ୍ଚାସୀନ ହେବାପାଇଁ ଅତିଥି ଆମନ୍ତ୍ରଣ ଓ ସ୍ୱାଗତ ସମ୍ଭାଷଣ ଅନ୍ତେ କବିଙ୍କର ପିତା ସ୍ୱର୍ଗୀୟ ମହେଶ୍ୱର ବାଗଙ୍କ ଫଟୋଚିତ୍ରରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପାର୍ଘ୍ୟ ପ୍ରଦାନ କରାଯାଇଥିବାବେଳେ ରଞ୍ଜନ ବାଗଙ୍କ ଏକମାତ୍ର ଭିଣୋଇ ସୁଧାଂଶୁ ନାୟକଙ୍କ ଅକାଳ ବିୟୋଗରେ ସେହି ଅମର ଆତ୍ମାଙ୍କର ସଦ୍‌ଗତି କାମନା ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ କବି ରଞ୍ଜନ ବାଗଙ୍କ 'ମୁଁ ଦିନେ ଫେରିବି ନିଶ୍ଚୟ' ତୃତୀୟ କବିତା ସଂକଳନକୁ ଅତିଥିମାନଙ୍କ ଦ୍ୱାରା ଅନାବରଣ କରାଯାଇଥିଲା। କବି ରଞ୍ଜନ ବାଗ୍‌ଙ୍କ କନ୍ୟା ପ୍ରତ୍ୟାଶା ବାଗ ଉପସ୍ଥିତ ସାରସ୍ୱତପ୍ରେମୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବକାଶରେ ରଞ୍ଜନ ବାଗ୍‌ଙ୍କର ୯୪ଟି କବିତାରେ ସମୃଦ୍ଧ ପ୍ରଥମ ପୁସ୍ତକ 'ପୁରୁଷାକାର', ୪୭ଟି କବିତାରେ ସନ୍ନିବେଶିତ ଦ୍ୱିତୀୟ ସଂକଳନ 'ପୁରୁଷାର୍ଥ' ଏବଂ ସଦ୍ୟ ସମର୍ପିତ କବିତା ପୁସ୍ତକ 'ମୁଁ ଦିନେ ଫେରିବି ନିଶ୍ଚୟ' ଅନେକ ପାଠକଙ୍କ ଦ୍ୱାରା ଆଦୃତିଲାଭ କରି ବିକ୍ରି ହେଉଥିବାର ଦେଖିବାକୁ ମିଳିଥିଲା।

# ସାଇବର ସେଫଟି ଅଭିଯାନ ଉଦ୍‌ଯାପିତ




ବାରିପଦା , ୧୬/୧୦ (ନି.ପ୍ର): ଦିନକୁ ଦିନ ସାଇବର ଠକେଇ ବୃଦ୍ଧି ପାଉଥିବା ବେଳେ ସାଇବର ଠକଙ୍କୁ ଜବାବ ଦେବାକୁ ସାରା ରାଜ୍ୟରେ ପୋଲିସ ପ୍ରଶାସନ ସାଇବର ସଚେତନତା ଅଭିଯାନ ଚଲାଇଥିବା ବେଳେ, ମୟୁରଭଞ୍ଜ ପୋଲିସ ପକ୍ଷରୁ ଜିଲ୍ଲାରେ ଅକ୍ଟୋବର ୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିଥିବା ମୟୂରଭଞ୍ଜ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସେଫଟି ଅଭିଯାନ ଆଜି ସନ୍ଧ୍ୟାରେ ବାରିପଦା ଠାରେ ଉଦଯାପିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଅରକ୍ଷୀ ଅଧିକ୍ଷକ ଉମାଶଙ୍କର ମହାରଣା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଡିଭାଇନ ବୈଷୟିକ ଶିକ୍ଷନୁଷ୍ଠାନର ନିର୍ଦ୍ଦେଶକ ବିପ୍ଳବ ଭଞ୍ଜନ ବୁଗୁଡେଇ ପ୍ରମୁଖ ଯୋଗଦେଇ ସାଇବର ଅପରାଧ ରୋକିବା ଲାଗି ସଚେତନତା ପ୍ରମୁଖ ଅସ୍ତ୍ର ବୋଲି କହିଥିଲେ। ଏହି ଅବସର ରେ ସ୍କୁଲ କଲେଜ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଡ଼. ରଣଜିତ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ, କାର୍ଯ୍ୟକ୍ରମରେ ବହୁ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସହିତ ଛାତ୍ର ଛାତ୍ରୀ ଏବଂ ସଚେତନ ନାଗରିକ ଏବଂ ମହିଳା ମାନେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଲୋକଙ୍କୁ ସାଇବର ଅପରାଧ ଏବଂ ଏହାର ନିରାକରଣ ବାବଦରେ ସଚେତନ କରିଥିଲେ।

# ବାଲେଶ୍ୱର ସଦର ବିଜୁ ଯୁବ ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ୭୮ ତମ ଜନ୍ମ ଦିନ ନିରାଡ଼ମ୍ବର ଭାବେ ପାଳିତ

ବାଲେଶ୍ୱର, ୧୬/୧୦ (ନି.ପ୍ର): ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୭୭ପୂରି ୭୮ ବର୍ଷ ଚାଲିଲା,ମାତ୍ର ନିଜ ବଡ଼ ଭଉଣୀ ଗୀତା ମେହେଟାଙ୍କ ସମ୍ପ୍ରତି ଦେହାନ୍ତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନିଜ ଜନ୍ମ ଦିନକୁ ଚଳିତ ବର୍ଷ ପାଳନ କରିବେ ନାହିଁ ବୋଲି ଘୋଷଣା କରିଥିଲେ। ତେଣୁ ଆଜି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ବିଜୁ ଯୁବ ଜନତା ଦଳ ପକ୍ଷରୁ ନିରାଡ଼ମ୍ବର ଭାବେ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନକୁ ପାଳନ କରାଯାଇଛି ।ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ମିସନ ପଡିଆ ସ୍ଥିତ ଭିନ୍ନକ୍ଷମ ବିଦ୍ୟାଳୟ ଏବଂ ରାଣୀପାଟଣା ସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟରେ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ କରାଯିବା ସହ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ସହ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା ।ବିଜୁ ଯୁବ ଜନତା ଦଳ ବାଲେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀ ସଭାପତି ସେକ



ଅନସର ଏବଂ ବିଜୁ ଯୁବ ଜନତା ଦଳ ଜୋନାଲ ସାଧାରଣ ସମ୍ପାଦକ ଧ୍ରୁବେନ ନାୟକଙ୍କ ପ୍ରତ୍ୟେକ ତତ୍ତ୍ୱାବଧନରେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଉପ ନଗରପାଳ କୈଳାସ ସେଠୀ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା,ବିଧାୟକଙ୍କ ପ୍ରତିନିଧି ମନୋଜ ରାଉତ,ବିଜେଡି ନେତା ଅଶୋକ ଦାସ,କାଉନସିଲର ଆର୍ପିତା ପ୍ରିୟଦର୍ଶନୀ ପଟ୍ଟନାୟକ, ସେକ ଆୟୁବ, ସବିତାରାଣୀ ଦାସ, ସଂଧ୍ୟାରାଣୀ ଜେନା,ମିରାଜ ବାନୋ, ବିଜେଡି ଜିଲ୍ଲା ମହିଳା ସମ୍ପାଦିକା ମୋନାଲିସା ପାଣିଗ୍ରାହୀ, ବିଜେଡି ନେତ୍ରୀ ସ୍ୱାଗତିକା ବାରିକ, ସୁନିଆ ମୃମୁ, ରଂଜିତା ପଣ୍ଡା, କବିତା ବେରା,ରାଧାରାଣୀ ବେହେରା, ହରପ୍ରିୟା ମହାରଣା, ବିଜେଡି ନେତା ସାକିର ଖାନ,ଦେବାଶିଷ ଦାଶ,ସେକ ସାକିର ମହମ୍ମଦ,ଜଗନ୍ନାଥ ମହାରଣା, ଅତୁଲ ଶତପଥୀ,ଉତ୍ତମ ଦାସ, ରଂଜନ କୁମାର ଦାସ, କୌଶିକ ପଣ୍ଡା,ଅନୁପ ଚଟାର୍ଜୀ, ଅକ୍ଷୟ ନାୟକ, ହାଇଦର ଖାନ, ପ୍ରକାଶ ମହାନ୍ତି, ମୁନ୍ନା ପୃଷ୍ଟି, ତପନ ଦାସ, ଗଣେଶ ନାୟକ ପ୍ରମୁଖ ବହୁ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ପାକିସ୍ତାନରେ ପେଟ୍ରୋଲ ମୂଲ୍ୟ ୪୦ଟଙ୍କା କମିଲା

ଇସଲମାବାଦ,୧୬/୧୦ : ମହଙ୍ଗା ସହିତ ଲଢେଇ କରୁଥିବା ପାକିସ୍ତାନ ବାସିନ୍ଦାଙ୍କୁ ଆଶ୍ୱସ୍ତି । ପାକିସ୍ତାନର କାର୍ଯ୍ୟକାରୀ ସରକାର ପେଟ୍ରୋଲ ମୂଲ୍ୟରେ ୪୦ ଟଙ୍କା ଓ ହାଇସ୍ପିଡ ଡିଜେଲ ମୂଲ୍ୟରେ ୧୫ଟଙ୍କା ହ୍ରାସ କରିଛନ୍ତି । ପାକିସ୍ତାନର ଅର୍ଥ ମନ୍ତ୍ରାଳୟ ପକ୍ଷରୁ ଜାରି ହୋଇଥିବା ସୂଚନାରେ ପେଟ୍ରୋଲର ନୂଆ ମୂଲ୍ୟ ୨୮୩.୩୮ ଟଙ୍କା ଓ ଏଚଏସଡି ମୂଲ୍ୟ ୩୦୩.୧୮ ଟଙ୍କା କରାଯାଇଛି । ଏହି ନୂଆ ରେଟ୍ ଅକ୍ଟୋବର ୧୬ ମଧରାତ୍ରରୁ ଲାଗୁ ହେବ । ଅକ୍ଟୋବର ୩୧ ଯାଏ ଏହି ରେଟ ବଳବତ୍ତର ରହିବ । ଅନ୍ତର୍ଜାତୀୟ ବଜାରରେ ପେଟ୍ରୋଲ ମୂଲ୍ୟ କମିବା ପରେ ଏହି ନିଷ୍ପତ୍ତି ନିଆଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo